# ଧରିତ୍ରୀ DHARITRI


ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୪/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, September 24/2025 Page 16 | ₹ 7.00 | DHENKANAL

୫୧ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 300 | ମୂଲ୍ୟ₹୭/-








# ଆପୋସ ସମାଧାନ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱ

**ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦ର ବୈଧତାକୁ ଚ୍ୟାଲେଞ୍ଜ ନେଇ ମାମଲା**

**କଟକ,୨୩।୯(କାର୍ତ୍ତିକ ସାହୁ)**

ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦ର ବୈଧତାକୁ ଚ୍ୟାଲେଞ୍ଜ ନେଇ ରୁଜୁ ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି କରି ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଖଣ୍ଡପୀଠ ଅନ୍ତରୀଣ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ନିମନ୍ତେ ନଭେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରଣୀତ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ଆଇନଜୀବୀ କବିରାଜ ପ୍ରଧାନ ଓ ଆଇନଜୀବୀ ଡ. ବିପ୍ଲବ ଶିଳାଦିତ୍ୟ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଏହି ନିୟମ ପ୍ରଣୟନ ହେବା ଦ୍ୱାରା ଆଇନଜୀବୀମାନେ ମାମଲା କରିବା ବେଳେ ୧୦୦ ଟଙ୍କାର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଆଇନ ସେବା ବାଧାପ୍ରାପ୍ତ ହେବା ସହ ଯୁବ ଆଇନଜୀବୀମାନଙ୍କ ଉପରେ ଏହା ଅର୍ଥନୈତିକ ବୋଝ ସଦୃଶ ହେଉଛି। ପୁନଶ୍ଚ ଏହି ନିୟମ ଲାଗୁ କରିବାରେ ଅବହେଳା ପାଇଁ ଆଇନଜୀବୀ ତଥା ବାର ଆସୋସିଏଶନ ପ୍ରତି ହେଉଥିବା ଦଣ୍ଡ ବ୍ୟବସ୍ଥା ମଧ୍ୟ ଆଇନସମ୍ମତ ନୁହେଁ। ଏହା ସମ୍ବିଧାନର ବିରୋଧାଚରଣ କରୁଛି। ଏହା କରିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଆଇନଗତ ଅଧିକାର ନାହିଁ ବୋଲି ଆବେଦନରେ ଦର୍ଶାଯାଇଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ, ବାର କାଉନ୍ସିଲ ଅଫ୍ ଇଣ୍ଡିଆ, ରାଜ୍ୟ ଆଇନ ବିଭାଗ, ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ହାଇକୋର୍ଟ ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ, ରାଜସ୍ୱ ପରିଷଦ ବାର୍ ଆସୋସିଏଶନ ଆଦି ୨୦ ପ୍ରତିପକ୍ଷ ଭାବେ ମାମଲାରେ ପକ୍ଷଭୁକ୍ତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ମାନସ ଚାନ୍ଦ, ଅରୁପାନନ୍ଦ ଦାସ, ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ସଭାପତି ମନୋଜ ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଏବଂ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗା ପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟର ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ



ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଭାଜପା ରାଜ୍ୟ ସଭାପତିଙ୍କ ନୂଆପଡ଼ା ଗସ୍ତ**

**ଖଡ଼ିଆଳ,୨୩।୯ (ସୁଜିତ କୁମାର ପ୍ରଧାନ)**

ଭାରତୀୟ ଜନତା ପାର୍ଟିର ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଖଡ଼ିଆଳଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଗ୍ରସେନ ଭବନଠାରେ ଜିଲା ଭାଜପା ସଭାପତି କମଲେଶ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଭାପତି ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଭାଜପା ନିର୍ବାଚନ ପୂର୍ବରୁ ଯାହା ଘୋଷଣା କରିଥିଲା ସେସବୁ ପୂରଣ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ରାଜ୍ୟର ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ସେ ଘୋଷଣା କରିଥିଲେ। ଲକ୍ଷପତି ଦିଦିରେ ସାରା ଦେଶରେ ଓଡ଼ିଶା ପ୍ରଥମ ରହିଛି। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଏହି ଅବସରରେ ଖଡ଼ିଆଳ ୱେଷ୍ଟର୍ନ ଓଡ଼ିଶା ପବ୍ଲିକ ସ୍କୁଲରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସଭାପତି ସାମଲ ଚାରା ରୋପଣ କରିଥିଲେ। ପରେ ସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳ ବିଧାନସଭା ମଣ୍ଡଳୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଯଦୁମଣି ପାଣିଗ୍ରାହୀ ଓ ପ୍ରସନ୍ନ ପାଢ଼ୀ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ର ସିଂ ମଲ୍ଲିକ ଓ ସୁବ୍ରତ ଠାକୁର, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂହଦେବଙ୍କ ସମେତ ସମସ୍ତ ୯ଗୋଟି ମଣ୍ଡଳର ସଭାପତି ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ୟ ଦଳର ଶତାଧିକ ମହିଳାପୁରୁଷ କର୍ମୀ ଭାଜପାରେ ଯୋଗଦାନ କରିଥିଲେ।

# ଗଛ ପଡ଼ି ନାବାଳକ ଗୁରୁତର, ଉତ୍ତେଜନା

**ଖଣି ପାଇଁ ଗଛକଟା ବେଳେ ଅଘଟଣ**

**ଛେଣ୍ଡିପଦା,୨୩।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ପଞ୍ଚାୟତରେ ସୁଭଦ୍ରା କୋଇଲା ଖଣି ପାଇଁ ମଙ୍ଗଳବାର ଗଛ କଟାଯାଉଥିବା ବେଳେ ଗଛ ପଡ଼ି ବିରଞ୍ଚି ଗୋଚ୍ଛାୟତଙ୍କ ପୁଅ ବୀରେନ ଗୋଚ୍ଛାୟତ (୧୬) ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, ସୁଭଦ୍ରା କୋଇଲା ଖଣି ପାଇଁ ଛେଣ୍ଡିପଦା ଏବଂ ତାଳଚେର ତହସିଲର ୧୧୧୧.୮୫ ହେକ୍ଟର ସରକାରୀ, ବେସରକାରୀ ଜମି ଖନନ କରାଯିବା ଯୋଜନା ରହିଛି। ଏଥିପାଇଁ ଅନୁଗୋଳ, ଛେଣ୍ଡିପଦା ଓ ତାଳଚେର ବନାଞ୍ଚଳ ଅଧୀନରେ ଥିବା ୨୬୬୮ ଗଛ କାଟିବାକୁ ପ୍ରଥମ ପର୍ଯ୍ୟାୟରେ ଅନୁମତି ମିଳିଛି। ଖଣି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)କୁ ଗଛକଟା ଦାୟିତ୍ୱ ଦିଆଯାଇଛି । ତଦନୁଯାୟୀ ଓଏଫ୍‌ଡିସି ପକ୍ଷରୁ ଅନୁଗୋଳ ବନାଞ୍ଚଳରେ ଗଛ କଟାଯାଉଥିବା ବେଳେ ରାଇଝରଣ ଗ୍ରାମର ଜଣେ ନାବାଳକଙ୍କ ଉପରେ ଗଛ ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ପଠାଯାଇଛି। ଏହି ଅଘଟଣ ପାଇଁ ସ୍ଥାନୀୟ ଅଞ୍ଚଳର ସାଗର ଗୋଚ୍ଛାୟତ, ରାଜୁ ସାହୁ, ପ୍ରମୋଦ ଚନ୍ଦ୍ର ପ୍ରଧାନଙ୍କ ସମେତ ସ୍ଥାନୀୟ ଲୋକେ ଓଏଫ୍‌ଡିସି ଓ ଖଣି କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି, ବନବିଭାଗ ପକ୍ଷରୁ ଗଛ ଗଣତି କରାଯାଇ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗଛ କାଟିବା ପାଇଁ ଓଏଫ୍‌ଡିସିକୁ ଅନୁମତି ଦିଆଯାଇଛି। ଦୁର୍ଘଟଣା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଓଏଫ୍‌ଡିସି ଦାୟୀ ରହିବେ। ସୁଭଦ୍ରା କମ୍ପାନୀ ଅଧିକାରୀ ରଣା ଚୌଧୁରୀ ଏହି ଅଘଟଣ ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିବା ସହ ପଚାରି ସୂଚନା ଦେବେ ବୋଲି ପ୍ରକାଶ କରିଛନ୍ତି।

# ମସ୍ତିଷ୍କରୁ ବାହାରିଲା ୨୫୦ ଗ୍ରାମ୍‌ର ଟ୍ୟୁମର

**ଏମ୍‌କେସିଜି ମେଡିକାଲରେ ମହିଳାଙ୍କୁ ମିଳିଲା ନୂଆ ଜୀବନ**

**ବ୍ରହ୍ମପୁର,୨୩।୯(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଜଣେ ମହିଳାଙ୍କୁ ନୂଆ ଜୀବନ ମିଳିଛି। ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ତାଙ୍କ ମସ୍ତିଷ୍କରୁ ୨୫୦ ଗ୍ରାମର ଟ୍ୟୁମର ବାହାର କରିଛନ୍ତି। ମହିଳା ଜଣଙ୍କ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଅଞ୍ଚଳର ଶାନ୍ତି ମହାକୁଡ଼(୫୦)। ଆଇସିୟୁରୁ ମଙ୍ଗଳବାର ସେ ସାଧାରଣ ୱାର୍ଡକୁ ଆସିଛନ୍ତି। ଶାନ୍ତି ଏବେ ସୁସ୍ଥ ଅଛନ୍ତି ଓ କଥାବାର୍ତ୍ତା କରିପାରୁଛନ୍ତି। ମସ୍ତିଷ୍କରେ ମାଂସ ବଢ଼ିଥିବାରୁ ଶାନ୍ତି କାହାକୁ ଚିହ୍ନିପାରୁ ନ ଥିଲେ କି କିଛି ଶୁଣିପାରୁ ନ ଥିଲେ। ଏପରିକି ସେ ମାନସିକ ବିକାରଗ୍ରସ୍ତଙ୍କ ଭଳି ବ୍ୟବହାର କରୁଥିଲେ। ପରିବାର ଲୋକେ ଗତ ୧୧ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ପରୀକ୍ଷା ନିରୀକ୍ଷା ପରେ ଶାନ୍ତିଙ୍କ ମସ୍ତିଷ୍କରେ ଟ୍ୟୁମର ହୋଇଥିବା ଜଣାପଡିଥିଲା। ଗତ ୧୮ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ନ୍ୟୁରୋ ସର୍ଜରୀ ବିଭାଗୀୟ ମୁଖ୍ୟ ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ୮ ଘଣ୍ଟା ପରିଶ୍ରମ କରି ମସ୍ତିଷ୍କରୁ ମାଂସ ପିଣ୍ଡୁଳା କାଢ଼ିବାରେ ସଫଳ ହୋଇଛନ୍ତି।



ଶାନ୍ତି ମହାକୁଡ

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୪/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, September 24/2025 Page 16 | ₹ 7.00 | DHENKANAL

୫୧ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 300 | ମୂଲ୍ୟ ₹୭/-









ନୂଆଦିଲ୍ଲୀରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଅବସରରେ ମଙ୍ଗଳବାର ମାଲୟାଲମ ଫିଲ୍ମ ଅଭିନେତା ମୋହନ ଲାଲଙ୍କ ସହ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି।

# ପୁଣି ଖସିଲା ଟଙ୍କା




ଭାରତୀୟ ଟଙ୍କା ଦିନକୁ ଦିନ ଅବମୂଲ୍ୟାୟନର ନୂଆ ରେକର୍ଡ ଭାଙ୍ଗିବାରେ ଲାଗିଛି। ମଙ୍ଗଳବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କା ୮୮.୭୯ ସ୍ତରକୁ ଖସିଥିଲା। ତେବେ କାରବାର ଶେଷରେ ଏହା ୪୭ ପଇସା (୦.୫୨%) ହ୍ରାସ ସହ ୮୮.୭୫ରେ ସ୍ଥିର ରହିଛି। ଚଳିତବର୍ଷ ଟଙ୍କାର ପ୍ରଦର୍ଶନରେ ୩.୫%ରୁ ଅଧିକ ହ୍ରାସ ଘଟିଲାଣି, ଯାହାକି ଏସିଆର ଅନ୍ୟ ମୁଦ୍ରାଗୁଡ଼ିକ ତୁଳନାରେ ନିକୃଷ୍ଟ ବୋଲି କୁହାଯାଉଛି। ଟଙ୍କାର ସଦ୍ୟତମ ଦୁର୍ବଳତା ପାଇଁ ଭାରତୀୟ ସାମଗ୍ରୀ ଉପରେ ଆମେରିକୀୟ ଟାରିଫ୍ ଚାପ ଏବଂ ଏଚ୍-୧ବି ଭିଜା ଫି ବୃଦ୍ଧିକୁ ଦାୟୀ କରାଯାଉଛି। ଏହାବାଦ୍ ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଲଗାତର ମୁହଁ ଫେରାଉଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ହସ୍ତକ୍ଷେପ ଟଙ୍କାର ଅଣ୍ଟା ସଳଖାଇବାରେ ବିଶେଷ ସହାୟକ ହେଉ ନ ଥିବା କୁହାଯାଉଛି।

ମୁମ୍ବାଇ,୨୩।୯

ଆମେରିକୀୟ ଡଲାର ତୁଳନାରେ ମଙ୍ଗଳବାର ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୪୭ ପଇସା ହ୍ରାସ ପାଇ ୮୮ ଟଙ୍କା ୭୫ ପଇସାରେ ପହଞ୍ଚିଛି। ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଲାଗିରହିଥିବାବେଳେ ଆମେରିକାର ଏଚ୍-୧ବି ଭିଜା ଦେୟ ବୃଦ୍ଧି ଭାରତୀୟ ଆଇଟି ସେବା ରପ୍ତାନିକୁ ବଡ଼ ଝଟକା ଦେବା ଆଶଙ୍କା କରାଯାଉଥିବାରୁ ଏହା ଟଙ୍କା ମୂଲ୍ୟକୁ ପ୍ରଭାବିତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦ ଜରିମାନାକୁ ମିଶାଇ ୫୦% ଟାରିଫ୍ ଲଗାଇଥିଲେ। ଏହାବାଦ୍ ଟ୍ରମ୍ପ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ଏଚ୍-୧ବି ଭିଜା ଫି ୧ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)କୁ ବୃଦ୍ଧି କରିଛନ୍ତି। ଏଥିଯୋଗୁ ଆମେରିକାରେ ବସବାସ କରୁଥିବା ଭାରତୀୟମାନେ ସ୍ୱଦେଶକୁ ପଠାଉଥିବା ଅର୍ଥ ପରିମାଣ ଆଗକୁ ହ୍ରାସ ପାଇବ। ଏଥିସହିତ ଆମେରିକାକୁ ଭାରତର ସେବା ରପ୍ତାନି ମଧ୍ୟ ପ୍ରଭାବିତ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଘରୋଇ ବଜାରରେ ସମ୍ଭାବ୍ୟ ବିପଦରୁ ବର୍ତ୍ତିବା ପାଇଁ ଟଙ୍କା ଉପରେ ଚାପ ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ମଙ୍ଗଳବାର କାରବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୮.୪୧ ରହିଥିବାବେଳେ ଏଥିରେ ଆହୁରି ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତର ୮୮.୭୯ରେ ପହଞ୍ଚିଥିଲା। କାରବାର ଶେଷ ସୁଦ୍ଧା ଏହା ୮୮ ଟଙ୍କା ୭୫ ପଇସାରେ ସ୍ଥିର ରହିଛି, ଅର୍ଥାତ୍ ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୪୭ ପଇସା କମ୍ ରହିଛି। ଆମେରିକା ଭିଜା ଦେୟ ବୃଦ୍ଧି ଘରୋଇ ବଜାର ମନୋଭାବକୁ କ୍ରମାଗତ ନିରୁତ୍ସାହିତ କରିବା ଆଶଙ୍କା ଥିବାରୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ମଧ୍ୟ ଜାରି ରହିବ। ତେବେ ଅଶୋଧିତ ତୈଳର ବୈଶ୍ୱିକ ମୂଲ୍ୟ ହ୍ରାସ ଘରୋଇ ମୁଦ୍ରାକୁ ସମର୍ଥନ ଦେଇପାରେ ବୋଲି କରେନ୍ସି ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ ଅନୁମାନ କରିଛନ୍ତି। ଏଥିସହିତ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ମଧ୍ୟ ନିମ୍ନସ୍ତରରେ ଥିବା ଟଙ୍କାକୁ ସହାୟକ ହୋଇପାରେ ବୋଲି ସେ କହିଛନ୍ତି। ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ ବିଦେଶୀ ନିବେଶକମାନେ ସୋମବାର ୨,୯୧୦.୦୯ କୋଟି ଟଙ୍କା ମୂଲ୍ୟର ଶେୟାର ପ୍ରତ୍ୟାହାର କରିନେଇଥିଲେ। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ବର୍ଦ୍ଧିତ ଟାରିଫ୍ ନିବେଶକଙ୍କ ମନୋଭାବକୁ ପ୍ରଭାବିତ କରିଥିବା ଫରେକ୍ସ ଟ୍ରେଡର କହିଛନ୍ତି।

# ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା

ନୂଆଦିଲ୍ଲୀ,୨୩।୯

**ମୋହନଲାଲଙ୍କୁ ଦାଦାସାହେବ ଫାଲ୍‌କେ ଆୱାର୍ଡ**

## ରାଣୀ ମୁଖାର୍ଜୀ ବେଷ୍ଟ ଆକ୍ଟ୍ରେସ୍

## 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବୁଧବାର ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହର ଆୟୋଜନ ହୋଇଛି। ବିଭିନ୍ନ ଶ୍ରେଣୀରେ ବିଜେତା କଳାକାରମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରିଛନ୍ତି। ନିଜ ୩୩ ବର୍ଷର ଲମ୍ବା କ୍ୟାରିୟରରେ ଅଭିନେତା ଶାହରୁଖ ଖାନ୍‌ଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଶାହରୁଖ ଏବଂ ଅଭିନେତା ବିକ୍ରାନ୍ତ ମେସି ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏଟଲି କୁମାରଙ୍କ ନିର୍ଦ୍ଦେଶିତ 'ଯୱାନ' ଫିଲ୍ମ ପାଇଁ ଶାହରୁଖ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଫିଲ୍ମ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେହିପରି ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭଥ୍ ଫେଲ୍' ଫିଲ୍ମ ପାଇଁ ବିକ୍ରାନ୍ତ ମଧ୍ୟ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାତେଇଛନ୍ତି। ଶ୍ରେଷ୍ଠ ଫିଚର ଫିଲ୍ମ (ହିନ୍ଦୀ) ଭାବେ ମଧ୍ୟ 'ଟୁଏଲ୍‌ଭଥ୍ ଫେଲ୍' ଫିଲ୍ମ ପୁରସ୍କୃତ ହୋଇଛି। ଅସୀମା ☞ ପୃଷ୍ଠା-୨

# ରାଇରଙ୍ଗପୁରରେ ହେବ ଆୟୁର୍ବେଦିକ୍ କଲେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)

ଆୟୁର୍ବେଦ ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆୟୁର୍ବେଦ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇପାରିବ। ଚଳିତବର୍ଷ ଉଭୟ ରାଜ୍ୟ ଓ ଭାରତ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରଠାରେ ଏକ ନୂତନ ଆୟୁର୍ବେଦିକ୍ କଲେଜ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧୀନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି। ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି। ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର ବିଭିନ୍ନ ଜିଲା ଆୟୁର୍ବେଦିକ୍ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ସୂଚନା ଭବନରେ ଜାତୀୟ ଆୟୁର୍ବେଦ ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ମଙ୍ଗଳବାର ରାଜ୍ୟ ସୂଚନା ଭବନରେ ରାଜ୍ୟସ୍ତରୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ୩ଟି ସରକାରୀ ☞ ପୃଷ୍ଠା-୨

# ରତ୍ନଭଣ୍ଡାରକୁ ଫେରିଲା ରତ୍ନ

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

**ସ୍ଥାନାନ୍ତର ପାଇଁ ଲାଗିଲା ୪ ଘଣ୍ଟା**


ଶ୍ରୀମନ୍ଦିର ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ତେଣୁ ମଙ୍ଗଳବାର ଅସ୍ଥାୟୀ ରତ୍ନଭଣ୍ଡାରରୁ ମୂଳ ତଥା ସ୍ଥାୟୀ ରତ୍ନଭଣ୍ଡାରକୁ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତରିତ ହୋଇଛି। ପ୍ରାୟ ୪ଘଣ୍ଟା ଧରି ଅଳଙ୍କାର ସ୍ଥାନାନ୍ତର କାର୍ଯ୍ୟ ଚାଲିଥିଲା। ଏହି ସମୟରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ପାଇଁ ଗଠନ କରାଯାଇଥିବା ୧୧ ଜଣିଆ କମିଟି ଯଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଏଏସ୍ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ାଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଜଷ୍ଟିସ ବିଶ୍ୱନାଥ ରଥ, ମଧୁ ସୁଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକଙ୍କ ସହିତ ଅତିରିକ୍ତ ମୁଖ୍ୟମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କାର୍ଯ୍ୟ ସରିଯାଇଛି। ଅଳଙ୍କାର ଗଣତିମଣତି କେବେ ହେବ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ମାନହାନି

# 'ବୋଉ ବୁଟୁ ଭୂତ'ର ରିମେକ୍ କରିବେ କରନ୍ ଜୋହର

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)



ଓଡ଼ିଆ ଚଳଚ୍ଚିତ୍ର 'ବୋଉ ବୁଟୁ ଭୁତ'ର ହିନ୍ଦୀ ରିମେକ୍ କରାଯିବ। ପ୍ରଥମ ଥର ପାଇଁ କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏହି ଓଡ଼ିଆ ବ୍ଲକବଷ୍ଟର ଚଳଚ୍ଚିତ୍ରର ରିମେକ୍ କରିବ। ଚଳଚ୍ଚିତ୍ରର ରିମେକ୍ ରାଇଟ୍ ହାସଲ କରିବା ପାଇଁ ପ୍ରଡକ୍ସନ ହାଉସ୍ ପକ୍ଷରୁ ନୋଟିସ୍ ସାର୍ବଜନୀନ କରାଯାଇଛି। ଏହା ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ତଥା ସମ୍ପୂର୍ଣ୍ଣ ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଗର୍ବର କଥା ବୋଲି କୁହାଯାଇଛି। ମରାଠୀ, ଗୁଜୁରାଟୀ ଏବଂ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ରିମେକ୍‌ରେ ସଫଳତାର ପାଇବା ପରେ ବଲିଉଡ ଏବେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଆଡ଼କୁ ମୁହାଁଇଛି। ପ୍ରଡକ୍ସନ୍‌ର ଚିଫ୍ ଲିଗାଲ୍ ଅଫିସର ରାଖୀ ବାଜପେୟୀ ତିୱାରୀଙ୍କ ଦ୍ୱାରା ଫିଲ୍ମ ପତ୍ରିକାରେ ରିମେକ୍ ରାଇଟ୍ ନେଇ ସୂଚନା ଦିଆଯାଇଛି।

ଏଥିରେ କୁହାଯାଇଛି ଯେ, 'ବୋଉ ବୁଟୁ ଭୂତ'ର ଭାରତୀୟ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାରେ ରିମେକ୍ କରିବାର ଅଧିକାର ପାଇବାକୁ ଯାଉଛି। ଫଳରେ ଧର୍ମା ପ୍ରଡକ୍ସନ ଏହାର ପ୍ରଯୋଜନା, ବିତରଣ କରି ବହୁବିଧ ମିଡିଆ ଓ ବିଭିନ୍ନ ମଞ୍ଚରେ ଏହାକୁ ପ୍ରଦର୍ଶିତ କରିବ। ଏହାର ଡବିଂ ଓ ସବ୍-ଟାଇଟଲ୍ ସବୁ ଭାଷାରେ କରାଯିବ। ବାବୁସାନ୍ ଫିଲ୍ମ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏହି ଫିଲ୍ମ ନିର୍ମାଣ ହୋଇଛି ଓ ଏହା ନିକଟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ରହିଛି। ଯେକୌଣସି ଆଗ୍ରହୀ ପକ୍ଷଙ୍କର ଏହି ଫିଲ୍ମର ଅଧିକାର ଉପରେ ଦାବି ଥିଲେ ୧୫ ଦିନ ମଧ୍ୟରେ ଜଣାଇବାକୁ କୁହାଯାଇଛି, ଅନ୍ୟଥା ସେମାନଙ୍କ ଅଧିକାର ନ ଥିବା ବିବେଚନା କରାଯିବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜୁନ୍ ୧୨ରେ ବୋଉ ବୁଟୁ ଭୂତ ଫିଲ୍ମ ମୁକ୍ତିଲାଭ କରିବା ପରେ ଏହା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଜଗତରେ ଚହଳ ପକାଇଥିଲା। 'ହାଉସ୍‌ଫୁଲ-୫' ଏବଂ 'ସିତାରେ ଜମିନ୍ ପର୍' ଫିଲ୍ମ ସହିତ ପ୍ରତିଦ୍ୱନ୍ଦିତା କରି ଏହି ହରର୍-ଥ୍ରୀଲର୍-କମେଡି ଫିଲ୍ମ ଓଡ଼ିଆ ଚଳଚ୍ଚିତ୍ରରେ ସର୍ବକାଳୀନ ଆୟକାରୀ ରେକର୍ଡ ହାସଲ କରିଛି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭିଲେଜ୍ ରିସୋର୍ସ ପର୍ସନ୍ ସଂଘ ଏଆଇସିସିଟିୟୁ ପକ୍ଷରୁ ୭ଦଫା ଦାବିରେ ବିଧାନସଭା ଘେରାଉ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତ ଚିନ୍ତନ ମଞ୍ଚ ପକ୍ଷରୁ ୨୧୦ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ୮ମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

**ବାଲେଶ୍ୱର**
- ବିଶ୍ୱ ଡାଇବେଟିସ୍ ମୁକ୍ତ ସଚେତନତା ଶିବିର,ସ୍ଥାନ:ଏନ୍‌ଏସି କଲ୍ୟାଣମଣ୍ଡପ, ନୀଳଗିରି,ସମୟ:ସକାଳ ୯ଟା।
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ତୃତୀୟ ଦିବସ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଏନ୍‌ଏଫ୍‌ଏସ୍‌ଏ ଜନ ଶୁଣାଣି ଶିବିର,ସ୍ଥାନ:ବ୍ଲକ ସଭା ଗୃହ, ଖଇରା,ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ,ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

**ଭଦ୍ରକ**
- ରକ୍ତଦାନ ଶିବିର, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ କ୍ୟାଡର ୟୁନିୟନ ପକ୍ଷରୁ ଗଣଧାରଣା, ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୧ତମ ଉର୍ସ ଇ କାଦ୍ରୀୟା ପାଳନ, ସ୍ଥାନ: ଖାନ୍‌କା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ପଦଯାତ୍ରା ଓ ସଫେଇ ଅଭିଯାନ, ସ୍ଥାନ: ହରିହର ମନ୍ଦିର ଠାରୁ ନୂଆ ବସଷ୍ଟାଣ୍ଡ, ବଡବିଲ, ସମୟ : ସକାଳ ୭ଟା।
- ଜିଏସ୍‌ଟି ଅପ୍‌ଡେଟ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ:କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ରିତ କାଳ ସାଂସ୍କୃତିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- କଳା ଓ କଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ଚାରାରୋପଣ, ସ୍ଥାନ: ଗୋପାଳପୁର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେ.ପି. ବିଜ୍ଞାନ କଲେଜ, ଲଙ୍ଗଳେଶ୍ୱର, ଖଲ୍ଲିକୋଟ, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର,ସ୍ଥାନ: ବୁଗୁଡ଼ା ବ୍ଲକ ତାକରଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଏଏପି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କପିଳାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମମତା ମଣ୍ଡପ, ମହାବୀର ବଜାର, ସମୟ: ଅପରାହ୍ନ ୫ଟା ୩୦।

**ଜଗତ୍‌ସିଂହପୁର**
- ହିନ୍ଦୀ ପକ୍ଷ ଉପରେ ଛାତ୍ରୀମାନଙ୍କୁ ନେଇ ପ୍ରତିଯୋଗିତା, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ବିଶ୍ୱକର୍ମାଙ୍କ ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ବିସର୍ଜନ ପୁଷ୍କରିଣୀ, ନୂଆବଜାର ପାଖ ବେଳାଭୂମି, ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ଚିଦାନନ୍ଦ ସରସ୍ୱତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ:ସ୍ୱାମୀ ଶିବାନନ୍ଦ ଆଶ୍ରମ, ଗରାପୁର, ସମୟ:ପ୍ରାତଃ ୫ଟା।
- ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଏନ୍‌ଏମ୍ ଆଇଟିଆଇ, ଖମୋଳ ଛକ, ଡେରାବିଶ, ସମୟ:ସକାଳ ୮ଟା।
- ବିଜୟ ମହାପାତ୍ରଙ୍କ ଜନ୍ମ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ:ତଳକୁସୁମା, ଗରଦପୁର, ସମୟ: ସକାଳ ୯ଟା।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗର କ୍ୟାମ୍ପ କୋର୍ଟ, ସ୍ଥାନ:ସର୍କିଟ ହାଉସ୍, ତରାଣ୍ଡୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

**ଯାଜପୁର**
- ସତ୍ୟସାଇ ସେବା ସମିତି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ନବରାତ୍ର ପୂଜା ଓ ଦଶହରା ଉତ୍ସବ, ସ୍ଥାନ: ସତ୍ୟସାଇ ମନ୍ଦିର ପରିସର, ସମୟ: ସକାଳ ୮ଟା୩୦।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପନ,ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଓ ବାର୍ଷିକ ଉତ୍ସବରେ ଷୋଡଶ ଉପଚାର ପୂଜା ଏବଂ ରଥ ଚାଳନା, ସ୍ଥାନ: ଯାଜପୁର ବିରଜା ମନ୍ଦିର ପରିସର, ସମୟ : ଅପରାହ୍ନ ୩ଟା୩୦।

**ନୟାଗଡ଼**
- ଷୋଡଶ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ:ରଣପୁର ବ୍ଲକ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଏକାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ୨ୟ ଦିବସରେ ଅଙ୍କୁରାରୋପଣ ଓ ଅଗ୍ନି ସଂସ୍ଥାପନ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ସକାଳ ୮ ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ବାଣିକିଲୋ, ଲୋଧଚୁଆ ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ଶ୍ରବଣ ବାଧିତ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: ଖଣ୍ଡପଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯକ୍ଷ୍ମାରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ, ସ୍ଥାନ: ଜେମାଦେଇପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବିମଳାଙ୍କ ଷୋଡଶ ପୂଜାର ଏକାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଷୋଡଶ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକସ୍ତରୀୟ କ୍ରୀଡ଼ା ଚୟନ ପ୍ରତିଯୋଗିତା, ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡ଼ିଆ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ପୌର ପରିଷଦର ସାଧାରଣ ବୈଠକ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ତହସିଲ ପ୍ରଶାସନ ତରଫରୁ ଶିକ୍ଷାନୁଷ୍ଠାନଗୁଡିକୁ ଜମିପଟ୍ଟା ବଣ୍ଟନ, ସ୍ଥାନ: ନନ୍ଦପୁର ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ଉପଲକ୍ଷେ ଲାଖ ବିନ୍ଧା ପର୍ବ, ସ୍ଥାନ: କାକିରିଗୁମା, ଲକ୍ଷ୍ମୀପୁର, ସମୟ: ଅପରାହ୍ନ ୪ଟା।
- କୋରାପୁଟ ଜିଲା କଫି ଟ୍ରଷ୍ଟର ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ମାଲକାନଗିରି**
- ଜିଲା ଶିଳ୍ପ ବିଭାଗ ତରଫରୁ ମହିଳାଙ୍କୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ତାଲିମ, ସ୍ଥାନ: ଜୟପୁରିଆଗୁଡା, ମାଲକାନଗିରି ସଦର ମହକୁମା, ସମୟ: ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ନବରାତ୍ର ଦୁର୍ଗାପୂଜା ଅବସରରେ ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ (ରୁଗୁଡିପଡା, ଶାନ୍ତିପଡା, ଟିକ୍ରାପଡ଼ା, ପିପି ଏକାଡେମୀ, ବିକ୍ରମ ଛକ ପେଲେସ ଲାଇନ୍), ବଲାଙ୍ଗୀର, ସମୟ: ସକାଳ ୭ଟା।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଭଗବତୀନଗର, ବଲାଙ୍ଗୀର, ସମୟ: ସକାଳ ୭ଟା।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ସ୍ଥାନ: ହୋଟେଲ ପଦ୍ମନ ପ୍ଲାଜା, ବଲାଙ୍ଗୀର,ସମୟ: ଅପରାହ୍ନ ୫ଟା ୧୫।

**ରାଉରକେଲା**
- ନବରାତ୍ରି ପୂଜା ଆରମ୍ଭ, ସ୍ଥାନ: ଜଗଦା ମାଁ ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା
- ସିଟୁ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିର୍ସା ଛକ, ସମୟ: ସକାଳ ୮ଟା।
- ରାଉରକେଲା ମହାନଗର ନିଗମ ପକ୍ଷରୁ ସଫେଇ ଅଭିଯାନ, ସ୍ଥାନ: ସହରାଞ୍ଚଳ, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଓସିଓଏଲ୍‌ଇ ଆନ୍ତଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରାଉରକେଲା ଏନ୍‌ଆଇଟିର କମ୍ପ୍ୟୁଟର ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଭାଷାର ସରଳୀକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର କ୍ଲବ, ଉଦିତନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ ରୋଟାରୀ କ୍ଲବ ପକ୍ଷରୁ ନୂଆଖାଇ ଭେଟଘାଟ, ସ୍ଥାନ:ପାର୍ବତୀ ରେସିଡେନ୍ସି, ସମୟ, ସନ୍ଧ୍ୟା ୭ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସମୀକ୍ଷା ଉପରେ ଜନଶୁଣାଣି, ସ୍ଥାନ: କୋକସରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ଜିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୀରବତୀ ସାହୁଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଗଣଧାରଣା, ସ୍ଥାନ: କେସିଙ୍ଗା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସ୍ୱଚ୍ଛତା ହିଁ ସେବା ଅନ୍ତର୍ଗତ 'ଏକକ ବ୍ୟବହାର ପ୍ଲାଷ୍ଟିକକୁ ନା କୁହନ୍ତୁ' ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ସାପ୍ତାହିକ ହାଟ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ପୂଜା ତୃତୀୟ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମା' ସୁରେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: କର୍ଡପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ମତ୍ସ୍ୟ ଚାଷ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୋନପୁର ଫିସ୍ ଫାର୍ମ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ରର ତୃତୀୟ ଦିବସ ପୂଜାର୍ଚ୍ଚନା,ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଥିକ ସଚେତନତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ,ସ୍ଥାନ: ସୁବଳୟା କଲ୍ୟାଣ ମଣ୍ଡପ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ ଟା ୩୦
- ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ, ଡୁଙ୍ଗୁରିପାଲି ବ୍ଲକ, ସମୟ: ୧୦ଟା ୩୦।

**ନୂଆପଡ଼ା**
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ ଟା।
- ନବରାତ୍ର ପୂଜା, ମା' ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକରିବା ହିତକର ହେବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଜନିତ ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ବନ୍ଧୁମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ସାମୟିକ ଅସ୍ଥିରତାର କାରଣ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ପରିବାରର ଆବଶ୍ୟକତାକୁ ପାସୋରି ଦେଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟରୁ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ସାଙ୍ଗସାଥୀ ମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ଶିକ୍ଷା, ପରୀକ୍ଷା ଓ ସାକ୍ଷାତ୍‌କାର ପ୍ରଭୃତି କ୍ଷେତ୍ରରେ ଶୀର୍ଷସ୍ଥାନ ଅଳଂକୃତ କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାରର ସୁବିଧା ହାସଲ କରି କାର୍ଯ୍ୟ ସାଧନ କରିବେ। ବାଣିଜ୍ୟ, ଶିଳ୍ପ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପଡ଼ୋଶୀଙ୍କ ଅବଦାନ ରହିବ। ନିଜ ଜିଦ୍‌କୁ ପ୍ରାଧାନ୍ୟ ଦେଇ ପରିବାରରେ କଳହଜନିତ ବିତର୍କ ଲାଗିପାରେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ଯେତେ ସୁବିଧା କଲେ ମଧ୍ୟ ଅନ୍ୟମାନଙ୍କ ଭୁଲ୍‌ଧାରଣା ହଠାତ୍ ବଦଳି ନ ପାରେ। ଯାତ୍ରା କାଳରେ ସତର୍କରେ ନ ଚଳିଲେ ବିବାଦରେ ପଡ଼ିପାରନ୍ତି। ସଭାସମିତିରେ, ସାହିତ୍ୟାଲୋଚନା, କଳାସଂସ୍କୃତି ସଙ୍ଗକୁ ବୈଷୟିକ କ୍ଷେତ୍ରରୁ ଉପକୃତ ହେବେ। ଆକସ୍ମିକ ଭାବରେ ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା**
ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିପାରନ୍ତି।

**ତୁଳା**
କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ପରିବାରରେ ଶାନ୍ତି ବଜାୟ ରଖିବା ସକାଶେ ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ। କଳା, କ୍ରୀଡା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହୋଇପାରନ୍ତି।

**ବିଛା**
ଆଜି ବନ୍ଧୁଙ୍କୁ ଆପଣେଇ ନେବା ସଙ୍ଗକୁ ଲକ୍ଷ୍ୟହାସଲରେ ଅସୁବିଧା ହେବନାହିଁ। ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନ୍‌ସନ୍ ବଢ଼ିପାରେ। ଦୀର୍ଘଦିନ ପରେ ମକଦ୍ଦମାରେ ବିଜୟ ଆଶା ଯୋଗୁ ଉତ୍‌ଫୁଲ୍ଲିତ ହେବେ।

**ଧନୁ**
କୌଶଳପୂର୍ଣ୍ଣ କଥା ମାଧ୍ୟମରେ ବନ୍ଧୁଙ୍କୁ ମନାଇ, ଅର୍ଥ ପ୍ରଲୋଭନ ଦ୍ୱାରା କାମ ହାସଲ କରିପାରିବେ। ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ହଠାତ୍ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି। ଅର୍ଥସଙ୍କଟ ଯୋଗୁ ପରିବାରର ଖର୍ଚ୍ଚକାଟର ବ୍ୟବସ୍ଥା କରିପାରନ୍ତି।

**ମକର**
ଆତ୍ମୀୟସ୍ୱଜନଙ୍କ ବେଖାତିର ଓ ତ୍ରୁଟିକଟୁ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ। ଯାତ୍ରାକାଳୀନ ଯାନ ବାହନରେ ସତର୍କ ରହିବା ଭଲ ହେବ, ଅନ୍ୟଥା ସମସ୍ୟା ଆସିପାରେ। ସଭାସମିତିରେ ବନ୍ଧୁମାନଙ୍କ ସହ ମତ ପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବାର ସୂଚନା ରହିଛି।

**କୁମ୍ଭ**
ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିଲେ ପଶ୍ଚାତ୍ତେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ।

**ମୀନ**
ସକାଳୁ ଦୀର୍ଘଦିନରୁ ଅପେକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହେବେ। ସାମାଜିକ ସ୍ତରରେ ନିଜର ଲୋକ ମାନଙ୍କ ଚାଲି ଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ଋଣ ପରିଶୋଧ କରିପାରିବେ ନାହିଁ।

ଆଜି ସେପ୍ଟେମ୍ବର ୨୪ ତାରିଖ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୯ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୮ମି. ଗତେ ଘ.୦୧.୦୮ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ରାଇରଙ୍ଗପୁରରେ ହେବ...

ଆୟୁର୍ବେଦିକ୍ କଲେଜ, ୪ଟି ସରକାରୀ ହୋମିଓପାଥିକ୍ କଲେଜ, ୫ଟି ସରକାରୀ ଆୟୁର୍ବେଦିକ୍ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ଅଛି। ଏହାବ୍ୟତୀତ ବର୍ତ୍ତମାନ ୧ହଜାର ୧୯୧ଟି ଆୟୁଷ ଡିସ୍ପେନ୍‌ସାରି ଚାଲିଛି। ଏଥିମଧ୍ୟରେ ୬୨୦ଟି ଆୟୁର୍ବେଦିକ୍, ୫୬୨ଟି ହୋମିଓପାଥିକ ଓ ୯ଟି ୟୁନାନି ଡିସ୍ପେନ୍‌ସାରି ଅଛି। ନ୍ୟାଶନାଲ୍ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି। ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ। ଆୟୁର୍ବେଦ ଓ ଯୋଗ ଆମକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ। ଆମ ରାଜ୍ୟରେ ଆୟୁର୍ବେଦ ଶିକ୍ଷା, ଅନୁସନ୍ଧାନ ଓ ଚିକିତ୍ସାକୁ ନେଇ ଉଦ୍ୟମ କରାଯାଇଛି। ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟରକ୍ଷା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଲେ, ଆୟୁଷ ବିଭାଗ ମାଧ୍ୟମରେ ଗ୍ରାମ ଓ ସହର ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ଚଳିତବର୍ଷ ଅଦ୍ୟାବଧି ପ୍ରାୟ ୨ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନିଉଜ୍ ଲେଟର ଉନ୍ମୋଚିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ୍. ସ୍ୱାଗତ ଭାଷଣ ଏବଂ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରସକୁ ରସେ ରସିଆ**
**ଘାସକୁ ରସେ ଗାଈ**
**ହରିନାମକୁ ଭକତ ରସେ**
**ଦୁନିଆ ରସେ ମାଈ।**

ଯେପରି ରସିକ ରସ ରସିଥାଏ ସେପରି ଗାଈକୁ ଘାସ ରସ ଭଲ ଲାଗିଥାଏ। ସେହିପରି ଭାବେ ଭକ୍ତକୁ ହରିନାମର ରସ ଅତ୍ୟନ୍ତ ପ୍ରୀତ ଲାଗୁଥିବାବେଳେ ନାରୀ ଦୁନିଆକୁ ଆସକ୍ତ କରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ରସିକ ଯାଉଛି ବନ୍ଧରେ;**
**ବଣ ମଲ୍ଲିଫୁଲ ପାଚିଲା ଗାମୁଛା**
**ପଶି ହେଉନାହିଁ ଗନ୍ଧରେ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ତୁଚ୍ଛାକୁ ରସିକିଆପଣ ଦେଖାଇହେଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରତ୍ନଭଣ୍ଡାରକୁ ଫେରିଲା...

ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତିନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଭୋର ୪ ଟାରୁ ଦ୍ୱାର ଖୋଲା ଯିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ୪୦ ମିନିଟ୍ ବିଳମ୍ବରେ ଅର୍ଥାତ ଭୋର ୪ଟା ୪୦ରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ନୀତିସମ୍ପାଦନ ହୋଇଥିଲା। ଭକ୍ତମାନେ ଶ୍ରୀମନ୍ଦିର ମଧ୍ୟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ରତ୍ନ ଅଳଙ୍କାର ସ୍ଥାନାନ୍ତରକୁ ଦୃଷ୍ଟିରେ ରଖି ସକାଳ ୯ଟା ୩୦ରୁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପ୍ରାୟ ୧୦ଟା ସମୟରେ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଓ ଅନ୍ୟ ସଦସ୍ୟମାନେ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଭିତରକୁ ପ୍ରବେଶ କରିଥିଲେ। ତେବେ ମାହେନ୍ଦ୍ର ବେଳା ଅନୁସାରେ ସକାଳ ୭ଟା ୧୭ରୁ ଦିନ ୧୧ଟା ୧୭ ମଧ୍ୟରେ ରତ୍ନ ଅଳଙ୍କାରର ସ୍ଥାନାନ୍ତର ପ୍ରକ୍ରିୟା ଥିବା ହେତୁ ପୂର୍ବାହ୍ନ ୧୦ଟା ୫୫ ମିନିଟରେ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ଟ୍ରେଜେରିରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖଟଶେଯ ଘର ଖୋଲାଯାଇ ଥିଲା। ପରେ ସମସ୍ତ ବହୁମୂଲ୍ୟ ସାମଗ୍ରୀ ସେଠାରୁ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରକୁ ଦୁଇଟି ତାଲା ପକାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା ଏବଂ ସମ୍ପୃକ୍ତ ଚାବି ଜିଲା ଟ୍ରେଜେରିରେ ଜମା ଦିଆଯାଇଛି। ଏହା ପରେ ବ୍ୟବସ୍ଥା ଅନୁସାରେ, ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ୩ଟି ଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଅପରାହ୍ନ ୨ ଟା ୫୫ ମିନିଟ୍ ସମୟରେ ସ୍ଥାନାନ୍ତର କାର୍ଯ୍ୟ ଶେଷ ହୋଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି ମଧ୍ୟ କରାଯାଇଛି। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବାପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ସ୍ଥାନାନ୍ତର ପରେ ଦର୍ଶନ ସ୍ୱାଭାବିକ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ନିୟମାବଳୀ-୧୯୬୦ ଏବଂ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ସ୍ଥାନାନ୍ତର କାର୍ଯ୍ୟ ସମ୍ପାଦିତ ହୋଇଛି।

ସୂଚନାଯୋଗ୍ୟ, ୨୦୨୪ ରଥଯାତ୍ରା ସମୟରେ ମରାମତି ଓ ସଂରକ୍ଷଣ ଉଦ୍ଦେଶ୍ୟରେ ମୂଳ ରତ୍ନଭଣ୍ଡାର(ଉଭୟ ବାହାର ଏବଂ ଭିତର) ଅଳଙ୍କାର ତଥା ସାମଗ୍ରୀ ଅସ୍ଥାୟୀ ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଭାବରେ ଖଟ ଶେଜ ଘର (ଭିତର) ଏବଂ ଚାଙ୍ଗଡ଼ା ଓ ଫୁଲ ଘର (ବାହାର ଭଣ୍ଡାର)କୁ ସ୍ଥାନାନ୍ତରିତ ହୋଇଥିଲା। ପରେ ଗତ ଜୁଲାଇ ୭ ତାରିଖରେ ଏଏସ୍‌ଆଇ ପକ୍ଷରୁ ମୂଳ ରତ୍ନଭଣ୍ଡାର(ଉଭୟ ବାହାର ଏବଂ ଭିତର) ମରାମତି ତଥା ସଂରକ୍ଷଣ ଶେଷ ହୋଇଥିବାବେଳେ ଏବେ ଅସ୍ଥାୟୀ ଭଣ୍ଡାରରୁ ସମସ୍ତ ବହୁମୂଲ୍ୟ ସାମଗ୍ରୀ ସ୍ଥାୟୀ ଭାବେ ମୂଳ ରତ୍ନଭଣ୍ଡାରକୁ ନିଆଯାଇଛି। ସ୍ଥାନାନ୍ତର ପୂର୍ବରୁ ଗତ ୧୯ ତାରିଖରେ, ନୂଆ ରୂପ ପାଇଥିବା ଭଣ୍ଡାରକୁ ସଂସ୍କାର କରାଯାଇଥିଲା।

## ଶାହରୁଖ, ବିକ୍ରାନ୍ତ...

ଛିବ୍ବରଙ୍କ ନିର୍ଦ୍ଦେଶିତ 'ମିସେଜ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଫିଲ୍ମପାଇଁ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ରାଣୀ ମଧ୍ୟ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ସେହିପରି ଭେଟେରାନ ମାଲୟାଲମ ଅଭିନେତା ମୋହନଲାଲ ଚଳଚ୍ଚିତ୍ର କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଜୀବନବ୍ୟାପୀ ଚଳଚ୍ଚିତ୍ର ଜଗତ ପ୍ରତି ବ୍ୟାପକ ଅବଦାନ ପାଇଁ ଏହି ଦକ୍ଷିଣ ଭାରତୀୟ ତାରକାଙ୍କୁ ପୁରସ୍କୃତ କରାଯାଇଛି। ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଫିଲ୍ମ ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବେ ପୁରସ୍କୃତ ହୋଇଛି। 'ଦି କେରଲା ଷ୍ଟୋରି' ଫିଲ୍ମ ପାଇଁ ସୁଦିପ୍ତୋ ସେନ୍ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ 'ପୁଷ୍କରା' ସମ୍ମାନିତ ହୋଇଛି। 'ପୁଷ୍କରା' ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଫିଲ୍ମରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ସୁପ୍ରିୟା ନାୟକଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଭାରତୀୟ ସିନେମା ଜଗତରେ ସବୁଠାରୁ ସମ୍ମାନଜନକ ପୁରସ୍କାର ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରକୁ ବିବେଚନା କରାଯାଇଥାଏ।

# 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁଷ୍କରା ଚଳଚ୍ଚିତ୍ର ପାଇଁ ଓଟିଭି ନେଟୱର୍କ ବିଜିନେସ୍ ହେଡ୍ ଲିତିଶା ମଙ୍ଗତ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)**

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶାର 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ୨୦୨୩ ବର୍ଷ ପାଇଁ 'ଅଣଫିଚର ଫିଲ୍ମ ବର୍ଗ'ରେ ପୁରସ୍କାର ହାସଲ କରିଛି। 'ପୁଷ୍କରା' ପାଇଁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଓଟିଭି ନେଟୱର୍କ ବିଜିନେସ୍ ହେଡ୍ ଲିତିଶା ମଙ୍ଗତ ପଣ୍ଡା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶୁଭ୍ରାଂଶୁ କୁମାର ଦାସ ଏବଂ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ପାଇଁ ଫିଲ୍ମର ପ୍ରଯୋଜିକା ଇତିରାଣୀ ସାମନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି।

ମୃତ୍ୟୁପରେ କିଭଳି ପୁଷ୍କର ଛଡ଼ାଯାଏ, ସେ ନେଇ ପୁରୀର ଜାଗାଘର ଓ ସାହିଯାତ ଭଳି ମୌଳିକ ପରମ୍ପରା ଉପରେ ତରଙ୍ଗ ସିନେ ପ୍ରଡକ୍ସନ୍ସ ପ୍ରଯୋଜିତ ପୁଷ୍କରା ଚଳଚ୍ଚିତ୍ରର କାହାଣୀ ପର୍ଯ୍ୟବସିତ। ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଉପନ୍ୟାସ 'ନାଦବିନ୍ଦୁ' ଉପରେ ପୁଷ୍କରାର କାହାଣୀ ଆଧାରିତ। ଏଥିରେ ସବ୍ୟସାଚୀ ମିଶ୍ର ଓ ସୁପ୍ରିୟା ମୁଖ୍ୟ ଭୂମିକାରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର ଓ ଶଙ୍କର ପ୍ରଧାନ ଅଭିନୟ କରିଛନ୍ତି। ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ତଥା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଗାଁ ଉପରେ ପର୍ଯ୍ୟବସିତ।

# ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ ଶତପଥୀଙ୍କ ପରଲୋକ

ବ୍ରହ୍ମପୁର, ୨୩।୯
(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀଙ୍କର ସୋମବାର ରାତି ୮ଟା ୫୦ ମିନିଟ୍‌ରେ ସୋମନାଥ ନଗର ଚତୁର୍ଥ ଲେନ୍‌ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ତାଙ୍କ ନିକଟରେ ଦୁଇପୁତ୍ର ଜଗନ୍ନାଥ ଶତପଥୀ, ସୋମନାଥ ଶତପଥୀଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ।

ଗଞ୍ଜାମ ମାଟିର ସୁଯୋଗ୍ୟ ସନ୍ତାନ ବିଜୟ ଶତପଥୀ ହେଉଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ। ୧୯୫୪ରେ ଜନ୍ମିତ ବିଜୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ହାସଲ କରିବା ସହ ଅନେକ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ବିଦ୍ୟାଳୟସ୍ତରରୁ ସେ ଭାରୋତ୍ତୋଳନ ଆରମ୍ଭ କରିଥିଲେ। ୧୯୭୪ରେ ଭାରତୀୟ ନେଭିରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାରତୀୟ ରେଳ ବିଭାଗରେ ଚାକିରି କରିଥିଲେ। ୨୦୦୯ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ୧୯୮୧ରେ ହୋଇଥିବା ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ, ୧୯୮୨ରେ ଇଂଲଣ୍ଡଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ ଚାମ୍ପିୟନଶିପ୍‌ରେ ଦୁଇଟି କାଂସ୍ୟ, ୧୯୮୨ରେ ପାକିସ୍ତାନର ପେଶାୱାରରେ ହୋଇଥିବା ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭକରି ଦେଶକୁ ଏବଂ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିଲେ। ଜାତୀୟସ୍ତରର ବରିଷ୍ଠ ବିଭାଗରେ ୧୯୭୭ରୁ ୧୯୮୨ ପର୍ଯ୍ୟନ୍ତ ଶତପଥୀ ଲଗାତର ସ୍ୱର୍ଣ୍ଣ ଜିତି ବିରଳ ରେକର୍ଡ ହାସଲ କରିଥିଲେ। କ୍ରୀଡ଼ାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୮୨ରେ ଅର୍ଜୁନ ପୁରସ୍କାର ମିଳିଥିଲା। କ୍ରୀଡ଼ାକ୍ଷେତ୍ରକୁ ଆଜୀବନ ଅବଦାନ ଲାଗି ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଥିଲା।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଛେଣ୍ଡିପଦା, ୨୩।୯ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ପରା ଗ୍ରାମର ମହିଳା ଚାଷୀ ବାସନ୍ତୀ ପ୍ରଧାନ(୪୫)ଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ହୋଇଛି। ତାଙ୍କର ୬ଟି ଛେଳି ମଧ୍ୟ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ବାସନ୍ତୀ ଛେଳି ଚରାଇବା ପାଇଁ ଗାଁ ପାଖ ଡ୍ୟାମ୍ ନିକଟକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବାସନ୍ତୀ ଓ ୬ଟି ଛେଳି ପ୍ରାଣ ହରାଇଥିଲେ। ତୁରନ୍ତ ମୃତ ମହିଳା ଚାଷୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଚିତ୍ତରଞ୍ଜନ ଦାଶ, ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ବିଧାନସଭା ଘେରାଉ ବେଳେ ବିଜେଡି କର୍ମୀ-ପୋଲିସ ମୁହାଁମୁହିଁ

ଭୁବନେଶ୍ୱର, ୨୩।୯
(ସୁନିତ୍ ମିଶ୍ର)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରାଯାଇଥିବା ଅଭିଯୋଗରେ ମଙ୍ଗଳବାର ବିଜେଡି ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଶତାଧିକ ବିଜୁ ଜନତା ଦଳ କର୍ମୀ ସେମାନଙ୍କ ସ୍ଥାନୀୟ ନେତାମାନଙ୍କ ନେତୃତ୍ୱରେ ଲୋୟର ପିଏମ୍‌ଜିଠାରେ ପହଞ୍ଚି ସରକାର ବିରୋଧୀ ନାରାବାଜି କରିଥିଲେ। ଏହି ସମୟରେ ବିଜେଡି ନେତା, କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି ପୋଲିସ ପକ୍ଷରୁ ପାଣିମାଡ଼ କରାଯାଇଥିଲା।

ଏହି ଅବସରରେ ବିଜେଡି ଅଭିଯୋଗ କରିଥିଲା, ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟର ଭାଜପା ସରକାର ହତ୍ୟା କରିଛନ୍ତି। ଗତ ୧୫ ମାସରେ ରାଜ୍ୟ ସରକାର ସମସ୍ତ ଦିଗରେ ବିଫଳ ହୋଇଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତକରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ଷମତା ଚୋରି ସହ ସମାନ ବୋଲି ନେତାମାନେ କହିଥିଲେ। ଗଣତନ୍ତ୍ରରେ ତୃଣମୂଳ ସ୍ତରର ଲୋକଙ୍କୁ କ୍ଷମତା ପ୍ରଦାନ ଲକ୍ଷ୍ୟରେ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତକରି ସରକାରୀ ଅଧିକାରୀଙ୍କ କ୍ଷମତା ବୃଦ୍ଧିକରିଛନ୍ତି। ପୂର୍ବରୁ ବ୍ଲକ୍‌ରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ୨ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ୨ ଲକ୍ଷରୁ ଊର୍ଦ୍ଧ୍ୱ ହେଲେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା। କିନ୍ତୁ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ, ବିଡିଓଙ୍କ ବିଲ୍ ପାସ୍ କରିବାର କ୍ଷମତା ୨ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ବ୍ଲକ୍‌ରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆଉ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ଏହା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ବିଜେଡି ଅଭିଯୋଗ କରିଛି। ଏହାକୁ ବିରୋଧକରିବା ସହ ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ଦାବିରେ ସବୁ ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବରମାନଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ବିଜେଡି ଆହ୍ୱାନ କରିଥିଲା। ବିଜେଡି ନେତାମାନେ ଏକତ୍ରିତ ହୋଇ ନିଜ ଭାଷଣବାଜି ସାରିବା ପରେ ଲୋୟର ପିଏମ୍‌ଜିରୁ ବିଧାନସଭା ଆଡ଼କୁ ରାଲି କରି ବାହାରିଥିଲେ। ଏହି ସମୟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ହେଲେ ଆନ୍ଦୋଳନକାରୀ ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌କୁ ଭାଙ୍ଗି ବିଧାନସଭା ଆଡ଼କୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପାଣିମାଡ଼ ଆରମ୍ଭ ହୋଇଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ଏହାପରେ ପୋଲିସ ସହ ଆହୁରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନେକ ହଜାର ଆନ୍ଦୋଳନକାରୀ ଆଗକୁ ବଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ନେତା ଏବଂ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଦଳ ପକ୍ଷରୁ କୁହାଯାଇଛି, ଏହି ଆନ୍ଦୋଳନରେ ୩୦ ଜିଲାର ଜିଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଊର୍ଦ୍ଧ୍ୱ ବ୍ଲକ୍‌ର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧି ମଣ୍ଡଳୀ ଯଥା ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ସଙ୍ଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତା ସାମିଲ ହୋଇଥିଲେ।



ବିଧାନସଭା ଘେରାଉ ବେଳେ ଲୋୟର ପିଏମ୍‌ଜିରେ ବିଜେଡି କର୍ମୀଙ୍କୁ ଘଉଡ଼େଇବାକୁ ଯାଇ ପୋଲିସ ପାଣି ମାଡ଼ କରୁଛି।

## ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ଅଭିଯୋଗ

# ୫ ବର୍ଷରେ ମରିଛନ୍ତି ୨୮୯ ଦାଦନ ଶ୍ରମିକ

ଭୁବନେଶ୍ୱର, ୨୩।୯ (ରବିନାରାୟଣ ଜେନା)

ଗତ ୫ ବର୍ଷ ମଧ୍ୟରେ ବାହାର ରାଜ୍ୟକୁ ପେଟ ପୋଷିବା ପାଇଁ ଯାଇଥିବା ୨୮୯ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ବଲାଙ୍ଗୀରର ସର୍ବାଧିକ ୩୨ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗୃହକୁ ଜଣାଇଛନ୍ତି। ମଙ୍ଗଳବାର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୨୦ ମସିହାଠାରୁ ଅଦ୍ୟାବଧି ବାହାର ରାଜ୍ୟରୁ ଯାଇଥିବା ଶ୍ରମିକଙ୍କ ମଧ୍ୟରୁ ୨୦୨୧ରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତବର୍ଷ ସର୍ବାଧିକ ୫ ଜଣ ରାୟଗଡ଼ା ଜିଲାର ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୩୧ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ରାୟଗଡ଼ା ଜିଲାର ସର୍ବାଧିକ ୮ ଜଣଙ୍କ ମୃତ୍ୟୁ ହୋଇଥିଲା।

ସେହିପରି ୨୦୨୩ରେ ୪୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁରର ସର୍ବାଧିକ ୯ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଛି। ୨୦୨୪ରେ ୧୨୦ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ କନ୍ଧମାଳର ୧୫ ଓ ଛତ୍ରପୁରର ୧୫ ଜଣଙ୍କ ଜୀବନ ଯାଇଛି। ସେହିପରି ୨୦୨୫ରେ ସର୍ବାଧିକ ୮୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ୧୦ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଏହି ଅବଧି ମଧ୍ୟରେ ୫୬୧୨ ଜଣ ପ୍ରବାସୀ ଶ୍ରମିକ ଉଦ୍ଧାର ହୋଇଛନ୍ତି।

ମନ୍ତ୍ରୀ ଦର୍ଶାଇଛନ୍ତି, ଗତ ୫ ବର୍ଷ ମଧ୍ୟରେ ବଲାଙ୍ଗୀରରେ ସର୍ବାଧିକ ୩୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଛତ୍ରପୁରରେ ୨୭, କଳାହାଣ୍ଡିରେ ୨୬, ନବରଙ୍ଗପୁରରେ ୨୭ ଜଣଙ୍କ ମୃତ୍ୟୁ ହୋଇଛି। ଏହାବାଦ୍ ଅନ୍ୟାନ୍ୟ ଜିଲାରେ ଏକାଧିକ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ରାପଡ଼ାର କୌଣସି ଶ୍ରମିକ ମୃତ୍ୟୁବରଣ କରିନାହାନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

## ଫସଲ ଜଗିବାକୁ ଯାଇ ୩ ଦିନରେ ୩ ମୃତ

କେନ୍ଦୁଝର, ୨୩।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସଦର ଥାନା ତଳକାଇପୁର ଗ୍ରାମରେ ହାତୀ ଆକ୍ରମଣରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଅଜୟ ପ୍ରଧାନ(୨୩)। ପରିବାର ଲୋକଙ୍କୁ କ୍ଷୟକ୍ଷତି ପ୍ରଦାନ କରିବାକୁ ଦାବି ହେଉଛି। ପ୍ରକାଶ ଯେ, ଦୀର୍ଘ ମାସ ହେଲା ଭୂୟାଁ ଜୁଆଙ୍ଗ ପୀଢ଼ ଓ ସଦର ରେଞ୍ଜ ଅଞ୍ଚଳରେ ୪୦ ଟିକିଆ ହାତୀପଲ ବ୍ୟାପକ ଫସଲ ନଷ୍ଟକରିବା ସହ ଘର ଭାଙ୍ଗୁଛନ୍ତି। ଅଜୟ ହାତୀ ଦାଉରୁ ଫସଲ ସୁରକ୍ଷା ପାଇଁ ସୋମବାର ରାତିରେ ବିଲକୁ ଯାଇଥିଲେ। ବିଲ ନିକଟରେ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ହେଁ ହାତୀ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବନ ବିଭାଗ କର୍ମଚାରୀ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି, ୬ ଟିକିଆ ହାତୀପଲ ଉକ୍ତ ଅଞ୍ଚଳରେ ବୁଲୁଛନ୍ତି। ଏକ ଛୁଆ ହାତୀର ସୁରକ୍ଷା ପାଇଁ ପାଖକୁ କେହି ଗଲେ ମା' ହାତୀ ଆକ୍ରମଣ କରୁଛି। ଲୋକଙ୍କୁ କହିବା ସତ୍ତ୍ୱେ ପାଖକୁ ଯାଉଥିବାରୁ ଏଭଳି ଅଘଟଣ ଘଟୁଛି। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ମିଳିବ। ସୂଚନାଯୋଗ୍ୟ, ଗତ ରବିବାର ବାଂଶପାଳ ବ୍ଲକ୍‌ର କାଦଦିହୀ ଗ୍ରାମର ନୁଙ୍ଗୁରୁ ମୁଣ୍ଡା(୬୦) ଗଛ ଉପରେ ମଞ୍ଚାବାନ୍ଧି ଫସଲ ଜଗିଥିଲେ। ହାତୀ ଆସିବାରୁ ଭୟରେ ଓହ୍ଲାଉଥିବା ବେଳେ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ସେହିପରି ରବିବାର ରାତିରେ ଦଅଁଳା ଗ୍ରାମରେ ଫସଲ ଜଗିଥିବା ସୁନିଆଁ ମୁଣ୍ଡା (୨୫)ଙ୍କୁ ହାତୀ ଦଳିଦେବାରୁ ମୃତ୍ୟୁ ହୋଇଥିଲା।




ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ମାନହାନି

ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୨ରେ ଏକ ମାନହାନି ମାମଲାରେ ଅନ୍‌ଲାଇନ ନ୍ୟୁଜ୍ ପୋର୍ଟାଲ' ଦି ୱାୟର'କୁ ଜାରି ଏକ ସମନ ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରିଥିଲେ। ଏହି ଖବର ପ୍ରସାରଣକାରୀ ଇଣ୍ଟରନେଟ୍ ପୋର୍ଟାଲ ଅଣଲାଭକାରୀ ସଙ୍ଗଠନ 'ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍' ଦ୍ୱାରା ପରିଚାଳିତ। ଶୁଣାଣି ସମୟରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦ୍ରେଶ ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ମୌଖିକ ଟିପ୍ପଣୀ ଦେଇଛନ୍ତି ଯେ, ଏବେ ମାନହାନି ମାମଲାକୁ ଅପରାଧ ଆଇନରେ ତଉଲିବାର ଯଥାର୍ଥତା ନାହିଁ ବୋଲି ବୁଝିବାର ସମୟ ଆସିଲାଣି। ଉଲ୍ଲେଖନୀୟ ଯେ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ପୂର୍ବତନ ପ୍ରଫେସର ଅମିତା ସିଂ ୱାୟର ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ କରିବା ପରେ ଟ୍ରାଏଲ କୋର୍ଟ ତା' ବିରୋଧରେ ସମନ ଜାରି କରିଥିଲେ। ୨୦୨୩ରେ ଦିଲ୍ଲୀ ହାଇକୋର୍ଟ ଏହାକୁ ରଦ୍ଦ କରିଥିଲେ। ପରେ ଅମିତା ସିଂ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଟ୍ରାଏଲ କୋର୍ଟରେ ବିଚାର ପାଇଁ ପଠାଇଥିଲେ। ଟ୍ରାଏଲ କୋର୍ଟ ପୁନର୍ବାର ସମନ ଜାରି କରିଥିଲେ ଓ ପରେ ହାଇକୋର୍ଟ ମଧ୍ୟ ଏହାକୁ କାଏମ ରଖିଥିଲେ। ପରେ ଏହା ବିରୋଧରେ ଶୀର୍ଷ କୋର୍ଟରେ ପୁନର୍ବାର ନ୍ୟୁଜ୍ ପୋର୍ଟାଲ ପକ୍ଷରୁ ଆବେଦନ କରାଯାଇଥିଲା। ତେବେ ଖଣ୍ଡପୀଠଙ୍କ ଟିପ୍ପଣୀରେ ନ୍ୟୁଜ୍ ପୋର୍ଟାଲ ପକ୍ଷରୁ କପିଲ ସିବଲ ମଧ୍ୟ ଏକମତ ହୋଇଛନ୍ତି ଏବଂ ଏଥିରେ ସଂସ୍କାର ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଭାରତୀୟ ନ୍ୟାୟସଂହିତାର ଧାରା ୩୫୬( ଆଇପିସି ଧାରା ୪୯୯) ଅନୁଯାୟୀ ଭାରତରେ ମାନହାନିକୁ ଆପରାଧିକ ଶ୍ରେଣୀଭୁକ୍ତ କରାଯାଇଛି। ଏଥିରେ ଅତିବେଶିରେ ୨ ବର୍ଷ କାରାଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଏଠାରେ ମନେପକାଇ ଦିଆଯାଇପାରେ, ୨୦୧୯ ନିର୍ବାଚନ ସମୟରେ ରାହୁଲ ଗାନ୍ଧୀ କହିଥିଲେ 'ସବୁ ମୋଦି ସାଙ୍ଗିଆଧାରୀ ଚୋର'। ଏହାକୁ ନେଇ ସେ ଆପରାଧିକ ମାନହାନି ମାମଲାର ସମ୍ମୁଖୀନ ହେବା ପରେ ଗୁଜରାଟର ଏକ ଟ୍ରାଏଲ୍ କୋର୍ଟ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ତାଙ୍କ ଏମ୍‌ପି ପଦବୀ ରଦ୍ଦ କରିଥିଲେ। ପରେ ୪ ଅଗଷ୍ଟ ୨୦୨୩ରେ ସୁପ୍ରିମକୋର୍ଟ ଏହି ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ତେବେ ଏବେ 'ଦି ୱାୟର ବିରୋଧରେ ଜାରି ସମନ ଉପରେ ସୁପ୍ରିମକୋର୍ଟ ଖଣ୍ଡପୀଠ ଯେଉଁ ମୌଖିକ ଟିପ୍ପଣୀ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାନହାନିକୁ ଅପରାଧମୁକ୍ତ କରିବା ପାଇଁ ଏକ ବାଟ ଦେଖାଇଛି।

ଦେଖାଯାଉଛି, ବିଶିଷ୍ଟ ବ୍ୟକ୍ତି, ସରକାରୀ କର୍ମଚାରୀ ଓ କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ବିରୋଧରେ କୌଣସି ସମାଲୋଚନା ବା ବିପକ୍ଷ ଖବର ଆସିଲେ ତାହାକୁ ଦବାଇଦେବା ପାଇଁ ମାନହାନି ଆଇନକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏଥିରେ ବେଶି ଶିକାର ହେଉଛନ୍ତି ଗଣମାଧ୍ୟମ। ବିଶେଷକରି ଖବର ପ୍ରକାଶନ ସଂସ୍ଥାଗୁଡ଼ିକ ସେମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଥିବାବେଳେ ନ୍ୟାୟିକ ଚାପର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ସେମାନଙ୍କ ସମ୍ମାନ ରକ୍ଷା ଏବଂ ଅନ୍ୟପଟେ ଅଭିବ୍ୟକ୍ତିର ସ୍ୱାଧୀନତା ବା ଖୋଲା ମତ ଉପସ୍ଥାପନକୁ ନେଇ ବିତର୍କ ସୃଷ୍ଟି ହୋଇଛି। ମାନହାନି ମକଦ୍ଦମା ସାମ୍ବାଦିକ, ଚିତ୍ରକର, ଲେଖକଙ୍କ ସହ ସୃଜନଶୀଳ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମନରେ ଭୟ ସୃଷ୍ଟି କରୁଛି। ଫଳରେ ଶକ୍ତିଶାଳୀ ବ୍ୟକ୍ତି ବା ସଂସ୍ଥା ସେମାନଙ୍କ ବିରୋଧରେ ଅତି ସହଜରେ ମାନହାନି ମକଦ୍ଦମା କରିଦେଇପାରୁଛନ୍ତି। ସଦ୍ୟତମ ଉଦାହରଣ ହେଉଛି ଚଳିତ ମାସ ପ୍ରଥମ ସପ୍ତାହରେ ୟୁଟ୍ୟୁବର ଅଭିସାର ଶର୍ମା ଓ ବ୍ଲଗର ରାଜୁ ପାରୋଲେକରଙ୍କ ବିରୋଧରେ ଆଦାନୀ ଗ୍ରୁପ୍ ମାନହାନି ମକଦ୍ଦମା ଦାୟର କରିବା ପରେ ଗୁଜରାଟର ଏକ କୋର୍ଟ ସେମାନଙ୍କୁ ହାଜରହେବାକୁ ନୋଟିସ ଜାରି କରିଥିଲେ। ଏହି ଦୁଇଜଣଙ୍କୁ ସମନ କରିବା ବ୍ୟତୀତ କୋର୍ଟ ତରଫରୁ ଆଦାନୀ କମ୍ପାନୀ ବିରୋଧରେ କୌଣସି ଖବର ପ୍ରକାଶ ନ କରିବା ପାଇଁ ଆଦେଶ ଜାରି କରାଯାଇଥିଲା। ତାହାକୁ ଭିତ୍ତିକରି କେନ୍ଦ୍ର ସରକାର ବିଭିନ୍ନ ଖବର ପ୍ରସାରଣ ସଂସ୍ଥାକୁ ନୋଟିସ ପଠାଇ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ୧୩୮ଟି ଭିଡିଓ ଏବଂ ୮୩ଟି ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ଉଠାଇନେବା ପାଇଁ କହିଲେ। ଉଲ୍ଲେଖଯୋଗ୍ୟ, ଏହିସବୁ ଖବର ପରଞ୍ଜୟ ଗୁହା ଠାକୁରତା ନାମକ ବିଶିଷ୍ଟ ଖବରଦାତାଙ୍କ ଦ୍ୱାରା ଆଦାନୀ କମ୍ପାନୀର କେତୋଟି ପ୍ରକାଶନକୁ ନେଇ ଉପୁଜିଥିଲା। ଏବେ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ ସରକାର କେଉଁ ଭାବରେ କାର୍ଯ୍ୟକାରୀ କରାଇବେ ତାହା ଦେଖିବାକୁ ଅପେକ୍ଷା।

ଖବର ପ୍ରକାଶନ ସଂସ୍ଥାଗୁଡ଼ିକ ସେମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଥିବାବେଳେ ନ୍ୟାୟିକ ଚାପର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ସେମାନଙ୍କ ସମ୍ମାନ ରକ୍ଷା ଏବଂ ଅନ୍ୟପଟେ ଅଭିବ୍ୟକ୍ତିର ସ୍ୱାଧୀନତା ବା ଖୋଲା ମତ ଉପସ୍ଥାପନକୁ ନେଇ ବିତର୍କ ସୃଷ୍ଟି ହୋଇଛି। ମାନହାନି ମକଦ୍ଦମା ସାମ୍ବାଦିକ, ଚିତ୍ରକର, ଲେଖକଙ୍କ ସହ ସୃଜନଶୀଳ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମନରେ ଭୟ ସୃଷ୍ଟି କରୁଛି। ଫଳରେ ଶକ୍ତିଶାଳୀ ବ୍ୟକ୍ତି ବା ସଂସ୍ଥା ସେମାନଙ୍କ ବିରୋଧରେ ଅତି ସହଜରେ ମାନହାନି ମକଦ୍ଦମା କରିଦେଇପାରୁଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 2 | |
| | | 8 | 1 | | | 6 | 5 | |
| | 7 | 5 | | | 2 | | | |
| 2 | | | | 3 | | | 9 | |
| | 9 | | 4 | | | | 8 | |
| | 6 | | | | | 1 | | |
| 5 | 8 | | | | 7 | | | |
| | | | | | 9 | | | 3 |
| | | | 2 | 6 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 2 | 7 | 8 | 5 | 6 | 1 | 3 |
| 5 | 3 | 1 | 4 | 9 | 6 | 8 | 2 | 7 |
| 7 | 6 | 8 | 2 | 1 | 3 | 4 | 5 | 9 |
| 4 | 1 | 6 | 9 | 3 | 2 | 5 | 7 | 8 |
| 2 | 8 | 5 | 1 | 6 | 7 | 3 | 9 | 4 |
| 3 | 7 | 9 | 5 | 4 | 8 | 1 | 6 | 2 |
| 6 | 9 | 4 | 3 | 7 | 1 | 2 | 8 | 5 |
| 1 | 2 | 7 | 8 | 5 | 4 | 9 | 3 | 6 |
| 8 | 5 | 3 | 6 | 2 | 9 | 7 | 4 | 1 |

ଗତକାଲିର ଉତ୍ତର



# ମାକ୍ସ ମୁଲାର: ବିଚାରର ଦୁଇଦିଗ

ଛାୟାକାନ୍ତ ଷଡ଼ଙ୍ଗୀ

ଯେଉଁ କେତେଜଣ ଇଂରେଜ ଭାରତ ପାଇଁ କିଛି ଚିନ୍ତା କରୁଥିଲେ, ସେମାନଙ୍କ ମଧ୍ୟରେ ଥମାସ୍ ବେବିଙ୍ଗଟନ୍ ମାକ୍‌ଲେ ଅନ୍ୟତମ। ସେ ଜଣେ ଆଇନ ପରାମର୍ଶଦାତା ଭାବରେ ୧୮୩୪ ମସିହାରେ ଭାରତ ଆସିଲେ ଓ ଭାରତରେ ଇଂଲିଶ ଶିକ୍ଷା ପ୍ରବର୍ତ୍ତନ କଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଭାରତରେ ଇଂରେଜ ଶାସନକୁ ସୁଦୃଢ଼ କରିବା ଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା। ସେ ଖୋଜୁଥିଲେ ଜଣେ ଏଭଳି ବିଦ୍ୱାନ ଯିଏ ଭାରତୀୟ ଧର୍ମଶାସ୍ତ୍ରକୁ କଦର୍ଥ କରି ନିକୃଷ୍ଟ ପ୍ରତିପାଦନ କରିବ ଓ ଖ୍ରୀଷ୍ଟଧର୍ମ ପ୍ରଚାରର ମାର୍ଗ ସୁଗମ କରିପାରିବ। ମାକ୍ସ ମୁଲାର ଥିଲେ ମୂଳତଃ ଜର୍ମାନ୍। ସେ ସଂସ୍କୃତ ଅଧ୍ୟୟନ କରିଥିଲେ ଓ ୧୮୪୫ରେ ପ୍ୟାରିସ୍‌ରେ ଜଣେ ସାଧାରଣ କିରାଣି ଭାବରେ ଅନ୍ୟ ପାଇଁ ସଂସ୍କୃତ ପାଣ୍ଡୁଲିପିର ନକଲ କାର୍ଯ୍ୟ କରୁଥିଲେ। ୧୮୫୦ରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାଷାର ପ୍ରଫେସର ଭାବରେ ଯୋଗଦେଲେ। ୧୮୫୫ ଡିସେମ୍ବର ୨୮ରେ ମାକ୍‌ଲେ ତାଙ୍କୁ ସାକ୍ଷାତ୍ କଲେ। ମାକ୍‌ଲେଙ୍କ ପ୍ରଭାବରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀ ପାଇଁ ଋକ୍‌ବେଦ ଅନୁବାଦ କାର୍ଯ୍ୟ ପାଇଲେ। ପ୍ରତ୍ୟେକ ପୃଷ୍ଠା ପାଇଁ ସେ ପାଇଲେ ୪ ପାଉଣ୍ଡ ପାରିଶ୍ରମିକ। ୧୮୬୮ରେ ସେ ଅକ୍ସଫୋର୍ଡରେ ତୁଳନାତ୍ମକ ଭାଷାବିଜ୍ଞାନର ଚେୟାର ଅଳଙ୍କୃତ କଲେ ଓ ସେକ୍ରେଡ୍ ବୁକ୍‌ସ ଅଫ୍ ଦି ଇଷ୍ଟ ପ୍ରକାଶ କରିବାର ସୁଯୋଗ ପାଇଲେ। ସେ ୨୫ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ୧୮୭୪ରେ ଋକ୍‌ବେଦର ଅନୁବାଦ ଶେଷ କଲେ। ସେ ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷାକୁ ଠିକ୍ ଭାବରେ ବୁଝିପାରି ନ ଥିବାରୁ ଋକ୍‌ବେଦ ଭାଷ୍ୟକୁ କଦର୍ଥ କଲେ। ତଦ୍ୱାରା ଭାରତୀୟ ଧର୍ମଶାସ୍ତ୍ରର ନ୍ୟୂନତା ପ୍ରତିପାଦିତ ହେଲା ଓ ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତା ପ୍ରତିଷ୍ଠା କରିବା ସହଜ ହେଲା। ଅନେକ ସମାଲୋଚକ ଅଭିଯୋଗ କଲେ ଯେ ଏହା ମାକ୍ସ ମୁଲାରଙ୍କ ଅଜ୍ଞତା ନ ଥିଲା ବରଂ ଏହା ଥିଲା ପୂର୍ବ ନିର୍ଦ୍ଧାରିତ। ଏହି ପ୍ରସଙ୍ଗରେ ମାକ୍ସ ମୁଲାର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଲେଖିଥିବା ଅନେକ ଚିଠିକୁ ଉଦ୍ଧାର କରାଯାଏ। ସେ ତାଙ୍କ ସ୍ତ୍ରୀଙ୍କୁ ୧୮୬୬ରେ ଲେଖିଥିଲେ ''ବେଦକୁ ଅନୁବାଦ କରିବାରେ ମୋର ଏହି ସଂସ୍କରଣ ଭବିଷ୍ୟତ ଭାରତର ଭାଗ୍ୟ ଓ ଲକ୍ଷ ଲକ୍ଷ ଭାରତୀୟଙ୍କ ଆତ୍ମିକ ବିକାଶ ଉପରେ ପ୍ରଭାବ ପକାଇବ। ବେଦ ସେମାନଙ୍କ ମୂଳ ଏବଂ ସେମାନଙ୍କୁ ଏହି ମୂଳ ସ୍ୱରୂପକୁ ଦେଖାଇବା ଓ ବିଗତ ତିନି ସହସ୍ର ବର୍ଷର ସେମାନଙ୍କ ସମସ୍ତ ସାହିତ୍ୟକୁ ସମୂଳେ ମୂଳୋତ୍ପାଟନ କରିବା ପାଇଁ ଏହା ଏକମାତ୍ର ଉପାୟ।'' (LIFE AND LETTERS OF FREDERICK MAX MULLAR))। ୧୮୬୮ ଡିସେମ୍ବର ୧୬ରେ ସେ ତତ୍କାଳୀନ ଭାରତ ସଚିବ ଡ୍ୟୁକ ଅଫ୍ ଅର୍ଗାଇଲଙ୍କୁ ଏକ ପତ୍ର ଲେଖିଥିଲେ, ''ଭାରତର



ଧର୍ମ ନଷ୍ଟ କରିବାରେ ମୁଁ ପୂରାପୂରି ଭାବରେ ଚେଷ୍ଟା କରିଛି ଓ ଏହା ନଷ୍ଟପ୍ରାୟ। ଏଥର ଏହାର ସ୍ଥାନ ଖ୍ରୀଷ୍ଟଧର୍ମ ନେବା ଉଚିତ।'' ତାଙ୍କର ଏହି ପ୍ରକାର ମନ୍ତବ୍ୟ ଭାରତରେ ଇଂରେଜମାନଙ୍କୁ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ପ୍ରେରଣା ଦେଲା। ତାଙ୍କର ଜଣେ ବନ୍ଧୁ ରେଭରେଣ୍ଡ ଏଡ୍‌ୱାର୍ଡ ବୌନବରୀ ପୁସେ ତାଙ୍କୁ କୃତଜ୍ଞତା ଜଣାଇ ଲେଖିଲେ, ''ଭାରତୀୟମାନଙ୍କୁ ଧର୍ମାନ୍ତରିତ କରିବାରେ ତମର ଏହି କାର୍ଯ୍ୟ ଏକ ନୂତନ ଯୁଗର ଆହ୍ୱାନ କରିବ। ଅକ୍ସଫୋର୍ଡ ସର୍ବଦା ତୁମ ପାଖରେ କୃତଜ୍ଞ ରହିବ, କାରଣ ତୁମକୁ ଆଶ୍ରୟ ଦେଇ ଭାରତୀୟମାନଙ୍କୁ ଖ୍ରୀଷ୍ଟିଆନ କରିବାରେ ପ୍ରଥମ ଓ ଆବଶ୍ୟକ କାର୍ଯ୍ୟ ସୁଗମ ହେଲା। ଏହା ଫଳରେ ପୁରାତନ ମିଥ୍ୟାଧର୍ମ ସହ ସତ୍ୟଧର୍ମ (ଖ୍ରୀଷ୍ଟଧର୍ମ)ର ତୁଳନା କରି ଆମ୍ଭେମାନେ ପ୍ରସନ୍ନ ହେବାପାଇଁ ସମର୍ଥ ହେବୁ।''(ବେଦ ଓ ବାଇବେଲ, ପୃଷ୍ଠା ୧୫୬, ଉମେଶ ପତ୍ରୀ)। ମାକ୍ସ ମୁଲାରଙ୍କ ବେଦ ଅନୁବାଦ ପ୍ରସାରିତ ହେବା ପରେ ଭାରତର ସଂସ୍କୃତ ବିଦ୍ୱାନମାନେ ତାକୁ ତ୍ରୁଟିପୂର୍ଣ୍ଣ ଓ ହାସ୍ୟାସ୍ପଦ ବୋଲି ପ୍ରମାଣ କଲେ। ଭାରତର ବୈଦିକ ବିଦ୍ୱାନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ତାଙ୍କ ବେଦଭାଷ୍ୟକୁ ଠିକ୍ ବୋଲି ଗ୍ରହଣ କଲେ ନାହିଁ।

ଅପର ପକ୍ଷରେ ମାକ୍ସ ମୁଲାରଙ୍କ ଏକ ଭିନ୍ନ ଚିତ୍ର ମିଳେ ମାଡ୍ରାସରୁ ପ୍ରକାଶ ପାଉଥିବା ବ୍ରହ୍ମବାଦିନ୍ ପତ୍ରିକାରେ ଜୁନ ୬, ୧୮୯୬ରେ ସ୍ୱାମୀ ବିବେକାନନ୍ଦ ଲେଖିଥିବା ଏକ ଆଲେଖ୍ୟରୁ। ୧୮୯୬ ମେ ୨୮ରେ ସ୍ୱାମିଜୀ ମାକ୍ସ ମୁଲାରଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ। ଏହା ପୂର୍ବରୁ ମାକ୍ସ ମୁଲାର ରାମକୃଷ୍ଣ ପରମହଂସଙ୍କ ସମ୍ପର୍କରେ ଏକ ପ୍ରବନ୍ଧ ଲେଖିସାରି ତାଙ୍କ ଜୀବନୀ ଲେଖିବା ପାଇଁ ପ୍ରସ୍ତୁତ ହେଉଥିଲେ। ରାମକୃଷ୍ଣଙ୍କୁ ଭଲପାଉଥିବା ବ୍ୟକ୍ତିଙ୍କ ନିକଟକୁ ଯିବା ସ୍ୱାମିଜୀଙ୍କ ପାଇଁ ଥିଲା ଏକ ତୀର୍ଥଯାତ୍ରା। ତାଙ୍କ ବାସଭବନରେ ଉଭୟଙ୍କ ମଧ୍ୟରେ ଭାରତର ବେଦ, ଉପନିଷଦ ସମ୍ପର୍କରେ ଦୀର୍ଘ ଆଲୋଚନା ହେଲା। ମାକ୍ସ ମୁଲାର ରହୁଥିଲେ ଏକ ବଗିଚାଯୁକ୍ତ ଛୋଟ ଘରେ। ସେତେବେଳେ ତାଙ୍କର ବୟସ ୭୦। କେଶ ଥିଲା ଶୁଭ୍ର ଓ ମୁଖମଣ୍ଡଳ ଦିଶୁଥିଲା ଶାନ୍ତ। ତାଙ୍କରି ଭିତରେ ସତେ ଯେପରି ଲୁକ୍କାୟିତ ଥିଲା ଆଧ୍ୟାତ୍ମିକତାର ଗଭୀର ଖଣି। ଶାନ୍ତ ବାତାବରଣରେ ରହୁଥିବା ସେ ଓ ତାଙ୍କ ସ୍ତ୍ରୀଙ୍କୁ ଦେଖିଲେ ସ୍ୱାମିଜୀଙ୍କ କଳ୍ପନାରେ ଉଦ୍ଭାସିତ ହେଉଥିଲା ଅତୀତ ଭାରତର ବ୍ରହ୍ମର୍ଷି, ରାଜର୍ଷି, ବଶିଷ୍ଠ, ଅରୁନ୍ଧତୀଙ୍କ ସମୟର ଗୌରବୋଜ୍ଜ୍ୱଳ ଦିନଗୁଡିକ। ସ୍ୱାମିଜୀ ଲେଖିଥିଲେ ''ମୁଁ ତାଙ୍କୁ ଜଣେ ଭାଷାତତ୍ତ୍ୱବିତ୍ କିମ୍ବା ମେଧାବୀ ପଣ୍ଡିତ ଭାବେ ଦେଖି ନ ଥିଲି, ବରଂ ଦେଖିଥିଲି ଏକ ଆତ୍ମା ରୂପେ ଯିଏ ପ୍ରତିଦିନ ବ୍ରହ୍ମଙ୍କ ସହ ଏକ ଓ ଅଭିନ୍ନ ହେବାର ଉପଲବ୍ଧି କରୁଥିଲେ।'' ଭାରତ ପ୍ରତି ମାକ୍ସ ମୁଲାରଙ୍କ ଗଭୀର ପ୍ରେମ ଦେଖି ସ୍ୱାମିଜୀ ଅଭିଭୂତ ହୋଇଥିଲେ ଓ ଲେଖିଥିଲେ, ''ଭାରତ ପ୍ରତି ତାଙ୍କର କି ଗଭୀର ପ୍ରେମ ! ମୋ ମାତୃଭୂମି ପ୍ରତି ପ୍ରେମ ତାଙ୍କ ପ୍ରେମର ଶହେରୁ ଏକ ଭାଗ ଥାନ୍ତା କି!'' ସାକ୍ଷାତ୍ ପରେ ମାକ୍ସ ମୁଲାର ବିବେକାନନ୍ଦଙ୍କୁ ରେଳଷ୍ଟେଶନ୍ ପର୍ଯ୍ୟନ୍ତ ବାଟେଇ ଦେବା ପାଇଁ ଆସିଲେ ଓ ଏହିସବୁ କାହିଁକି କରୁଛନ୍ତି ବୋଲି ସ୍ୱାମିଜୀ ପଚାରିବାରୁ ସେ କହିଲେ, ''ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟଙ୍କ ସହ ସାକ୍ଷାତ୍ କରିବା ସୁଯୋଗ ପ୍ରତିଦିନ ମିଳେ ନାହିଁ।'' ସ୍ୱାମିଜୀ ତାଙ୍କୁ ପଚାରିଲେ, ''ଆପଣ କେବେ ଭାରତ ଆସିବେ ? ଆମେ ଆପଣଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିବୁ।'' ଏହା ଶୁଣି ସେ କହିଲେ, ''ଭାରତକୁ ଗଲେ ମୁଁ ଆଉ ସେଠାରୁ ଫେରିବି ନାହିଁ। ସେଠାରେ ତୁମେ ମୋର ଶେଷକୃତ୍ୟ ସମାପନ କରିବ।'' ମାକ୍ସ ମୁଲାରଙ୍କ ମୁହଁରୁ ଏହି କଥା ପଦକ ଶୁଣିବା ପରେ ତାଙ୍କର ଭାରତପ୍ରେମ ଯେ ଅନାବିଳ ଓ ଅତ୍ୟନ୍ତ ଗଭୀର ଥିଲା ତାହା ସ୍ୱୀକାର କରିବାକୁ ହେବ। ହୁଏତ ତାଙ୍କର ବେଦଭାଷ୍ୟ କିଛିମାତ୍ରାରେ ତ୍ରୁଟିପୂର୍ଣ୍ଣ ହୋଇଥାଇପାରେ, ହୁଏତ ଜୀବନର ପ୍ରାରମ୍ଭରେ ସେ ମାକ୍‌ଲେଙ୍କ ଦ୍ୱାରା ପ୍ରଭାବିତ ହୋଇ ଅର୍ଥଲୋଭରେ ଖ୍ରୀଷ୍ଟିଆନ୍ ଦୃଷ୍ଟିଭଙ୍ଗୀ ନେଇ ବେଦର ଭାଷ୍ୟ କରିଥାଇପାରନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସେ ପଶ୍ଚାତ୍ତାପ କରିଥିଲେ ଓ ନିଜର ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିଥିଲେ। ସେ ଜଣେ ନିରପେକ୍ଷ ବିଦ୍ୱାନ ଭାବରେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଇତିହାସକୁ ଅଧ୍ୟୟନ କରି ଲେଖିଲେ ତାଙ୍କର ବିଖ୍ୟାତ ପୁସ୍ତକ ''ଇଣ୍ଡିଆ ! ହ୍ୱାଟ୍ କ୍ୟାନ୍ ଇଟ୍ ଟିଚ୍ ଅସ୍।'' ସେ ସ୍ୱୀକାର କଲେ ଯେ ସମଗ୍ର ୟୁରୋପ ଭାରତରୁ ଶିକ୍ଷା ଲାଭ କରିବା ଉଚିତ। ସେ ଲେଖିଥିଲେ, ''ମୁଁ ଯଦି ସମଗ୍ର ପୃଥିବୀରେ ପ୍ରକୃତିଦତ୍ତ ଐଶ୍ୱର୍ଯ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ବିମଣ୍ଡିତ ଏକ ଦେଶକୁ ଖୋଜେ, ପୃଥିବୀରେ ଯେଉଁ ଦେଶ ସ୍ୱର୍ଗତୁଲ୍ୟ- ମୁଁ ଇଙ୍ଗିତ କରିବି ଭାରତବର୍ଷକୁ'' ଏହି ସ୍ୱୀକାରୋକ୍ତି ପରେ ମାକ୍ସ ମୁଲାରଙ୍କ ଭାରତପ୍ରେମକୁ ପ୍ରଶ୍ନ କରାଯାଇ ନ ପାରେ। ସେ ଭାରତ ବିଷୟରେ ଅଧ୍ୟୟନ କରୁକରୁ ଭାରତର ପ୍ରକୃତ ଆତ୍ମାକୁ ଯେତେବେଳେ ଚିହ୍ନିଛନ୍ତି, ସେ ଅଭିଭୂତ ହୋଇଛନ୍ତି ଓ ତାଙ୍କ ପୂର୍ବଧାରଣାରୁ ମୁକ୍ତ ହୋଇ ଭାରତର ସ୍ତାବକ ପାଲଟିଯାଇଛନ୍ତି। ଏହା ହେଉଛି ଭାରତୀୟ ସଂସ୍କୃତିର ଅନ୍ତର୍ନିହିତ ଶକ୍ତି।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦



# କିଛି କହିବା ଉଚିତ

ରାଧାଶ୍ୟାମ ରାଉଳ

କୌଣସି ଘଟଣା ବା ପ୍ରସଙ୍ଗ ଉପରେ କିଛି କହିବା ବା କିଛି ନ କହି ଚୁପ୍ ରହିବା, ଏ ଯୋଡିଏ ବିକଳ୍ପରୁ ଆମକୁ ଗୋଟିଏ ବିକଳ୍ପକୁ ଧରିବାକୁ ହେବ! ତେବେ ଆମେ ଦୈନନ୍ଦିନ ଜୀବନରେ ପ୍ରାୟ ଗୋଟିଏ ପ୍ରକାରର ସମସ୍ୟାକୁ ସାମ୍ନା କରୁ। ସେ ସମସ୍ୟାଟି ହେଲା, ଠିକ୍ ସମୟରେ ଠିକ୍ କଥା କହିପାରୁନାହୁଁ! କହିଲେ କାଳେ କେହି କିଛି ଭିନ୍ନ ଅର୍ଥରେ ନେବେ,ଗୋଟିଏ ପକ୍ଷକୁ ସୁହାଇଲା ଭଳି କହୁଛୁ ବୋଲି ପ୍ରତିପକ୍ଷ ଦୋଷାରୋପ କରିବେ, ସେଇ ଧର୍ମସଙ୍କଟରେ ପଡି ଚୁପ୍ ରହିବାକୁ ବୋଧହୁଏ ଆମେ ବାଧ୍ୟହେଉ!

ଆଜ୍ଞା, ଘରେ ଦୁଆରେ ହେଉ କିମ୍ବା କୌଣସି କାରଣରୁ ହେଉ ଛୋଟ ପୁଅ ଓ କୁନି ଝିଅ ଭିତରେ ହେଉଥିବା ଯୁକ୍ତିତର୍କ, କଳିଗୋଳ, ଚିମୁଟାଚିମୁଟି, ଚାପଡ଼ା, ବିଧା ମରାମରି ଯାଏ ଯଦି କଥା ଗଲା ଏବଂ ସେସବୁ ଘଟଣାର ଆପଣ ପ୍ରତ୍ୟକ୍ଷଦର୍ଶୀ ଥାଆନ୍ତୁ କିମ୍ବା ନ ଥାଆନ୍ତୁ,ଦୁଇପକ୍ଷ ଯେତେବେଳେ ଆପଣଙ୍କ ପାଖକୁ ଆସି ପରସ୍ପର ପ୍ରତି ଆରୋପ,ପ୍ରତ୍ୟାରୋପ କରିବସିବେ, ସେତେବେଳେ ଆପଣ ନିଶ୍ଚେ ଅକଳିଆ ପରିସ୍ଥିତିରେ ପଡିବେ! ଭୁଲ କି ଦୋଷ କମ୍ କାହାର ଅଧିକ କାହାର, ସେ ନିର୍ଣ୍ଣୟ, ନିରୂପଣ କଥା ପଛକୁ ରଖି ଯୋଡିଏ ବିକଳ୍ପରୁ ଗୋଟିଏ ବିକଳ୍ପକୁ ଆପଣଙ୍କୁ ଅଲବତ ବାଛିବାକୁ ହେବ। ହୁଏତ ସମାନୁପାତରେ ଦୁଇଜଣଙ୍କୁ ଆପଣ ତାଗିଦ କି ଆକଟ କରି କହିବେ, 'ଓହୋ, କାହିଁକି ଏମିତି ହେଉଛ କିରେ ? ଯାଅ, ଯେ'ଝାର କାମ କର। ଏମିତି ଯଦି ଆଉ ହେବ, ମୋ ନଜରରେ ପଡିଲେ, ତୁମ ଦୁଇଜଣଙ୍କୁ ବହେ ବାଡାଇବି ହାଁ।' କିମ୍ବା ଆପଣଙ୍କୁ ଦ୍ୱିତୀୟ ବିକଳ୍ପ ମୁତାବକ କାମ କରିବାକୁ ହେବ। ଅର୍ଥାତ୍ କୂଟନୀତି ପ୍ରୟୋଗ କରିବାକୁ ପଡିବ, ଦୁଇଜଣଙ୍କୁ ମନେଇବାକୁ ହେବ ସ୍ନେହ ଓ ଆଦରରେ। ଚାପମୁକ୍ତ ହୋଇ ସହଜ, ସାବଲୀଳ ଓ ମିଠା ସ୍ୱରରେ ଆପଣଙ୍କୁ କହିବାକୁ ହେବ, ''ଆରେ ତୁମେ ଦୁଇଜଣ ପରା ସୁନା ପିଲା ! ସୁନା ପିଲାମାନେ କ'ଣ ଏଇ ଛୋଟଛୋଟ କଥାକୁ ନେଇ ବାକ୍‌ବିତଣ୍ଡା, ଖଣ୍ଡଯୁଦ୍ଧ କରନ୍ତି ? କେତେ ଅସୁନ୍ଦର କଥା କହିଲ ? ଏଥର ଯାଅ, ପଢାପଢି କର।'' ଏହା ନ କହି ଯଦି ଆପଣ ଚୁପ୍ ରହିବେ, ତେବେ ସମସ୍ୟାଟି ହୁଏତ ବଢିଯାଇପାରେ ! ପୁଅ ପାଖରୁ କିମ୍ବା ଝିଅ ପାଖରୁ କିମ୍ବା ଉଭୟ ପକ୍ଷରୁ ଆପଣଙ୍କ ପ୍ରତି ହୁଏତ ଅତର୍କିତ ଆହ୍ୱାନ ଆସିପାରେ ! କ୍ଷୋଭ,ବିଦ୍ରୋହ ଓ ଅଭିମାନର ସ୍ୱର ହୁଏତ ଉଚ୍ଚାରିତ ହୋଇପାରେ, 'ବାପା, କିଛି ଶୁଣୁନାହାନ୍ତି, କିଛି ବୁଝୁନାହାନ୍ତି, କିଛି କହୁନାହାନ୍ତି। ଆପଣଙ୍କ ପତ୍ନୀ ମଧ୍ୟ ଆପଣଙ୍କ ଉପରେ ବିରକ୍ତ ହୋଇ କହିପାରନ୍ତି, 'ହଇହୋ, ଦୁଇଜଣଙ୍କର କଳି ଦେଖି ତୁମେ ନୀରବ ରହୁଛ କାହିଁକି ? ନିଦାବିଷ୍ଟ ହୋଇଗଲ କି ? ସେମାନଙ୍କୁ ଆଦର କରି କିମ୍ବା ଆକଟ କରି ଅନ୍ତତଃ ତୁମର କିଛି କହିବା ଉଚିତ। ତୁମେ କିଛି ନ କହିବା ବେଳକୁ ସେମାନଙ୍କର ମୁହଁ ଦିନକୁଦିନ ବଢିଯାଉଛି, ବୁଝିଲ ?'

ଆଜ୍ଞା, ଘରକଥା ଯେମିତି ସମାଜ କଥା ବି ଠିକ୍ ସେମିତି। ସାମାଜିକ ଜୀବନରେ ଆମେ ଯୋଡିହୋଇ ରହିଛୁ ବିଭିନ୍ନ କ୍ଷେତ୍ରରେ। ତେବେ ବାହାର ଦୁନିଆରେ



ଆମକୁ ପ୍ରତ୍ୟେକ କ୍ଷେତ୍ରରେ 'ହାତେ ମାପି ଚାଖଣ୍ଡେ ଚାଲିବା' ଏବଂ 'ଆଲୋ ସଖୀ, ଆପଣା ମହତ ଆପେ ରଖି'ନୀତିକୁ ଆପଣେଇବାକୁ ଅଛି କିମ୍ବା ମୁହଁ ଖୋଲି ଅନ୍ତତଃ କିଛି କହିବା ଉଚିତ। ତେଣୁ ସ୍ପଷ୍ଟ ପରିସ୍ଥିତିରେ ଠିକ୍ ସମୀକ୍ଷଣ କରି ଏବଂ ପ୍ରତ୍ୟୁତ୍ପନ୍ନମତିତା ପ୍ରୟୋଗ କରି କେଉଁ କ୍ଷେତ୍ରରେ ନୀରବ ରହିବାକୁ ଅଛି ତ ଆଉ କେଉଁ କ୍ଷେତ୍ରରେ ଅନ୍ତତଃ କିଛି କହିବାର ଆବଶ୍ୟକତା ରହୁଛି। ରୋକ୍‌ଠୋକ କହିବା କିମ୍ବା ସ୍ପଷ୍ଟବାଦିତାର ଅନେକ ପାର୍ଶ୍ୱପ୍ରତିକ୍ରିୟା ରହୁଛି ଆଜିର ସମୟରେ। ତେଣୁ କ'ଣ କହିବା, ତାହା ପୁଣି କେଉଁ ଢଙ୍ଗରେ କହିବା, କିଛି ନ କହି ଯଦି ନୀରବ ରହିବା, ତେବେ ନୀରବତାର ମୂଲ୍ୟାୟନ ଠିକ୍ ହେବ ନା ଅବମୂଲ୍ୟାୟନ ହେବ,ଏସବୁର ନିଷ୍ପତ୍ତି ବିଲକୁଲ ନିଜର। ଅନ୍ୟକଥାରେ ଭଳିଯାଇ ନିଜ ଇଚ୍ଛା ବିରୋଧରେ କିଛି କହିବା ବିପଦ ସୃଷ୍ଟି କରିବ ନିଶ୍ଚୟ। ତେଣୁ ଯେକୌଣସି ସ୍ପଷ୍ଟ ପରିସ୍ଥିତିରେ, ମନ୍ତବ୍ୟ କିମ୍ବା ଉତ୍ତର ଦେବା ଆଗରୁ ଆମେ ଭଲଭାବେ ବିଚାର କରିବା ଉଚିତ। ତଦନୁଯାୟୀ କେଉଁ କ୍ଷେତ୍ରରେ ନୀରବ ରହିବା ଉଚିତ ଏବଂ କେଉଁକ୍ଷେତ୍ରରେ ମୁହଁ ଖୋଲିବା ଉଚିତ ତାହା ନିଜେ ହିଁ ନିରୂପଣ କରିବା ଆବଶ୍ୟକ।

ଚୁପ୍ ରହିବା ବା ନୀରବ ରହିବାର ମୂଲ୍ୟକୁ କେବେ କ'ଣ ଅବଜ୍ଞା କି ଅସ୍ୱୀକାର କରିହେବ ? ତେବେ ପ୍ରଶ୍ନ ଆସୁଛି, ନୀରବତା କେଉଁ କ୍ଷେତ୍ରରେ ? ଆଜ୍ଞା, ପ୍ରତ୍ୟେକ ଜିନିଷ ବା କାମର ଗୋଟିଏ ନିର୍ଦ୍ଦିଷ୍ଟ ସୀମା ରହିଛି। ସୀମା ଟପିଗଲେ ପରିସ୍ଥିତି ଅସମ୍ଭାଳ ହୁଏ, ନିୟନ୍ତ୍ରଣ ବାହାରକୁ ଚାଲିଯାଏ! ସେ ସୀମା ବ୍ୟକ୍ତିଗତ ଜୀବନରେ ହେଉ ବା ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାରେ ହେଉ। ଜୀବନର ଯାତ୍ରାପଥରେ କେଉଁଠି ନା କେଉଁଠି ଅନ୍ୟାୟ, ଅନୀତି, ଅବ୍ୟବସ୍ଥା, ସ୍ୱେଚ୍ଛାଚାରିତାକୁ ଆମେ ସାମ୍ନା କରିଚାଲିଛୁ। ନିତିଦିନ ସେସବୁବିରୋଧରେ ଅଲବତ ମୁହଁଖୋଲିବାକୁପଡିବ, କାରଣ ନିରବ ରହିବା ମହାବିପଦ। ଯାହା କହିବାକୁ ଅଛି, ତାହା ତତ୍‌କ୍ଷଣାତ୍ କହିଦେବା ଉଚିତ। ପରେ କହିଲେ, ହୁଏତ କଥାର ଗୁରୁତ୍ୱ କମିଯାଇପାରେ, ପରିସ୍ଥିତିରେ ହୁଏତ ମୋଡ଼ ଆସିଯାଇପାରେ।

ହେଲେ ଯାହା କହିବା ଉଚିତ ଓ ଯୁକ୍ତିଯୁକ୍ତ, ତାହା କ'ଣ ପ୍ରକୃତରେ ତତ୍‌କ୍ଷଣାତ୍ ଆମେ କହିପାରୁ କି? କିଛି କ୍ଷେତ୍ରରେ ହୁଏତ କହିପାରୁ, କିନ୍ତୁ ଅନେକ କ୍ଷେତ୍ରରେ ଆଦୌ କହି ନ ପାରି ଦୋ'ଦୋ' ପାଞ୍ଚ ଅବସ୍ଥା ଭିତରେ ରହିଯାଉ। ଧର୍ମସଙ୍କଟ ଭିତରେ ଧନ୍ଦିହେବା ସାର ହୁଏ। ଅବଶ୍ୟ ଜୀବନର ଦୀର୍ଘ ଅନୁଭୂତିରୁ ଏଇ ଶିକ୍ଷା ମିଳେ ଯେ କେତେକ କ୍ଷେତ୍ରରେ କିଛି ନ କହି ନୀରବ ରହିବା ଫଳରେ ସମସ୍ୟାର ସମାଧାନ ଛାଆଁକୁ ଛାଆଁ ହୋଇଯାଏ। ହେଲେ ଯେଉଁଠି ଆତ୍ମସମ୍ମାନ କି ଆତ୍ମରକ୍ଷାର ପ୍ରଶ୍ନ ଉଠେ, ସେ କ୍ଷେତ୍ରରେ ନିଜ ପାଇଁ ନିଜକୁ କହିବାକୁ ହେବ। ନିଜ ପାଇଁ ଅନ୍ୟ କେହି କହିବେ ନାହିଁ। ତେଣୁ ଠିକ୍ ସମୟରେ ଠିକ୍ ପ୍ରତିକ୍ରିୟା ବା ଅଭିବ୍ୟକ୍ତି ପରିପ୍ରକାଶ କରିବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଆଜ୍ଞା,ଜୀବନର ଅନେକ କ୍ଷେତ୍ରରେ ଆମେ ନୀରବ ରହି ପରବର୍ତ୍ତୀ ସମୟରେ ଘୋର ପଶ୍ଚାତ୍ତାପ କରିବସିଛୁ ତ କେତେକ କ୍ଷେତ୍ରରେ ମୁହଁଖୋଲି ମହାଅଡୁଆ ପରିସ୍ଥିତିକୁ ଆହ୍ୱାନ କରିବସିଛୁ। ଏସବୁ ସତ୍ତ୍ୱେ ବି ନୀରବ ବା ଚୁପ୍ ରହିବା କ'ଣ ଠିକ୍ ? ବରଂ ନୀରବତା ଭାଙ୍ଗି ମୁହଁଖୋଲି କିଛି କହିବା ଆଜିର ସମୟ ଆମ ସମସ୍ତଙ୍କୁ ବସ୍ତୁତଃ ବାଧ କରୁଛି ! କ'ଣ ଆଜ୍ଞା, ମୁଁ ଠିକ୍ କହିଲି ତ ?

ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ବାରାଣସୀର ଡ. ସୁବୋଧ କୁମାର ସିଂ ଶିଶୁମାନଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ସେ ଏବେ ସୁଦ୍ଧା ୩୭,୦୦୦ ଶିଶୁଙ୍କର ଅସ୍ତ୍ରୋପଚାର କରିସାରିଲେଣି ଓ ଏହା ଦ୍ୱାରା ୨୫,୦୦୦ ପରିବାର ଉପକୃତ ହୋଇପାରିଛନ୍ତି। ସୁବୋଧଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ୪ ସନ୍ତାନ ମଧ୍ୟରେ ସେ ଥିଲେ ସର୍ବକନିଷ୍ଠ। ହୃଦ୍‌ଘାତରେ ପିତାଙ୍କ ମୃତ୍ୟୁବେଳକୁ ସୁବୋଧଙ୍କ ବୟସ ଥିଲା ୧୩। ଅଭାବ ଭିତରେ ବଡ଼ ଭାଇଙ୍କ ରୋଜଗାରରେ ପରିବାର ଚଳିଲା ଓ ସେ ପଢ଼ିଲେ। ଏମିତି କି ତାଙ୍କୁ ମଧ୍ୟ ଦୋକାନରେ କାମ କରିବାକୁ ପଡ଼ିଛି। ତେବେ ଉଚ୍ଚଶିକ୍ଷା ପାଇ ଡାକ୍ତର ହେବା ପରେ ସେ ପିଲାଦିନର ଅଭାବକୁ ସ୍ମରଣ କରି ଅସହାୟ ଶିଶୁମାନଙ୍କ ସେବା ମାଗଣାରେ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ମୁଖ୍ୟତଃ ନବଜାତକଙ୍କ ଗ୍ରହଣଖଣ୍ଡିଆ ସମସ୍ୟା ଅସ୍ତ୍ରୋପଚାର ଦ୍ୱାରା ଦୂର କରୁଛନ୍ତି। ଏହାଦ୍ୱାରା ଶିଶୁମାନେ ଭଲରେ କଥା କହିବାକୁ ସକ୍ଷମ ହେଉଛନ୍ତି। ସେ ୧୯୯୩ରେ ପ୍ରାକ୍ଟିସ ଆରମ୍ଭ କରିଥିଲେ ଓ ୨୦୦୪ରେ ସେ ତାଙ୍କ ପିତାଙ୍କ ସ୍ମୃତିରେ ଜି.ଏସ. ମେମୋରିଆଲ ହସ୍ପିଟାଲ ପ୍ରତିଷ୍ଠା କରି ଏହି ମାଗଣା ସେବା ଯୋଗାଇ ଆସୁଛନ୍ତି। ଡା. ସୁବୋଧଙ୍କ କାର୍ଯ୍ୟକୁ ନେଇ ଅନେକ ଡକ୍ୟୁମେଣ୍ଟାରୀ ନିର୍ମାଣ କରାଯାଇଥିବା ବେଳେ ଏବେ ସେ ବିଶ୍ୱର ଶ୍ରେଷ୍ଠ ପ୍ଲାଷ୍ଟିକ୍ ସର୍ଜନଙ୍କ ମଧ୍ୟରେ ଜଣେ ଭାବେ ପରିଗଣିତ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୭୬

- ଓଡ଼ିଶା ଭୂସଂସ୍କାର (୨ୟ ସଂଶୋଧନ) ବିଲ୍ ବିଧାନସଭାରେ ଗୃହୀତ ହୋଇଛି।
- ଭାଇକିଙ୍ଗ-୨ ମଙ୍ଗଳ ଗ୍ରହରୁ ପଠାଉଥିବା ବିଭିନ୍ନ ଫଟୋକୁ ପରୀକ୍ଷା କରି ଆମେରିକାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ମେରୁ ଅଞ୍ଚଳ ବରଫାଚ୍ଛନ୍ନ ରହିଥିବା ଜାଣିପାରିଛନ୍ତି।

## ଚିରନ୍ତନୀ

ମୁକତିର ଗତି ଏକ ଅପରକୁ ଜାଣେ
ଏକ ବିନେ ଆନର ମୁକତି
ସେ ଯେ ମହା ଅସମ୍ଭବ
କ୍ଳାନ୍ତିହୀନ ମିଳନ ବିଭବ ।
ଚିର ଆକାଙ୍କ୍ଷାର ଧନ
ଏକ ଯେ ଆନର ତହିଁ ମୁକତି-ସାଧନ ।
-(ଯୁଗଳ ପ୍ରୟାଣେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ସାହାଯ୍ୟ

ମହାଶୟ,

ଯେଉଁମାନେ ସରକାରୀ ଚାକିରି କରୁଛନ୍ତି, ସେମାନେ ଅବସର ପରେ ପେନ୍‌ସନ ପାଇବେ। ଚଳିବାକୁ ତାଙ୍କ ଲାଗି ଅସୁବିଧା ହେବ ନାହିଁ। ଯେଉଁମାନେ ବଡ଼ ବଡ଼ କମ୍ପାନୀରେ ଚାକିରି କରିଥା'ନ୍ତି, ଅବସର ପରେ ମୋଟା ଅଙ୍କର ଅର୍ଥ ପାଇ ବ୍ୟବସାୟ କରିଥା'ନ୍ତି କିମ୍ବା ବ୍ୟାଙ୍କରେ ରଖି ସୁଧରେ ବି ଚଳିଯା'ନ୍ତି। ଯେଉଁମାନେ ଛୋଟ ଚାକିରି କରିଥାନ୍ତି, କୁଲି ମଜୁରିଆ କାମ କରିଥାନ୍ତି କିମ୍ବା କୃଷି ଉପରେ ନିର୍ଭର କରିଥାନ୍ତି, ସେମାନେ ବୃଦ୍ଧାବସ୍ଥାରେ ଆଉ ଖଟି ପାରନ୍ତି ନାହିଁ କିମ୍ବା ରୋଜଗାର ମଧ୍ୟ କରିପାରନ୍ତି ନାହିଁ। ଅନେକ ରୋଗ ଦେଖାଯାଏ। ଫଳରେ ସେମାନେ ଡାକ୍ତର, ଡାକ୍ତରଖାନା ଏବଂ ଔଷଧ ଉପରେ ନିର୍ଭରକରି ଜୀବନ ନିର୍ବାହ କରିଥାନ୍ତି। ପୁଅବୋହୂମାନେ ସେମାନଙ୍କୁ ଦୂର୍ ଦୂର୍ ମାର୍ ମାର୍ କରିଥାନ୍ତି। ସେମାନେ ଘରେ ପଡ଼ି ଘୋଷାଡ଼ି ହେଲେ ମଧ୍ୟ ମୃତ୍ୟୁର ଦିନ ଗଣୁଥାନ୍ତି କିମ୍ବା ମରିବା ପାଇଁ ରାସ୍ତା ପ୍ରସ୍ତୁତ କରାଇଥାନ୍ତି କିମ୍ବା ଅସହାୟ ଅବସ୍ଥାରେ କୌଣସି ସ୍ଥାନରେ କିମ୍ବା ବୃଦ୍ଧାଶ୍ରମରେ ଛାଡ଼ିଦିଅନ୍ତି। ସରକାର ଯେତିକି ଅର୍ଥ ବୁଢ଼ାବୁଢ଼ୀଙ୍କୁ ଦେଉଛନ୍ତି, ସେମାନଙ୍କର ଜୀବନ ଜୀବିକା ପାଇଁ ତାହା ଯଥେଷ୍ଟ ନୁହେଁ। ଅଧିକ ଭତ୍ତା ପ୍ରଦାନ କଲେ ସେମାନଙ୍କ ଶେଷ ଜୀବନ ସୁଖମୟ ହୋଇପାରନ୍ତା।

– ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ମିଳିବ ରାଜ୍ୟ ମାନ୍ୟତା

ଢେଙ୍କାନାଳ,୨୩ା୯
(ରତନ ନାୟାର)

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବକୁ ରାଜ୍ୟ ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ମଙ୍ଗଳବାର ଫୋନ୍ ଯୋଗେ ସୂଚନା ଦେବା ସହିତ ହ୍ୱାଟସ୍ ଆପ୍‌ରେ ଗଜଲକ୍ଷ୍ମୀ ପୂଜା କମିଟି ଗ୍ରୁପରେ ମଧ୍ୟ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ମଧ୍ୟ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା, ସଦ୍ଭାବ, ମୈତ୍ରୀ, ପ୍ରୀତି, ଭାତୃତ୍ୱ ଓ ସୌଜନ୍ୟର ମଧୁର ସମାବେଶରେ ଓଡିଶାର ସାଂସ୍କୃତିକ ଐତିହ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ଓଡିଶା ସରକାରଙ୍କ ସାଂସ୍କୃତିକ ମାନଚିତ୍ରରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବା ଓ ସହରର ପ୍ରତ୍ୟେକ ପୂଜା ମଣ୍ଡପକୁ ଆର୍ଥିକ ସହଯୋଗ କରିବାକୁ ସୋମବାର ଲୋକସେବା ଭବନ କାର୍ଯ୍ୟାଳୟରେ ମନ୍ତ୍ରୀ ପାତ୍ର ଉଚ୍ଚଶିକ୍ଷା, କ୍ରୀଡା, ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ଏହି ଦାବିକୁ ସହୃଦୟତାର ଓ ଗମ୍ଭୀରତାର ସହ ବିଚାର କରି ଯଥାଶୀଘ୍ର ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ମାନ୍ୟତା ପ୍ରଦାନ ନିମନ୍ତେ ସଂସ୍କୃତି ମନ୍ତ୍ରୀ ସୁରଜ ପ୍ରତିଶ୍ରୁତି ପ୍ରଦାନ କରିଥିବାରୁ ଢେଙ୍କାନାଳବାସୀ ସାଧୁବାଦ ଜଣାଇଛନ୍ତି। ରାଜ୍ୟ ମାନ୍ୟତାପ୍ରାପ୍ତ ହେଲେ ଢେଙ୍କାନାଳର ପ୍ରତ୍ୟେକ ପୂଜା ମଣ୍ଡପକୁ ପ୍ରାୟ ୫୦ହଜାର ଟଙ୍କା ଲେଖାଏଁ ମିଳିବାର ସମ୍ଭାବନା ରହିଛି ବୋଲି ମିଳିତବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ମିଳିତ ଲକ୍ଷ୍ମୀପୂଜା କମିଟିର ସଭାପତି ରୁଦ୍ର ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ପୀତବାସ ସାହୁ, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ନବୀନଚନ୍ଦ୍ର ନାରାୟଣ ଦାସ, ରବି ନାରାୟଣ ମହାନ୍ତି, ସତ୍ୟବାନ ପାତ୍ର, ସଞ୍ଜୀବ ବେହେରା, ଅଶୋକ ସ୍ୱାଇଁ, ସନ୍ତୋଷ ରାଉତ, ହୃଦୟାନନ୍ଦ ମହାନ୍ତି ପ୍ରମୁଖ ଭୁବନେଶ୍ୱରଠାରେ ମନ୍ତ୍ରୀ ପାତ୍ର ଓ ମନ୍ତ୍ରୀ ସୁରଜଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟୁଛନ୍ତି ଲକ୍ଷ୍ମୀପୂଜା କମିଟିର ସଦସ୍ୟମାନେ।

# ଢେଙ୍କାନାଳ କଲେଜ ଅଧ୍ୟକ୍ଷଙ୍କୁ ଘେରିଲା ଏବିଭିପି

## ଛାତ୍ର ସଂସଦ ନିର୍ବାଚନ ଦାବି

ଢେଙ୍କାନାଳ,୨୩ା୯
(ରତନ ନାୟାର)

ଛାତ୍ର ସଂସଦ ନିର୍ବାଚନ ଦାବିରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମଙ୍ଗଳବାର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍ ୟୁନିଟ କାର୍ଯ୍ୟକର୍ତ୍ତା ଘେରିଥିଲେ। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଦାବି ନ ମାନିଲେ ଆଗାମୀ ଦିନରେ ଏକ ବଡ ଆନ୍ଦୋଳନ ମଧ୍ୟ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କଲେଜର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା, କ୍ୟାମ୍ପସ୍ ପାଇଁ ଉପଯୁକ୍ତ ସୁରକ୍ଷା, ହଷ୍ଟେଲ ଓ କ୍ୟାମ୍ପସ ମଧ୍ୟରେ ଅଣଛାତ୍ର ପ୍ରବେଶ ଉପରେ ଅଙ୍କୁଶ ଲଗାଇବା, କଲେଜରେ ଉପଯୁକ୍ତ ପରିମଳକରଣ ସହିତ ପୁଅ ଓ ଝିଅ ଉଭୟଙ୍କ ପାଇଁ ଶୌଚାଳୟ ସଫା ସୁତରା ରଖିବା, କମନରୁମ ବ୍ୟବସ୍ଥା, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରୀ ସ୍ଥାପନ, ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଠିକ ସମୟରେ ଦେବା, କ୍ରୀଡାକୁ ପ୍ରୋତ୍ସାହନ, ଖେଳ ପଡିଆର ଉନ୍ନତୀକରଣ, ଜିମ୍ ଓ ସ୍ପୋର୍ଟସ୍ ସାମଗ୍ରୀ ପ୍ରଦାନ, ସିସିଟିଭି ବ୍ୟବସ୍ଥା କରିବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଖାଲି ପଡିଥିବା ଅଧ୍ୟାପିକା ଅଧ୍ୟାପକ ଓ ଅଣ ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା। ଏ ସଂକ୍ରାନ୍ତରେ ଏବିଭିପି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ୍ ୟୁନିଟ୍ କଲେଜ ଅଧ୍ୟକ୍ଷଙ୍କୁ ଭେଟି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।


ଏବିଭିପି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍ ୟୁନିଟ କାର୍ଯ୍ୟକର୍ତ୍ତାମାନେ ଦାବି ଜଣାଉଛନ୍ତି।

# ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିର

ଢେଙ୍କାନାଳ,୨୩ା୯
(ରତନ ନାୟାର)

ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ସହାୟତାରେ ଜିଲା ପ୍ରଶାସନର ତରଫରୁ ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର କାଙ୍କଡପାଳ ଗ୍ରାମପଞ୍ଚାୟତର ସରଖିଆ, କାଇମାଟି ପଞ୍ଚାୟତର ଚୋଲାପଲି, ମଧୁସାହୁପାଟଣା ପଞ୍ଚାୟତର ବିମ୍ବୋଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ପ୍ରଶିକ୍ଷକ ଭାବେ ନ୍ୟୁ ଇଣ୍ଡିଆ ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ ତାଲିମ ମାଧ୍ୟମରେ ଆଦିବାସୀ ମାନଙ୍କୁ ମିଳୁଥିବା ସରକାରୀ ସହାୟତା, ଆଦିବାସୀ ଗ୍ରାମାଞ୍ଚଳରେ ଦୃଷ୍ଟିକୋଣ ନିର୍ମାଣର ପରିଚୟ ପ୍ରକ୍ରିୟା ଏବଂ କେନ୍ଦ୍ରୀୟ ଗୋଷ୍ଠୀ ଆଲୋଚନା ଦୃଷ୍ଟିକୋଣ ନିର୍ମାଣରେ ପ୍ରକ୍ରିୟାରେ ସିଏସ୍‌ଓର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡିକରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍କୁଲ ଶିକ୍ଷକ, ଆଶା, ଅଙ୍ଗନୱାଡି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଗ୍ରାମର ସାମାଜିକ ମାନଚିତ୍ର, ଆକ୍ସନ ପ୍ଲାନ ପ୍ରସ୍ତୁତି କରାଯିବା ସହ ଗ୍ରାମର ଆଦି ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇ ସହାୟକ ଓ ସାଥି ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନ୍ୟୁ ଇଣ୍ଡିଆ ଅନୁଷ୍ଠାନର କର୍ମକର୍ତ୍ତା ଓ ଜିଲା ମଙ୍ଗଳ ବିଭାଗର କର୍ମଚାରୀ କବିରାଜ ସାହୁ ପରିଚାଳନା କରିଥିଲେ।



ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିରରେ ଅତିଥି ଓ ଗ୍ରାମବାସୀ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଅତିଥି ଓ ଛାତ୍ରୀମାନେ

ଢେଙ୍କାନାଳ,୨୩ା୯
(ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦା ମହିମା ମହାବିଦ୍ୟାଳୟଠାରେ ମଙ୍ଗଳବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁଳ୍କ ଅସ୍ଥିରତା ଓ ଭାରତ-ଆମେରିକା ବୈଦେଶିକ ସମ୍ପର୍କ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରହଲାଦ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଭାରତ ଓ ଆମେରିକା ମଧ୍ୟରେ ଗଢି ଉଠିଥିବା ବୈଦେଶିକ ସମ୍ପର୍କ ବିଷୟରେ ବିଷଦ ଭାବେ ଆଲୋଚନା କରିଥିଲେ। ମହିମା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ମୁଖ୍ୟ ଜ୍ୟୋତିରଞ୍ଜନ ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଗୀତାଞ୍ଜଳି ମହାରଣା ପ୍ରସଙ୍ଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁକ୍ତ ୩ ତୃତୀୟବର୍ଷ ଛାତ୍ରୀ ସୁନିତା ପ୍ରଦାନ ଶୀର୍ଷକ ସମ୍ବନ୍ଧରେ ଏକ ଗବେଷଣାତ୍ମକ ନିବନ୍ଧ ପାଠ କରିଥିଲେ। ଅଧ୍ୟାପକ ଶ୍ରୀଚନ୍ଦନ ସାସମଲ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଇମିଲି ଶିବସୁନ୍ଦର, ମନୋରଞ୍ଜନ ରଣା, ଉମେଶ୍ୱର ବେହେରା, ଅଧ୍ୟାପିକା ଆୟେଶା ତ୍ରିପାଠୀ, ଶୁଭସ୍ମିତା ସାହୁ, ଅର୍ଚ୍ଚନା ଷେଣ୍ଡ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବଢୁଛି ଚୋରା ଡିଜେଲ ବେପାର, ୧ ଗିରଫ

ପରଜଙ୍ଗ, ୨୩ା୯
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ ନମ୍ବର ଏବଂ ୫୩ ନମ୍ବର ଜାତୀୟ ରାଜପଥ ଅଞ୍ଚଳରେ ଦିନକୁ ଦିନ ଚୋରା ଡିଜେଲ କାରବାର ବଢିବାର ଲାଗିଛି। ରାସ୍ତାକଡ଼ରେ ଦୋକାନ ଖୋଲି ଦିନରାତି ଗାଡ଼ିଗୁଡିକରୁ ଚୋରା ଡିଜେଲ ଟାଣୁଥିବା ଦେଖିବାକୁ ମିଳୁଛି। ଏମିତିକି କିଛି ଦୁର୍ବୃତ୍ତ ରାସ୍ତା ପାର୍ଶ୍ୱରେ ଡ୍ରାଇଭରମାନେ ଟ୍ରକ ଛିଡା କରି ଶୋଇଥିବା ଅବସ୍ଥାରେ ଟାଙ୍କିରୁ ତେଲ ଚୋରି କରିନେଉଛନ୍ତି। ଝମେଲାରେ ନ ପଡ଼ିବା ପାଇଁ ଟ୍ରକ ଡ୍ରାଇଭରମାନେ ପୋଲିସର ଆଶ୍ରୟ ନେଉନାହାନ୍ତି। ଦିନକୁ ଦିନ ଚୋରି ବଢୁଥିବା ବେଳେ ରାସ୍ତା କଡ଼ରେ ଚୋରା ଡିଜେଲ ଦୋକାନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପରଜଙ୍ଗ ଥାନାଧିକାରୀ ଧିରେନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରବିବାର ରାତିରେ ୫୩ ନମ୍ବର ଜାତୀୟ ରାଜପଥର ବରିହାପୁର ଅଞ୍ଚଳରେ ଚଢାଉ କରାଯାଇ ଚୋରା ଡିଜେଲ କାରବାର କରୁଥିବା ଦୋକାନରେ ଯାଞ୍ଚ ବେଳେ ୨ଶହ ଲିଟର ଡିଜେଲ, ବିଭିନ୍ନ ପ୍ରକାରର ତେଲ ଟଣା ପାଇପ, ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ଦୋକାନ ମାଲିକ ବାରିହାପୁର ଗ୍ରାମର ପଞ୍ଚାନନ ସାହୁ ଙ୍କ ନାମରେ କେସ୍ ନଂ. ୪୪୪/୨୫ ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛନ୍ତି। ଏହି ଚଢାଉରେ ଏଏସଆଇ ଜଳନ୍ଧର ବାରିକ, ଯୁଗଳ ପ୍ରଧାନ ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

# ବଧିରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ




ଢେଙ୍କାନାଳ,୨୩ା୯(ରତନ ନାୟାର)

ଢେଙ୍କାନାଳ ଜିଲା ବଧିର ସଂଘ ପକ୍ଷରୁ ୬୮ତମ ଆନ୍ତର୍ଜାତୀୟ ବଧିର ଦିବସ ଓ ୩୩ତମ ବାର୍ଷିକ ବଧିର ସମ୍ମିଳନୀ ମଙ୍ଗଳବାର ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଷ୍ଟାଡିୟମ୍‌ଠାରୁ ଏକ ଶୋଭାଯାତ୍ରା ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟରୁ ଜିଲା ଲେଖକ ସଂସଦ ଭବନ ପର୍ଯ୍ୟନ୍ତ ଯାଇଥିଲା। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପରେ ଲେଖକ ସଂସଦ ଭବନଠାରେ ଏକ ସାଧାରଣ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବଧିରମାନଙ୍କୁ ହେୟଜ୍ଞାନ ନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଓ ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ସ୍ୱାଇଁ, ପରାମର୍ଶଦାତା ଆଇନ୍‌ଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଅନୁପ ଶାନ୍ତି ସ୍ୱରୂପ ମିଶ୍ର, ସଂଘର ଉପସଭାପତି ରାଜେନ୍ଦ୍ର ନାରାୟଣ ସାମଲ, ଓଡ଼ିଶା ବଧିର ଆସୋସିଏଶନ୍‌ର ଉପସଭାପତି ବିଶ୍ୱଜିତ୍ ହୋତା, ଢେଙ୍କାନାଳ ସଂଘ ସାଧାରଣ ସଂପାଦକ ଅକ୍ଷୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ବିବରଣୀ ସତ୍ୟଜିତ୍ ମହାନ୍ତି ସାଂକେତିକ ଭାଷାରେ ବଧିର ଭାଇଭଉଣୀ ସମ୍ମୁଖରେ ଉପସ୍ଥାପନ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

ଓଡ଼ାପଡ଼ା, ୨୩ା୯ (ରଞ୍ଜିତ ନାୟକ)

ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବଳରାମପ୍ରସାଦରେ ଟାଟାଷ୍ଟିଲ ମେରାମଣ୍ଡଳି ପକ୍ଷରୁ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନ ପଠାଣି ସାମନ୍ତ ପ୍ଲାନେଟୋରିୟମ ଭୁବନେଶର ସହଯୋଗିତାରେ ଆୟୋଜିତ ଯୁବ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୨୦ତମ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ଟାଟାଷ୍ଟିଲ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ବେହେରା, ସୋମନାଥ ସାହୁ, ରଣଜିତ ନାୟକଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହାକୁ ଟାଟାଷ୍ଟିଲର ଭବେନ କର ପରିଚାଳନା କରିଥିଲେ।

# ହିନ୍ଦୋଳ ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ମେଳିବାନ୍ଧିଲେ ବହୁ ସରପଞ୍ଚ, ସମିତି ସଭ୍ୟ

ସାତମାଇଲ, ୨୩ା୯
(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ମଙ୍ଗଳବାର ବହୁ ସରପଞ୍ଚ, ସମିତି ସଭ୍ୟ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ୬୧ଜଣ ସରପଞ୍ଚ ସମିତିସଭ୍ୟ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ବିରୋଧରେ ଉପଜିଲ୍ଲାପାଳ ପ୍ରଭାସ ବେହୁରାଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଇଛନ୍ତି। ଉପଜିଲ୍ଲାପାଳ ତାହା ସରକାରଙ୍କ ନିକଟକୁ ବିଚାର ପାଇଁ ପଠାଇଦେଇଛନ୍ତି। ବ୍ଲକରେ ବହୁ ଅନିୟମିତତା ଏବଂ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିବାରୁ ଅନାସ୍ଥା ଦିଆଗଲା ବୋଲି ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଓ ସମିତିସଭ୍ୟ ପ୍ରିୟରଞ୍ଜନ ମାହୁନ୍ତ କହିଛନ୍ତି।


ସରପଞ୍ଚ ଓ ସମିତିମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# ଜଳ ବିଭାଜିକା ସହାୟତା ରାଶି ହଡ଼ପ ଅଭିଯୋଗ

କାମାକ୍ଷାନଗର,୨୩ା୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକରେ ଜଳବିଭାଜିକା ସହାୟତା ରାଶିରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଜଳ ବିଭାଜିକା ସମ୍ପାଦକ ଓ ସଭାପତି ମିଶି ଲକ୍ଷାଧିକ ଟଙ୍କାର ସହାୟତା ରାଶି ହଡ଼ପ କରିଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଜରଡା-ଦେହୁରୀହତା ଜଳବିଭାଜିକା କମିଟି (ବାଲିଚେତନା ନାଳ-୧) ଉଭୟ ଜରଡା ଓ ଦେହୁରୀହତା ଗାଁକୁ ନେଇ ଗଠିତ ହୋଇଥିଲା। ସୂଚନା ଅନୁସାରେ କଙ୍କଡାହାଡ଼ ବ୍ଲକ ଜରଡ଼ା ଗ୍ରାମରେ ଜଳ ବିଭାଜିକା ତରଫରୁ ହିତାଧିକାରୀଙ୍କୁ ଛେଳି ଚାଷ ଓ ବଗିଚା କରିବା ନିମନ୍ତେ ୧୬ ହଜାର ଟଙ୍କା ଲେଖାଏଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ତରଫରୁ ପ୍ରଦାନ କରାଯାଇଥିଲା। ମାତ୍ର ହିତାଧିକାରୀମାନେ ସହାୟତା ରାଶି ପାଇବା ପରେ ଜରଡ଼ା ଗ୍ରାମରେ ଜଳ ବିଭାଜିକା ସମ୍ପାଦକ ଓ ସଭାପତି ହିତାଧିକାରୀଙ୍କୁ ଧମକ ଚମକ ଦେଇ ସହାୟତା ରାଶିରୁ ୧୧ ହଜାର ଟଙ୍କା ଲେଖାଏଁ ନେଇଛନ୍ତି। ଯିଏ ୧୧ ହଜାର ଟଙ୍କା ନ ଦେବ ତାଙ୍କର ଘର କାଟି ଦିଆଯିବା ସହ ବିଭିନ୍ନ ପ୍ରକାର ସରକାରୀ ସହାୟତାକୁ କାଟି ଦିଆଯିବ କହି ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଠାରୁ ୧୧ ହଜାର ଟଙ୍କା ଲେଖାଏଁ ହଡ଼ପ କରିଥିବା ଅତିରିକ୍ତ ଜିଲାପାଳଙ୍କୁ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏପରିକି ସଭାପତି, ସମ୍ପାଦକ ନିଜ ପରିବାର ଲୋକଙ୍କ ନାମରେ ୩ରୁ ଅଧିକ ଚାଷ ବାବଦରେ ସହାୟତା ରାଶି ଚଞ୍ଚକତା କରିଥିବା ନେଇ ଅଭିଯୋଗ ହେଉଛି। କବିତା ବେହେରା, ବିରଳା ଜେନା, କବିତା ବେହେରା, ସରୋଜିନୀ ପଧାନ, ଶାନ୍ତି ବେହେରା, ବିନତି ସାହୁ, ଜୟନ୍ତୀ ବେହେରା, ଜ୍ୟୋସ୍ନାମୟୀ ଜେନା, ବିନତୀ ବେହେରା, ଗେହ୍ଲେଇ ସାହୁ, ଅଞ୍ଜଳି ପଧାନ, ସାବିତ୍ରୀ ପଧାନ ପ୍ରମୁଖ ହିତାଧିକାରୀମାନେ ଅଭିଯୋଗ ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରିଣୀଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା କହିଛନ୍ତି। ରିପୋର୍ଟ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଯାଇଥିବା ହିତାଧିକାରୀ।

■ ସଭାପତି, ସମ୍ପାଦକ ବିରୋଧରେ ଅଭିଯୋଗ ଆଣିଲେ ହିତାଧିକାରୀ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲାପାଳ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADY OFFICE ASST.
Khaiba, Rahiba Free
10,000/- P.M.
Nakhara, Cuttack
7809525452

STAFF REQUIRED
ଜଗତ୍‌ସିଂହପୁର ବାଲିକୁଦାରେ Readymix Concreet Plantରେ କାର୍ଯ୍ୟ କରିବା ପାଇଁ experience Marketing, Manager, Quality Engineer, Supervisor ଏବଂ Accountant Staff ଆବଶ୍ୟକ।
ରହିବା ଓ ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ: 9937499625

WANTED
PRODUCTION HEAD FOR A CNC MACHINE SHOP NEAR KOLKATA. EXPERIENCE AND EXPERTISE IN CNC & VMC PROGRAMMING, ACAD, CAM IS ESSENTIAL.
CONTACT:
ptchain@gmail.com, 9830042357

See Career Appointment on every Wednesday & Saturday

ski retail capital
WANTED
A LEADING FINANCIAL SERVICES MARKETING COMPANY REQUIRES
SHRIRAM 50
AREA MANAGER
FOR SELLING MOTOR INSURANCE
CTC: Rs. 3.5 - 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION: ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR & GOPALPUR.
Send your RESUME to resume@skiretail.in, 9840335849
Ski Retail Capital limited
No.1, Sambandam Street, T Nagar Chennai - 600 017

pfrda | nps national pension system | #Zaruri Hai
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ
ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କ ପାଇଁ ଜାତୀୟ ପେନ୍‌ସନ ପ୍ରଣାଳୀରେ ଯୋଗଦେବା ସମ୍ବନ୍ଧୀୟ ସୂଚନା
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫଆରଡିଏ), ପିଏଫଆରଡିଏ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏବଂ ବୈଧାନିକ ପ୍ରାଧିକରଣ ଅଟେ। ଏହାର ଉଦ୍ଦେଶ୍ୟ ହେଉଛି ଉକ୍ତ ଅଧିନିୟମ ଅଧୀନରେ ନିୟନ୍ତ୍ରିତ ପେନ୍‌ସନ ଯୋଜନାଗୁଡ଼ିକ ମାଧ୍ୟମରେ ବାର୍ଦ୍ଧକ୍ୟକାଳୀନ ଆୟ ସୁରକ୍ଷାକୁ ପ୍ରସାରିତ କରିବା। ଉକ୍ତ ପେନ୍‌ସନ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ପେନ୍‌ସନ ପ୍ରଣାଳୀ (ଏନ୍‌ପିଏସ୍) ଅନ୍ତର୍ଭୁକ୍ତ।
ଏନ୍‌ପିଏସ୍ ଏକ ପରିଭାଷିତ ଅଂଶଦାୟୀ ପେନ୍‌ସନ ଯୋଜନା ଏବଂ ଏହା ପ୍ରାରମ୍ଭିକ ରୂପେ ୨୦୦୪ ମସିହାରେ କେନ୍ଦ୍ର ସରକାର, କେନ୍ଦ୍ରୀୟ ସ୍ୱୟଂଶାସିତ ନିକାୟ, ରାଜ୍ୟ ସରକାର, ରାଜ୍ୟ ସ୍ୱୟଂଶାସିତ ନିକାୟଗୁଡ଼ିକର କର୍ମଚାରୀଙ୍କ ପାଇଁ ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସ୍ୱେଚ୍ଛାକୃତ ଭିତ୍ତିରେ କର୍ପୋରେଟ୍ ଏବଂ ଭାରତୀୟ ନାଗରିକମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଇଥିଲା। ବର୍ଷ ବର୍ଷ ଧରି ଏନ୍‌ପିଏସ୍ ପଞ୍ଜୀକୃତ ପେନ୍‌ସନ୍ ପାଣ୍ଠିଗୁଡ଼ିକ ଦ୍ୱାରା, କ୍ଷତିଭୟ ଓ ପ୍ରତିଫଳର ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ବିଭିନ୍ନ କ୍ଷେତ୍ର ପାଇଁ ଅନୁମୋଦିତ ଦିଗନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ଆସେଟ୍ କ୍ଲାସରେ ନିରବଚ୍ଛିନ୍ନ ଭାବେ ପାଣ୍ଠିର ନିବେଶ କରି ନିଜର ଉପଭୋକ୍ତାମାନଙ୍କ ଲାଗି ଉଚ୍ଚତର ରିଟର୍ନ ଉତ୍ପନ୍ନ କରିଆସିଛି। ଏନ୍‌ପିଏସ୍ ସମ୍ପର୍କରେ ଅଧିକ ବିବରଣୀ ପାଇଁ, ଦୟାକରି ପ୍ରାଧିକରଣଙ୍କ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ - www.pfrda.org.in > Schemes > NPS।
ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଏନ୍‌ପିଏସ୍ ଅଧୀନରେ ବିଭିନ୍ନ ଟିକସ ଲାଭ ପ୍ରଦାନ କରିଥାଏ। ପ୍ରସ୍ଥାନ ପରେ, ଏହା ସଞ୍ଚିତ ପେନ୍‌ସନ ଧନର ୬୦% ରାଶିକୁ ଏକକାଳୀନ ଟିକସମୁକ୍ତ ରାଶି ଭାବେ ଉଠାଣ କରିବା ପାଇଁ ଅନୁମତି ଦେଇଥାଏ ଏବଂ ଅବଶିଷ୍ଟ ଅର୍ଥରାଶିକୁ ଆନୁଇଟି ସେବା ପ୍ରଦାନକାରୀ(ଗଣ)ଙ୍କଠାରୁ ଆନୁଇଟି କ୍ରୟ କରିବା ପାଇଁ ବ୍ୟବହାର କରାଯାଇଥାଏ, ଯାହା ଉପରେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି)କୁ ଛାଡ଼ କରାଯାଇଛି।
ଏନ୍‌ପିଏସ୍ ଅଧୀନରେ ସମସ୍ତ ଗତିବିଧି ପିଏଫଆରଡିଏ ଅଧିନିୟମ, ୨୦୧୩ ତଥା ପ୍ରାଧିକରଣ ଦ୍ୱାରା ଅଧିସୂଚିତ ବିନିୟମଗୁଡ଼ିକ ଅଧୀନରେ ନିୟନ୍ତ୍ରିତ ହୋଇଥାଏ। ଅଧିକନ୍ତୁ, ଏନ୍‌ପିଏସ୍ ଅଧୀନ ଗତିବିଧିଗୁଡ଼ିକ ସମ୍ପୂର୍ଣ୍ଣ ଡିଜିଟାଲ ହୋଇଥାଏ ଏବଂ ସ୍ୱଚ୍ଛ ଢଙ୍ଗରେ ପରିଚାଳିତ ହୋଇଥାଏ। ଉପଭୋକ୍ତାମାନେ ମୋବାଇଲ ଆପ୍ କିମ୍ବା ଉପଭୋକ୍ତା ଲଗ୍ ଇନ୍ ବ୍ୟବହାରକରି ଦୈନିକ ଭିତ୍ତିରେ ଉପଭୋକ୍ତାଙ୍କ ଉପଲବ୍ଧ ବ୍ୟକ୍ତିଗତ ପେନ୍‌ସନ ପାଣ୍ଠି ସମ୍ପର୍କରେ ଅଧୁନାତନ ସୂଚନା ପାଇପାରିଥାନ୍ତି। ଉପଭୋକ୍ତାମାନଙ୍କ ନିକଟରେ ଏକାଧିକ ପେନ୍‌ସନ ପାଣ୍ଠି ମଧ୍ୟରୁ ବାଛିବା, ଆସେଟ୍ ଆବଣ୍ଟନ ଏବଂ ଗୋଟିଏରୁ ଅନ୍ୟ କର୍ମନିଯୁକ୍ତି, ସ୍ଥାନ ଏବଂ କର୍ମନିଯୁକ୍ତି ସ୍ଥିତିର ପୋର୍ଟେବିଲିଟିର ସୁବିଧା ରହିଥାଏ।
ଏହି ବିଜ୍ଞପ୍ତି ବଳରେ ଆୟକର ଅଧିନିୟମ, ୧୯୬୧ ଅଧୀନରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କୁ ଅବଗତ କରିଦିଆଯାଉଛି ଯେ, ସେମାନେ ଏନ୍‌ପିଏସ୍ ଅଧୀନରେ ଲାଭ ଓ ପ୍ରତିଫଳର ଲାଭ ଉଠାଇପାରିବେ। ଏହି ଉଦ୍ଦେଶ୍ୟ ପାଇଁ ଏନ୍‌ପିଏସ୍‌କୁ ମାଇଗ୍ରେସନ ସକ୍ଷମ କରିବା ଲାଗି ସେମାନେ ନିଜ ନିଜର ସମ୍ପୃକ୍ତ ଅନୁମୋଦିତ ସେବାନିବୃତ୍ତି ଟ୍ରଷ୍ଟ/ନିଯୋକ୍ତାଙ୍କ ସହ ଯୋଗାଯୋଗ କରିପାରିବେ। ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଅନୁଯାୟୀ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକରୁ ଏନ୍‌ପିଏସ୍‌କୁ ପାଣ୍ଠିଗୁଡ଼ିକର ଥରକରେ ସ୍ଥାନାନ୍ତର କରାଗଲେ ଟିକସ ଛାଡ଼ ସୁବିଧା ମିଳିବ। ପ୍ରାଧିକରଣ ଏକ ସୁରକ୍ଷିତ ପେନ୍‌ସନଯୁକ୍ତ ସମାଜର ଅଧାଦେଶକୁ ପୂରଣ କରିବା ପାଇଁ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକୁ ସେମାନଙ୍କର ସଭ୍ୟମାନଙ୍କୁ ଏନ୍‌ପିଏସ୍‌କୁ ମାଇଗ୍ରେସନ୍ କରିବା ସୁବିଧାଜନକ ଲାଗି ଆବଶ୍ୟକୀୟ ସହାୟତା ଓ ମାର୍ଗଦର୍ଶନ ଯୋଗାଇବେ।
ମାମଲା ଅନୁଯାୟୀ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠି କିମ୍ବା ତାହାର ବ୍ୟକ୍ତିବିଶେଷ ସଭ୍ୟମାନେ ପ୍ରାଧିକରଣର ୱେବ୍‌ସାଇଟ୍ (www.pfrda.org.in)ରେ "Schemes > NPS > Superannuation Funds" ଟ୍ୟାବ୍ ଅଧୀନରେ ଦର୍ଶାଯାଇଥିବା ସବିଶେଷ ପଦ୍ଧତି ଅନୁଯାୟୀ କିମ୍ବା ନିମ୍ନପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରି ଏନ୍‌ପିଏସ୍‌କୁ ସ୍ଥାନାନ୍ତର କରିପାରନ୍ତି। ଏହା ବ୍ୟତୀତ, ଏ ସଂକ୍ରାନ୍ତୀୟ ଯେକୌଣସି ପ୍ରଶ୍ନକୁ saf-information@pfrda.org.in କିମ୍ବା ପ୍ରାଧିକରଣଙ୍କ କାର୍ଯ୍ୟାଳୟକୁ ପଠାଯାଇପାରିବ।
ମୁଖ୍ୟ ମହାପ୍ରବନ୍ଧକ
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ
ପାଇଁ ଓ ତରଫରୁ

# ସାତକୋଶିଆରେ ଡବ୍ଲ୍ୟୁଆଇଆଇ ଟିମ୍‌ର ଗବେଷଣା

**ଅନୁଗୋଳ,୨୩।୯(ଦିବ୍ୟ ଶାନ୍ତନୁ ନାଥ)**

ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ କାର୍ଯ୍ୟ କରୁଛି ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ (ଡବ୍ଲ୍ୟୁଆଇଆଇ)ର ୩ ଜଣିଆ ଟିମ୍। ଗତ ମାର୍ଚ୍ଚ ଠାରୁ ଜଣେ ବୈଜ୍ଞାନିକଙ୍କ ସହ ୨ଜଣ ବିଶେଷଜ୍ଞ ସାତକୋଶିଆରେ କାର୍ଯ୍ୟ କରୁଥିବା ଜଣାପଡିଛି। ବର୍ତ୍ତମାନ ଏହି ଟିମ୍ ସାତକୋଶିଆର ଟୁଲୁକା ଠାରେ ରହି ଜଙ୍ଗଲ ମଧ୍ୟରେ ଗବେଷଣା ଜାରି ରଖିଛି। ସାତକୋଶିଆ ପରି ଶିମିଳିପାଳରେ ମଧ୍ୟ ଏକ ଟିମ୍ କାର୍ଯ୍ୟ କରୁଥିବାରୁ ଆଗାମୀ ଦିନରେ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।




ସୂଚନା ଅନୁଯାୟୀ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ବାଘଶୂନ୍ୟ ହୋଇଯାଇଛି। ତେଣୁ ସେଠାରେ ବାଘବଂଶ ବୃଦ୍ଧି ପାଇଁ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ କିଛିବର୍ଷ ତଳେ ଆରମ୍ଭ ହୋଇଥିଲା। କିନ୍ତୁ ମହାବଳ ମହାବୀରର ମୃତ୍ୟୁ ଓ ବାଘୁଣୀ ସୁନ୍ଦରୀକୁ ଫେରାଇ ନିଆଯିବା ପରେ ଏହି ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ସ୍ଥଗିତ ରହିଥିଲା। ଏହା ପରଠାରୁ ରାଜ୍ୟ ବନବିଭାଗ, ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକାରଣ 'ଏନ୍‌ଟିସିଏ', ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ ଆଦି ସଂସ୍ଥା ବିଫଳତାର କାରଣ ଖୋଜୁଛନ୍ତି। ଜଙ୍ଗଲର କୋର୍ ଅଞ୍ଚଳରେ ଜନବସତିକୁ ସ୍ଥାନାନ୍ତରଣ କରିବା ନେଇ ପ୍ରଥମେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା ଏନ୍‌ଟିସିଏ। ପୂର୍ବରୁ ରାଇଗୋଡ଼ା ଏବଂ ପରେ ପର୍ଯ୍ୟାୟ କ୍ରମେ ଟୁଲୁକା, କଟରଙ୍ଗ, ଅସନବାହଳ, ଭୁରୁକୁଣ୍ଡି, ଗୋପାଳପୁର ଆଦି ଗାଁ ବିସ୍ଥାପିତ ହୋଇସାରିଛି। ବର୍ତ୍ତମାନ ଜଙ୍ଗଲର ସମସ୍ତ ବିବରଣୀ ଏନ୍‌ଟିସିଏ ସଂଗ୍ରହ କରୁଛି। ତେବେ ଗତ ମାର୍ଚ୍ଚରୁ ସାତକୋଶିଆରେ ଡବ୍ଲ୍ୟୁଆଇଆଇର ମୁଖ୍ୟ ବୈଜ୍ଞାନିକ ବିଭାସ ପାଣ୍ଡବଙ୍କ ସମେତ ୨ଜଣ ସହଯୋଗୀ କାର୍ଯ୍ୟ କରୁଥିବା ଜଣାପଡିଛି। ଜଙ୍ଗଲ ଭିତରେ କ୍ୟାମେରା ଟ୍ରାପ, ଲିଓପାର୍ଡ ମନିଟରିଂ, ପ୍ରତି ବର୍ଗକିଲୋମିଟରରେ ଗ୍ରୀଡ୍ ନିର୍ମାଣ କରି ତୃଣଭୋଜୀଙ୍କ ସଂଖ୍ୟା ଆଦି ଜାଣିବା କାର୍ଯ୍ୟ କରୁଛନ୍ତି। ସାତକୋଶିଆର ପ୍ରାରମ୍ଭିକ ସ୍ଥିତି ପରଖିବା ସହ ସେଠାରେ ବସବାସ କରୁଥିବା ଅଧିବାସୀଙ୍କ ଉପରେ ଅଧ୍ୟୟନ ଆଦି କାର୍ଯ୍ୟ ଜାରି ରଖିଛନ୍ତି। ଏହାର ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ବନବିଭାଗ ଏବଂ ଭାରତୀୟ ବନ୍ୟଜୀବ ପ୍ରତିଷ୍ଠାନରେ ଦାଖଲ ଯୋଜନା ରହିଛି। ଫଳରେ ସାତକୋଶିଆର ବର୍ତ୍ତମାନ ସ୍ଥିତି ଉପରେ ସବିଶେଷ ତଥ୍ୟ ଏନ୍‌ଟିସିଏ ପାଇପାରିବ। ତେବେ ବର୍ତ୍ତମାନ ବାଘ ଆସିବା ନେଇ କୌଣସି ଯୋଜନା ନାହିଁ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି।

# ଅଧାରେ ଅଟକିଛି ପୋଲ ନିର୍ମାଣ

## ଦୁର୍ଦ୍ଦଶା ଭୋଗୁଛନ୍ତି ୧୫ରୁ ଅଧିକ ପଞ୍ଚାୟତବାସୀ

**ଛେଣ୍ଡିପଦା,୨୩।୯ (ଅଜିତ ଧଳ)**

ବିପଦସଙ୍କୁଳ ଅସ୍ଥାୟୀ ପୋଲ ଦେଇ ଯାତାୟାତ କରୁଛନ୍ତି ଲୋକେ। ମାସେ କି ଦୁଇମାସ ଧରି ନୁହେଁ, ବରଂ ଦେଢ଼ବର୍ଷ ହେଲା ନାନା ଆଶଙ୍କା ଭିତରେ ଚାଲିଛି ଏପରି ଗମନାଗମନ। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଅଧାରେ ଅଟକିଥିବା ପୋଲ ନିର୍ମାଣ ଆଗଉ ନ ଥିବାରୁ ବିରୋଧ ପାଇଁ ସଜବାଜ ହେଲେଣି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଅଞ୍ଚଳର ୧୫ରୁ ଅଧିକ ପଞ୍ଚାୟତବାସୀ।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଜରପଡ଼ା ପତିତପାବନ ମହାବିଦ୍ୟାଳୟ ଠାରୁ ଉଗୀ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାରେ ଦୀର୍ଘ ବର୍ଷ ହେବ ଏକ ପୁରୁଣା ପୋଲ ରହିଥିଲା। ଉକ୍ତ ପୁରୁଣା ପୋଲକୁ ଭଙ୍ଗାଯାଇ ନୂତନ ପୋଲ ଓ ରାସ୍ତା କାମ ଆରମ୍ଭ ହୋଇଥିଲା। କିନ୍ତୁ ଠିକାଦାର ଉକ୍ତ ପୋଲ ପାଇଁ କେବଳ ପିଲର ନିର୍ମାଣ କରି ଦେଢ଼ବର୍ଷ ହେଲା କାମ ବନ୍ଦ କରିଛନ୍ତି। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରି ନ ହେବାରୁ ହ୍ୟୁମ୍ ପାଇପ ପକାଇ ଲୋକେ ଯିବାଆସିବା କରୁଛନ୍ତି।



ପୋଲ ନିର୍ମାଣ କାର୍ଯ୍ୟ ଆଗଉ ନ ଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି।

ଗାଡ଼ିରେ ମାତ୍ର ୨ କିଲୋମିଟର ରାସ୍ତାକୁ ଯିବାକୁ ହେଲେ ୧୧ କିଲୋମିଟର ବୁଲିକରି ଯିବାକୁ ପଡୁଛି। ଫଳରେ ବିଦ୍ୟାଳୟ, କଲେଜ, ଡାକ୍ତରଖାନା, ଥାନା ଓ ଜରପଡ଼ା ବଜାରକୁ ଯାତାୟାତରେ ଲୋକଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ଏହି ପୋଲ ଓ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବ ସରକାର ପ୍ରାୟ ୧୦କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରିଥିବା ବେଳେ ନୂତନ ସରକାର ଆସିବା ପରେ ଏହି କାମ ବନ୍ଦ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ନିର୍ମାଣ କାର୍ଯ୍ୟ କରା ନ ଗଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ସ୍ଥାନୀୟ ବାସିନ୍ଦା ଆଶୁତୋଷ ପୃଷ୍ଟି, ଭୋଲେଶ୍ୱର ଗୋଲ୍ଲାୟତଙ୍କ ସମେତ ଜରପଡ଼ା ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି।

# ବ୍ଲକ୍ ମାନ୍ୟତା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଛେଣ୍ଡିପଦା,୨୩।୯(ଅଜିତ ଧଳ)**

ନୂତନ ବ୍ଲକ ଗଠନ ଦାବି ନେଇ ଅନୁଗୋଳ ଜିଲା ଜରପଡ଼ା ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତା ଓ ୨୨ଅଧିକ ପଞ୍ଚାୟତବାସୀଙ୍କ ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପରିଷଦ ପକ୍ଷରୁ କୁହାଯାଇଛି, ଏହି ଦାବି ନେଇ ବହୁବାର ବୈଠକ କରାଯାଇ ସରକାରଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଗତ ରବିବାର ପରିଷଦ ସଭାପତି ସୁଦୀପ୍ତ ଗଡ଼ନାୟକଙ୍କ ସଭାପତିତ୍ୱରେ ଜରପଡ଼ା ଧବଳେଶ୍ୱର ଶିବ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଛୁଆ ଅଞ୍ଚଳ ଭାବେ ପରିଚିତ ଜରପଡ଼ାକୁ ବ୍ଲକ ମାନ୍ୟତା ପ୍ରଦାନ ଜରୁରୀ ହୋଇପଡ଼ିଥିବାରୁ ଏହି ବୈଠକରେ ୨୨ ପଞ୍ଚାୟତର କର୍ମକର୍ତ୍ତା ଓ ଜନସାଧାରଣଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। କମିଟି ଉପସଭାପତି ନାରାୟଣ ସାହୁ, କୋଷାଧ୍ୟକ୍ଷ ଡମ୍ବରୁଧର ବେହେରା, ସରପଞ୍ଚ ବିଦେଶୀ ବେହେରା, ସୁବୋଧ କୁମାର ପ୍ରଧାନ, ହୃଷୀକେଶ ପ୍ରଧାନ, ସମ୍ପାଦକ ଆଇନଜୀବୀ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଉଛି।

# ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା



ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟ ଅତିଥିମାନେ।

**ଛେଣ୍ଡିପଦା, ୨୩।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ସ୍ଥିତ ବାପୁଜୀ ମହାବିଦ୍ୟାଳୟରେ 'ମା' କେ ନାମ ଏକ ପେଡ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା ଯୋଗଦେଇ ପିଲାମାନଙ୍କ ସହିତ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ୭୫ ଲକ୍ଷ ଚାରାରୋପଣ ସଂକଳ୍ପ ସମ୍ପର୍କରେ ଆଲୋଚନା କରିବା ସହିତ ମହାବିଦ୍ୟାଳୟର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ମାୟାଧର ବେହେରା, ଛେଣ୍ଡିପଦା ବ୍ଲକ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ, ତହସିଲଦାର ମାନସ ରାୟ ଏବଂ ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏସ୍.ରାଜମୋହନ, ପ୍ରକଳ୍ପ ମୁଖ୍ୟ ଘନଶ୍ୟାମ ମୋହକର ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟମାନେ ଚାରା ରୋପଣ ବେଳେ ସହଯୋଗ କରିଥିଲେ।

# କନ୍ଧକୋଇଲି-ସିଟିକୋଇଲି ରାସ୍ତାରେ ଘାଇ



ବର୍ଷା ଯୋଗୁ କନ୍ଧକୋଇଲି-ସିଟିକୋଇଲି ଗାଁ ମୁଖ୍ୟ ରାସ୍ତାରେ ହୋଇଥିବା ଘାଇ।

**ବନ୍ତଲା,୨୩।୯ (ସୁଶିତ ସାହୁ)**

ଅନୁଗୋଳ ବ୍ଲକର ବଣଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ମାଣିକଯୋଡ଼ି ପଞ୍ଚାୟତର କନ୍ଧକୋଇଲି-ସିଟିକୋଇଲି ଗାଁର ମୁଖ୍ୟ ରାସ୍ତାରେ ବର୍ଷା ଯୋଗୁ ୧୦ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପୂର୍ବତନ ସମିତି ସଭ୍ୟ ପ୍ରକାଶ ଚିରଗୁଣି କହିଛନ୍ତି, ୧୫ ଦିନ ହେବ ଗାଁର ମୁଖ୍ୟ ରାସ୍ତାରେ ଘାଇ ସୃଷ୍ଟି ହୋଇଥିବା ନେଇ ସରପଞ୍ଚ, ଜେଇ, ଅନୁଗୋଳ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ଛାତ୍ରୀଛାତ୍ର, ଗର୍ଭବର୍ତ୍ତୀ ମହିଳା, ରୋଗୀମାନଙ୍କୁ ଜଙ୍ଗଲ ଭିତର ବାଉଁଶ ବଣ ଗଳିଦେଇ ଯିବା ଆସିବା କରିବାକୁ ପଡୁଛି। ଗାଁର କାର୍ତ୍ତିକ ପଧାନ, ଧ୍ରୁବଚରଣ ଚିରଗୁଣି, ଲମ୍ବୋଦର ବିଶ୍ୱାଳ, ଦେବାନନ୍ଦ ବିଶ୍ୱାଳ କହିଛନ୍ତି, ବିଡିଓଙ୍କୁ ଘାଇ ମରାମତି ପାଇଁ ୧୫ ଦିନ ଭିତରେ ୨ ଥର ଅନୁରୋଧ କରାଯାଇଛି। ହେଲେ କେହି ଗୁହାରି ଶୁଣୁ ନାହାନ୍ତି। ଏ ନେଇ ମାଣିକଯୋଡି ସରପଞ୍ଚ ରମେଶନ ପଧାନ କହିଛନ୍ତି, ଆପାତକାଳୀନ ବ୍ୟୟବରାଦ ପାଇଁ ପଞ୍ଚାୟତ ପାଖରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ନାହିଁ। ଘାଇ ସୃଷ୍ଟି ହୋଇଥିବା ରାସ୍ତା ପାଇଁ ଅଧିକ ଅର୍ଥ ଆବଶ୍ୟକ ରହିଛି। କାମଚଳା କାର୍ଯ୍ୟ ପାଇଁ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କୋର୍ଡ଼ି କରାଯିବା ସହ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ୱତନ୍ତ୍ର ଭାବେ ଅଧିକ ଅର୍ଥ ପ୍ରଦାନ କରାଗଲେ ସ୍ଥାୟୀ କାର୍ଯ୍ୟ ହୋଇପାରିବ। ଏ ସମ୍ପର୍କରେ ବିଡିଓଙ୍କ ମତାମତ ମିଳିପାରି ନ ଥିବାବେଳେ ବ୍ଲକ ସହକାରୀ ଯନ୍ତ୍ରୀ ଆଲୋକ ମିଶ୍ର କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

# ଟଙ୍କା ଠକେଇ ଅଭିଯୋଗ

**ବଇଣ୍ଡା, ୨୩।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା କରଡ଼ିଙ୍ଗବାହାଲ ଗ୍ରାମର ସୁଜିତ କୁମାର ସାହୁଙ୍କ ଠାରୁ ଛେଣ୍ଡିପଦା ଅଞ୍ଚଳର ନୀତିଶ କୁମାର ସାହୁ ୪ ଲକ୍ଷ ୮ ହଜାର ଟଙ୍କା ଠକି ନେଇଥିବା ସୁଜିତ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୭୫/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଭୁବନେଶ୍ୱରର ଏକ ଘରୋଇ କଲେଜରେ ନୀତିଶ କାମ କରନ୍ତି। ସୁଜିତଙ୍କ ପୁଅ ନର୍ସିଂ କୋର୍ସ କରିବା ପାଇଁ ନୀତିଶଙ୍କ ସହ ଯୋଗାଯୋଗ କରିଥିଲେ। ନୀତିଶ ଆଡମିଶନ କରିଦେବା ପାଇଁ କହି ୪ ଲକ୍ଷ ୮ ହଜାର ଟଙ୍କା ନେଇଥିଲେ ହେଁ ଆଡମିଶନ କରାଇ ଦେଇ ନ ଥିଲେ। ଏପରି କି ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏଥିସହ ବିଭିନ୍ନ ସମୟରେ ଧମକ ଦେଉଥିବା ସୁଜିତ ଅଭିଯୋଗ କରିଛନ୍ତି।

# ମଠ ପରିସରରେ ଲାଗିଲା ଚାରା



**ବଇଣ୍ଡା, ୨୩।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାଗୋଠ ମଠ ପରିସରରେ ସୋମବାର ଚାରାରୋପଣ କରାଯାଇଛି। ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଭାଜପା ନେତା ପରେଶ ଦେଓ, ଅରବିନ୍ଦ ସାହୁ, ସ୍ୱୟଂବର ପ୍ରଧାନ, ରାଜେନ୍ଦ୍ର ସାହୁଙ୍କ ସମେତ ବହୁ ଭାଜପା ନେତା ଯୋଗଦେଇ ଶତାଧିକ ଚାରା ରୋପଣ କରିଥିଲେ। ଏଥିସହ ସମସ୍ତେ ନିଜ ଘର ପରିସରରେ କିପରି ଚାରା ଲଗାଇବେ ସେ, ନେଇ ପରାମର୍ଶ ଦେଇଥିଲେ।

# ଅଚିହ୍ନା ଲୋକଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ



ସଚେତନତା ଶିବିରରେ ମଞ୍ଚାସୀନ ବିଚାରପତି ଓ ବରିଷ୍ଠ ଆଇନଜୀବୀମାନେ।

**ଆଠମଲ୍ଲିକ,୨୩।୯(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ତାଲୁକ ଆଇନ ସେବା ସଙ୍ଗଠନ ପକ୍ଷରୁ ପୋକ୍ସୋ ଆଇନ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର, ସବ୍‌ଜଜ୍ ଲିଙ୍କିପ୍ରିୟା ସାହୁ, ଏସ୍‌ଡିଜେଏମ୍ (ଜୁନିୟର ସିଭିଲ) ଶିଙ୍କୁଶ ରଏ, ବାର୍ ଆସୋସିଏଶନ ସଭାପତି ସୁଶାନ୍ତ କୁମାର ମହାପାତ୍ର, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଅଞ୍ଜନ କୁମାର ପ୍ରଧାନ, ଅତିରିକ୍ତ ଅଭିଯୋଜକ ଅସିତ ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇ ପୋକ୍ସୋ ଆଇନ ଉପରେ ବ୍ୟାଖ୍ୟା କରିବା ସହିତ ଶିଶୁ ଓ ନାବାଳିକା ଅଚିହ୍ନା ଲୋକଙ୍କ ଠାରୁ ଦୂରେଇ ରହିବା, ଫଟୋ କାହାରିକୁ ସେୟାର ନ କରିବା ଉପରେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମେହେର, ମାନରଞ୍ଜନ ପାଣିଗ୍ରାହୀ, ହୃଷୀକେଶ ମହାକୁଡ଼, କ୍ଷୀରୋଦଚନ୍ଦ୍ର ପ୍ରଧାନ, ଚନ୍ଦ୍ରକାନ୍ତ ମଲ୍ଲିକ, ଅଧ୍ୟାପିକା ଅର୍ପିତା ଅଞ୍ଜଳି ଗୁରିଆ ପ୍ରମୁଖଙ୍କ ସମେତ ଯୁକ୍ତ୨ କଳା ଓ ବିଜ୍ଞାନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଭୟରେ ବହୁ ଏକର ପଡ଼ିଆ

## ଗାଁ ଚାରି ପାଖେ ସୋଲାର ବାଡ଼ ଦାବି

**ବନ୍ତଲା,୨୩।୯ (ସୁଶିତ ସାହୁ)**

ହାତୀ ଓ ଅନ୍ୟ ବନ୍ୟଜନ୍ତୁ ଫସଲ ନଷ୍ଟ କରୁଥିବାରୁ ବ୍ୟାପକ କ୍ଷୟକ୍ଷତିର ଶିକାର ହେଉଛନ୍ତି ଅନୁଗୋଳ ବ୍ଲକ ତଳଗଡ଼ ପଞ୍ଚାୟତ କନ୍ତମେଘ ଗାଁର ଚାଷୀ। ତେଣୁ ଚଳିତବର୍ଷ ଅନେକ ଚାଷୀ ଚାଷ କରି ନ ଥିବାରୁ ଗାଁର ବହୁ ଏକର ଚାଷ ଜମି ପଡ଼ିଆ ପଡ଼ିଛି। ୧୧୦ଟି ପରିବାର ବସବାସ କରୁଥିବା ଏହି ଗାଁର ଲୋକେ କେବଳ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ତେବେ ହାତୀ ଓ ବନ୍ୟଜନ୍ତୁଙ୍କ ଉପଦ୍ରବ ଯୋଗୁ ଗାଁର ଚାଷୀମାନେ ଚଳିତବର୍ଷ ଧାନ ଚାଷରୁ ଦୂରେଇ ଯାଇଥିବା ଜଣାପଡ଼ିଛି। ଚାଷୀ ଭରତ ଦେହୁରୀ, କହ୍ନେଇ ଦେହୁରୀ, ଗୁରୁବାରିଆ ସାହୁ, ବାଉରୀ ସାହୁ, ବୀରବର ସାହୁ, ବିଷ୍ଣୁ ଦେହୁରୀ, ଲୋଚନ ସାହୁ, ପ୍ରଶାନ୍ତ ସାହୁ, ସୁବାସ ବିଶ୍ୱାଳ, କ୍ଷେତ୍ର ସାହୁ, ପ୍ରଭାତ ସାହୁ, ଶ୍ରୀପତି ସାହୁ ପ୍ରମୁଖ କହିଛନ୍ତି, ବନ୍ୟଜନ୍ତୁ ଆଉ ହାତୀ ଦ୍ୱାରା ବାରମ୍ବାର କ୍ଷତି ସହିଲୁ। ବନବିଭାଗ ପକ୍ଷରୁ ଠିକ୍ ଭାବେ କ୍ଷତିପୂରଣ ମିଳିଲାନି। ବାଧହୋଇ ଧାନଚାଷ ଏ ବର୍ଷ ବନ୍ଦ କରିଛୁ। ପରିବା ଚାଷରୁ ଯାହା କିଛି ମିଳୁଛି, ସେଥିରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏ ଦିଗରେ ବନ ବିଭାଗ ପଦକ୍ଷେପ ନେଇ ଗାଁ ଚାରିପଟେ ସୋଲାରା ତାରବାଡ଼ ଦେଇ ସୁରକ୍ଷା ଦେଲେ, ଧାନଚାଷ କରାଯିବା ସହ ଗାଁ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବାୟୁ ପ୍ରଦୂଷଣ ସଚେତନତା କର୍ମଶାଳା

**ଅନୁଗୋଳ,୨୩।୯(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବାୟୁ ପ୍ରଦୂଷଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ପରିବେଶ ଶିକ୍ଷାର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ନୀଳାଞ୍ଚଳ ପଟେଲ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ପ୍ରଫେସର ଡ. ଗୌରୀ ଶଙ୍କର ଯୁଗପ୍ରକାଶ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷା କେନ୍ଦ୍ରର ପ୍ରକଳ୍ପ ଅଧିକାରୀ ଡ. ସାଗତିକା ମିଶ୍ର ଓ ଡ. ରାଜେଶ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଡ. ରମେଶ କୁମାର ଏକ୍କା ବିଶେଷଜ୍ଞ ଭାବରେ ଉପସ୍ଥିତ ରହି ବାୟୁ ପ୍ରଦୂଷଣର ବର୍ତ୍ତମାନ ସ୍ଥିତି, ପରିଚାଳନା ଓ ନିରାକରଣ ସମ୍ପର୍କିତ ତଥ୍ୟଭିତ୍ତିକ ଉପସ୍ଥାପନା କରିଥିଲେ। ଏହି ଅବସରରେ ପରିବେଶ ସମ୍ପର୍କିତ ମୁକ୍ତ ସାଧାରଣ ଜ୍ଞାନ, ଚିତ୍ରକଳା ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହକାରୀ ପ୍ରଫେସର ଡ. ଅନସୂୟା ମିଶ୍ର, ଡ. ବସନ୍ତ କୁମାର ସାହୁ, ସୁଶାନ୍ତ କୁମାର ପ୍ରଧାନ, ନବୀନ କିଶୋର ଜେନା, ଲିଙ୍କନ କୁମାର ବେହେରା ଓ ଗ୍ରନ୍ଥାଗାରିକ ବିଶ୍ୱଜିତ ନାୟକ ପରିଚାଳନା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଅଧ୍ୟାପକ, ପ୍ରାଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପରିବେଶ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଷ୍ଟ୍ରିଟ୍ ଲାଇଟ ଜଳୁନି, ଜିଲାପାଳଙ୍କୁ ଅଭିଯୋଗ

**ବଇଣ୍ଡା,୨୩।୯(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା, ଲୁହାମୁଣ୍ଡା, ହଣ୍ଡପା, ନାକ୍ଚି, ବାମୁର ଅଞ୍ଚଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଠିକ୍ ଭାବରେ ଜଳୁନାହିଁ। ସନ୍ଧ୍ୟାରୁ ସକାଳ ଯାଏ ଜଳିବାର ବ୍ୟବସ୍ଥା ଥିବାବେଳେ ରାତି ୯ଟା ପରେ ଲିଭାଇ ଦିଆଯାଉଛି। ସପ୍ତାହେ ହେବ ଏଭଳି ସମସ୍ୟା ଦେଖା ଦେଇଥିବାରୁ ସୋମବାର ହଣ୍ଡପା ଗ୍ରାମବାସୀ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ବଇଣ୍ଡାରେ ଲାଗିଥିବା ୧୦୦ଟି ଷ୍ଟ୍ରିଟ ଲାଇଟ ମଧ୍ୟରୁ ୧୦ଟି ଅଚଳ ହୋଇ ପଡିଲାଣି। ନିମ୍ନମାନର ଲାଇଟ ଲଗା ଯାଇଥିବା ଯୋଗୁ ଲାଗିବାର ମାତ୍ର ୨ ଦିନ ପରେ ଅଚଳ ହୋଇପଡ଼ିଛି। ଫ୍ଲାଏ ଓଭରବ୍ରିଜ୍‌ଗୁଡିକ ରାତିରେ ଅନ୍ଧାର ରହିବା ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡୁଛନ୍ତି। ତୁରନ୍ତ ଷ୍ଟ୍ରିଟଲାଇଟ ମରାମତି ସହ ୧୨ ଘଣ୍ଟିଆ ଆଲୋକ ସେବା ଯୋଗାଇ ଦେବା ଗ୍ରାମବାସୀ ଦାବି କରିଛନ୍ତି।

# ସେବା ପକ୍ଷରେ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରଙ୍କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ,୨୩।୯(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଭାଜପା ପକ୍ଷରୁ ସେବା ପକ୍ଷ ପାଳନ ଅବସରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଯଯାତୀ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନମୋହନ ପ୍ରଧାନ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲା ଭାଜପା ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ, ଶିକ୍ଷାବିତ୍ ମହେଶ ଧଳ, ଦିଲୀପ କୁମାର ଦାସ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ମନୋଜ କୁମାର ପ୍ରଧାନ, ପ୍ରତ୍ୟୁଷ କୁମାର ପଣ୍ଡା, ସୁଦୀପ ଗଡ଼ନାୟକ, ବିଜୟ ମାଝୀ, ପ୍ରତିମା ମିଶ୍ର, ନମିତା ଦଳବେହେରା, ଅଭୟ ରାୟ, ପର୍ଶୁରାମ ଦାସ, ଜୟନ୍ତ କର, ସୀମାଦ୍ରି ସାହୁ, ଯୁବମୋର୍ଚ୍ଚା ଜିଲା ଉପ ସଭାପତି ପୁରୁଷୋତ୍ତମ ନାୟକ, ସାଧାରଣ ସମ୍ପାଦକ ସମୀର ପରିଡ଼ା, ନଗର ସଭାପତି କୋଲକାନ୍ତ ସାହୁ, ଅନିନ୍ଦିତ ପ୍ରଧାନ, ଅସିତ ସାହୁ, ଦିବ୍ୟଜ୍ୟୋତି ନାୟକ, ଆଶିଷ ପାଣିଗ୍ରାହୀ, ପ୍ରିୟବ୍ରତ ସାହୁ, ଏମ. ଡି. ରୀୟଜ, ସୌମ୍ୟକାନ୍ତ ସାହୁ, ରାକେଶ ସାସମଲ, ରାସବିହାରୀ ସାହୁ, ମହେଶ୍ୱର ବାରିକ, ସୁଜିତ କୁମାର ଦାସ ପ୍ରମୁଖ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

**ମଦ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପୋଲିସ ବଉସିଣୀ ଗ୍ରାମର ରତନୀ ଘରେ ଚୋରାରେ ରଖିଥିବା ୬ ଲିଟର ଚୋରା ମହୁଲି ମଦ ରବିବାର ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନମ୍ବର ୩୧୭/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି, ରତନୀ ଘରେ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଚଢ଼ାଉ କରାଯାଇଥିଲା।

## ପଲ୍ଲିଶ୍ରୀ ମେଳାରେ ଆମ ଜଙ୍ଗଲ ଯୋଜନା ଷ୍ଟଲ୍

ଅନୁଗୋଳ,୨୩।୯ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ନାଲ୍କୋନଗରରେ ଚାଲିଥିବା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଅନୁଗୋଳ ବନଖଣ୍ଡ ଆମ ଜଙ୍ଗଲ ଯୋଜନା ଷ୍ଟଲ ଭାଗ ନେଇ ହାତ ତିଆରି ଅନେକ ଦ୍ରବ୍ୟ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ଗ୍ରାମୀଣ ଅଞ୍ଚଳର ଖାଦ୍ୟଶସ୍ୟ, ମଞ୍ଜି, ଶୁଖୁଆ ଠାରୁ ଆରମ୍ଭକରି ବିଭିନ୍ନ ପୋଷାକପତ୍ର ତିଆରି କରି ବିକ୍ରୟ କରୁଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ତାଲିମ ନେଇ ଗ୍ରାମୀଣ ଭାରତରେ ଆଦୃତି ପାଉଥିବା ବିଭିନ୍ନ ଶୁଖିଲା ଖାଦ୍ୟ ବିଶେଷକରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ପଲ୍ଲିଶ୍ରୀ ମେଳାରେ ଶତାଧିକ ଗ୍ରାହକ ଅନୁଗୋଳ ବନଖଣ୍ଡ ଦ୍ୱାରା ପ୍ରାୟୋଜିତ ତଥା ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଷ୍ଟଲ ବୁଲି ଦେଖିବା ସହ ବିଭିନ୍ନ ଉତ୍ପାଦ କିଣୁଥିବା ଦେଖିବାକୁ ମିଳୁଛି।

# ଶେଷ ଦିବସରେ ସହସ୍ରାଧିକ ଶ୍ରଦ୍ଧାଳୁ

## ନାଲ୍‌କୋନଗରଃ ଆଜି ଭସାଣି, ପ୍ରସ୍ତୁତି ଶେଷ



ନାଲ୍କୋ ବିଶ୍ୱକର୍ମା ପୂଜାର ଅନ୍ତିମ ଦିବସରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବଅଁରପାଳ,୨୩।୯ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋନଗର ବିଶ୍ୱକର୍ମା ପୂଜାର ଶେଷ ଦିବସରେ ମଙ୍ଗଳବାର ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ବିଭିନ୍ନ ପୂଜା ମଣ୍ଡପରେ ଗହଳି ଲଗାଇଥିଲେ। ସପ୍ତାହେ ଧରି ଧୁମଧାମରେ ପୂଜା ପାଳନ ହୋଇଥିବା ବେଳେ ଶେଷ ଦିବସରେ ମଧ୍ୟାହ୍ନରୁ ଝିପି ଝିପି ବର୍ଷା ଲାଗି ରହିଥିଲା। ସନ୍ଧ୍ୟାରେ ଏକ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। କିଛି ଶ୍ରଦ୍ଧାଳୁ ବର୍ଷାରେ ଭିଜି ପୂଜା ବୁଲୁଥିବା ବେଳେ ବର୍ଷା ଛାଡ଼ିବା ପରେ ଭିଡ଼ ବଢ଼ିଯାଇଥିଲା। ଚଳିତବର୍ଷ କାଷ୍ଟ ହାଉସ 'ଖ' ସାଜସଜ୍ଜାରେ ପହଲଗ୍ରାମ ଆତଙ୍କୀ ଆକ୍ରମଣ ଘଟଣା ସ୍ଥାନ ପାଇଥିବାରୁ ଏହାକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। କାଷ୍ଟ ହାଉସ 'କ' ପକ୍ଷରୁ ବାଉଁଶ ପାଟିଆରେ ନିର୍ମିତ ମେଢ଼ ଏବଂ ପାର୍ଶ୍ୱମେଢ଼ ବେଶ୍ ଆନନ୍ଦ ଯୋଗାଇଥିଲା। ରଡ଼ିଂ ଶପ୍ 'ଏ' ରେ ରାଜମହଲ ଏବଂ ପୂଜାମଣ୍ଡପ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ପଟ୍ଲାଇନର ଫୋମ ଦ୍ୱାରା ନିର୍ମାଣ ହୋଇଥିବା ପୂଜାମଣ୍ଡପ ଝଲସି ଉଠିଥିଲା। ଡାକବାଜି ଯନ୍ତ୍ରରେ କାର୍ଯ୍ୟକ୍ରମ ଉପସ୍ଥାପନ କରି ନାଲ୍କୋର ଅବସରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ଚୌଧୁରୀ ପ୍ରଶଂସା ସାଉଣ୍ଟିଥିବାବେଳେ ଶେଷ ଦିବସରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱେଲ୍‌ଫେୟାର କମିଟି ଅଧ୍ୟକ୍ଷ କିଶୋର କୁମାର ବେହେରା, ମହାପ୍ରବନ୍ଧକ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜାକୁ ସରସ ସୁନ୍ଦର କରିବା ଦିଗରେ ଉଦ୍ୟମ କରିଥିଲେ। ବୁଧବାର ଅପରାହ୍ନ ୪ଟାରୁ ରାତି ୧୦ ଘଣ୍ଟା ପର୍ଯ୍ୟନ୍ତ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ନାଲକୋ ପ୍ରଶାସନ ଓ ଜିଲା ପୋଲିସ ସହୋଯୋଗରେ ଏହି ଶୋଭାଯାତ୍ରା ସମ୍ପନ୍ନ ହେବ ବୋଲି ୱେଲ୍‌ଫେୟାର କମିଟି ସୂଚନା ଦିଆଯାଇଛି।

## ବାପ, ପୁଅଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା, ୨୩।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଉଚ୍ଚୁପଡ଼ା ଗ୍ରାମର ଯୁଗଳ ବାଘ ଓ ତାଙ୍କ ବାପା ସୁଜନ ବାଘଙ୍କୁ ସେହି ଗ୍ରାମର ବିପିନ ବାଘ, ସନ୍ତୋଷ ବାଘ, ରାଉତ ବାଘ, କରୁଣା ବାଘ, ଝୁମି ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ସୁଜନ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଏକ ଜମିକୁ ନେଇ କିଛି ଦିନ ହେବ ବିପିନ ଓ ସୁଜନଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଛି। ଯୁଗଳ ରାସ୍ତାରେ ଯାଉଥିବା ବେଳେ ୫ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ସୁଜନ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ସନ୍ତୋଷଙ୍କ ସ୍ତ୍ରୀ ମୁନ୍ନିଡ଼ା ନାୟକ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଯୁଗଳ, ସୁଜନ ଓ ଉଜ୍ଜଳା ବାଘ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ନମ୍ବର ୩୫୧/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ହିନ୍ଦୋଳ ଲକ୍ଷ୍ମୀପୂଜା ନେଇ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ସାତମାଇଲ,୨୩।୯(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡରେ ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ହିନ୍ଦୋଳଗଡ଼ର ଗଣପର୍ବ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ତହସିଲ ଅଫିସ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉପଜିଲାପାଳ ବିଶ୍ୱଜିତ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ତହସିଲଦାର ଦିଲୀପ ସେଠୀ, ଏନ୍‌ଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ହିନ୍ଦୋଳ ଥାନା ଅଧିକାରୀ ଚାରୁଲତା ବେହେରା, ଅବକାରୀ ଅଧିକାରୀ ମମତା ନାୟକ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ପିଡବ୍ଲୁଡି ଏସ୍‌ଡିଓ, ଅଗ୍ନିଶମ ଅଧିକାରୀଙ୍କ ସହ ସମସ୍ତ ପୂଜାକମିଟି ସଭାପତି, ସମ୍ପାଦକ ଯୋଗଦେଇଥିଲେ। ଅକ୍ଟୋବର ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୬ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ୧୪ କମିଟି ଭସାଣିରେ ଭାଗନେବେ। ଶାନ୍ତିଶୃଙ୍ଖଳାରେ ପୂଜା ପାଳନ ନିମନ୍ତେ ସମସ୍ତ ପୂଜାକମିଟି ସହମତି ପ୍ରକାଶ କରିଥିଲେ। ୧୬ରେ ସାମୂହିକ ଭସାଣି ନିମନ୍ତେ ପ୍ରଶାସନ ଓ ପୋଲିସର ସହାୟତା ପାଇଁ ଉପଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଏକ ମିଳିତ ପୂଜାକମିଟି ଗଠନ ସହ ଶ୍ରେଷ୍ଠ ପୂଜା କମିଟିକୁ ପୁରସ୍କୃତ କରିବାକୁ ଏନ୍‌ଏସି ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ପ୍ରସ୍ତାବକୁ ସମସ୍ତେ ସ୍ୱାଗତ କରିଥିଲେ। ପୋଲିସ ଅଧିକାରୀ, ତହସିଲଦାର, ପ୍ରଶାସନିକ ଅଧିକାରୀ ଓ ପୂଜାକମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ କହିଥିଲେ।

## ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା, ୨୩।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ରବିବାର ଗାଡିମୋଟର ଯାଞ୍ଚ କରିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ କରଡ଼ାବାହାଲୀ ଗ୍ରାମର ସୁରଥ ସାହୁଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ନମ୍ବର ୨୬୫/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ଦୁର୍ଘଟଣାରେ ଚାଳକଙ୍କ ଗୋଡ଼ ଛିଣ୍ଡିଗଲା



ଗୁରୁତର ଚାଳକଙ୍କୁ ଉଦ୍ଧାର କରାଯାଉଛି।

ବଅଁରପାଳ,୨୩।୯(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ସିପିପି ପ୍ଲାଣ୍ଟ ପରିସରରେ ମଙ୍ଗଳବାର ଏକ ଟ୍ରକ୍ ପଛରେ ଟ୍ରକ୍ ଧକ୍କା ଦେବା ଫଳରେ ଜଣେ ଚାଳକ ନିଶା ଥାନା ନତଡ଼ା ଗ୍ରାମର ଦିନେଶ ପଟ୍ଟନାୟକ(୨୫)ଙ୍କ ଗୋଡ଼ ଛିଣ୍ଡି ଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନାଲ୍‌କୋ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଟ୍ରକ୍ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟୁଛି। କମ୍ପାନୀ ପକ୍ଷରୁ ସୁରକ୍ଷା ଦିଗରେ କୌଣସି ଧ୍ୟାନ ଦିଆଯାଉ ନ ଥିବା ଟ୍ରକ ଚାଳକ ପ୍ରକାଶ କରିଛନ୍ତି।

## ଡମ୍ଫର ଧକ୍କାରେ ବାଇକ୍ ଚାଳକ ଗୁରୁତର

ସନ୍ତ୍ରୀଛକ,୨୩।୯ (ସନ୍ତୋଷ ପରିଡ଼ା)

ବଅଁରପାଳ ଥାନା ନୂତନ ବାଇପାସ୍ ଓଭରବ୍ରିଜ୍ ଉପରେ ଏକ ଡମ୍ଫର ଧକ୍କାରେ ବାଇକ୍ ଚାଳକ ଢେଙ୍କାନାଳ ଜିଲା ହିନ୍ଦୋଳ ପାଟଲା ଗ୍ରାମର ସତ୍ୟବ୍ରତ ନାଏକ(୨୮)ଗୁରୁତର ହୋଇଛନ୍ତି। ଡମ୍ଫର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ସତ୍ୟବ୍ରତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କାମାକ୍ଷାନଗର,୨୩।୯ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କୁ ସୋମବାର ୧୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଙ୍କଡାହାଡ଼ଠାରେ ସବରେଜିଷ୍ଟ୍ରର୍ କାର୍ଯ୍ୟାଳୟ ଓ ଜେଏମ୍‌ଏଫ୍‌ସି ଅଦାଲତ ନ ଥିବାରୁ ମହାବିରୋଡ଼ ଥାନା ଅଞ୍ଚଳର ୧୦ଟି ପଞ୍ଚାୟତର ଲୋକେ, ପରଜଙ୍ଗ ଓ କଙ୍କଡ଼ାହାଡ଼ ଥାନା ଅଞ୍ଚଳର ୧୧ଟି ପଞ୍ଚାୟତର ଲୋକେ କାମାକ୍ଷାନଗର ଯାଇ ଅସୁବିଧାରେ ପଡୁଛନ୍ତି। କଙ୍କଡାହାଡ଼ଠାରେ ବସ୍‌ଷ୍ଟାଣ୍ଡ, ମହାବିରୋଡ଼-କଙ୍କଡାହାଡ଼ ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ସରକାରୀ ବସ୍‌ସେବା, କଙ୍କଡ଼ାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, କଙ୍କଡ଼ାହାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ, କଙ୍କଡ଼ାହାଡ଼, ମହାବିରୋଡ଼ ଓ ବିରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟାନ୍ୟ ସମସ୍ୟା, ମହାବିରୋଡ଼ଠାରେ ଦମକଳ କେନ୍ଦ୍ର, ମହାବିରୋଡ଼ ଅତିରିକ୍ତ କୃଷି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ, କଙ୍କଡ଼ାହାଡ଼ ଓ ମହାବିରୋଡ଼ଠାରେ ନୂତନ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ, ୧୪୯ ନମ୍ବର ଜାତୀୟ ରାଜପଥ ଭେଜିଆ ଛକଠାରୁ ଘାଗରାମୁଣ୍ଡା ହାଇସ୍କୁଲ ଛକ ପର୍ଯ୍ୟନ୍ତ ସ୍ଥାନକୁ ବ୍ଲାକ ସ୍ପଟ, ରେଡିୟମ ପୁଟିପାଳ ଗାଁରେ ପ୍ରାଥମିକ ବିଦ୍ୟାଳୟ, ଦଶୀପୁରରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ ଆଦି ଦାବି କରାଯାଇଛି। ସମସ୍ତ ଅଭିଯୋଗର ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍ମାରକପତ୍ର ଦେବାବେଳେ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପସଭାପତି ଦୀପକ କୁମାର ସାହୁ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, କ୍ଷୀରୋଦ ଦେହୁରୀ, ରିତେଶ ବ୍ରହ୍ମା, ଚଗଲା ଦେହୁରୀ, ରାଜୀବ ନାୟକ ପ୍ରମୁଖ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ତ୍ରୀ, ଝିଅ ନିଖୋଜ ନେଇ ଏତଲା

ଅନୁଗୋଳ,୨୩।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଟାଉନ ଥାନା ହୁଲୁରିସିଙ୍ଗା ଅଞ୍ଚଳର ଅଭୟ ଚନ୍ଦ୍ର ପରିଡ଼ା(୪୦)ଙ୍କ ସ୍ତ୍ରୀ ଓ ଝିଅ ନିଖୋଜ ହୋଇଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଏତଲାରେ ଅଭୟ ଦର୍ଶାଇଛନ୍ତି, ସ୍ତ୍ରୀ ଓ ସାନଝିଅ ବ୍ୟାଙ୍କକୁ ଯାଉଥିବା କହି ଘରୁ ବାହାରି ଯାଇଥିଲେ ହେଁ ଫେରିନାହାନ୍ତି। ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ମଦ ଜବତ,୨ ଗିରଫ

ବନ୍ତଲା,୨୩।୯(ସୁଶିତ ସାହୁ)

ବନ୍ତଲା ଥାନା ପକ୍ଷରୁ ବଡ଼କେରା ଛକ ନିକଟସ୍ଥ ସଞ୍ଜୟ କୁମାର ଦାସଙ୍କ ଦୋକାନରେ ଚଢ଼ାଉ କରାଯାଇ ୧୬୫ ଲିଟର ଦେଶୀ ମଦ ଓ ଦିଲୀପ ମହାନ୍ତିଙ୍କ ହୋଟେଲରେ ଚଢ଼ାଉ କରାଯାଇ ୬.୧୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ୨ଟି ମାମଲା ରୁଜୁ ସହ ଉଭୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

# ସାଙ୍ଗଠନିକ ବୈଠକ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ବିଜେଡି ନେତା।

କାମାକ୍ଷାନଗର,୨୩।୯ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ କର୍ମୀଙ୍କୁ ନେଇ ଆସନ୍ତା ୨୪ ତାରିଖରେ ଏକ ସାଙ୍ଗଠନିକ ବୈଠକ ନିମନ୍ତେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ଯୁବ ବିଜୁ ଜନତା ଦଳ ସଭାପତି ତଥା ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପଞ୍ଚାୟତ, ଗାଁ ଏବଂ ୱାର୍ଡ଼ରୁ ବିଜେଡିର ସକ୍ରିୟ କର୍ମୀଙ୍କୁ ଯୋଡିବା ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହାଛଡ଼ା ଓଡ଼ିଶା ସରକାରଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ମଙ୍ଗଳବାର ବିଜେଡି ତରଫରୁ ବିଧାନସଭା ଘେରାଉରେ କାମାକ୍ଷାନଗରର ସମସ୍ତ ସକ୍ରିୟ କର୍ମୀ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, କାମାକ୍ଷାନଗର ଏନ୍‌ଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ଏନ୍‌ଏସି ସଭାପତି ନରେନ୍ଦ୍ର କୁମାର ସାହୁ, କାଉନ୍‌ସିଲର ସଞ୍ଜୟ କୁମାର ପରିଡ଼ା, କାଉନସିଲର ବନମାଳୀ ରାଉଳ ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ଓ ବରିଷ୍ଠ ନାଗରିକଙ୍କୁ ସ୍ନେହସେବା




ଶିଶୁ ଓ ବରିଷ୍ଠ ନାଗରିକଙ୍କୁ ସ୍ନେହସେବା ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ,୨୩।୯(ରତନ ନାୟାର)

ଆନ୍ତର୍ଜାତିକ ଶାନ୍ତି ଦିବସ ଅବସରରେ ଅହମଦିୟା ମୁସଲିମ ମହିଳା ସଙ୍ଗଠନ କରଡ଼ାପଲ୍ଲୀ ତିଗିରିଆ ପକ୍ଷରୁ ଶିଶୁ ଓ ବରିଷ୍ଠ ନାଗରିକଙ୍କୁ ସ୍ନେହସେବା ସମ୍ପର୍କିତ ଏକ ସମାଜସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନରଗିସ ବାନୋଙ୍କ ନେତୃତ୍ୱରେ ସହକର୍ମୀ ସଭ୍ୟାମାନେ ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ସଞ୍ଚାଳିତ ଶିଶୁ ଗୃହ ଏବଂ ବରିଷ୍ଠ ନାଗରିକ ଗୃହରେ ୩୦୦ ପ୍ୟାକେଟ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ସମ୍ପ୍ରଦାୟ ଢେଙ୍କାନାଳ-କଟକ-କେନ୍ଦ୍ରାପଡ଼ା ଜିଲା ପ୍ରଭାରୀ ମୌଲବୀ ଶେଖ୍ ଇସହାକ୍, ତିଗିରିଆ ଯୁବ ସଙ୍ଗଠନର ଅଧ୍ୟକ୍ଷ ସରାଫତ ଅଲ୍ଲୀ, ମହମ୍ମଦ ସଫାକତ୍ ପ୍ରମୁଖ ଯୋଗ ଦେଇଥିଲେ। ଲଜନା ସଙ୍ଗଠନର ସଭାନେତ୍ରୀ ନରଗିସ ବାନୋ କହିଥିଲେ, ଦରିଦ୍ର ଓ ଅସହାୟଙ୍କ ସେବା କରିବା ହିଁ ପରମ ପୁଣ୍ୟ। ପ୍ରତ୍ୟେକ ଦାନରେ ଆମେ ଆଲ୍ଲାଙ୍କ ସନ୍ତୋଷ ଓ ମାନବତାର କଲ୍ୟାଣକୁ ଲକ୍ଷ୍ୟ କରୁଛୁ।

# ଜିଏସ୍‌ଟି ହ୍ରାସକୁ ମିଠା ବାଣ୍ଟି ସ୍ୱାଗତ



ଭାଜପା କର୍ମୀମାନେ ମିଠା ବାଣ୍ଟି ଖୁସି ମନାଉଛନ୍ତି।

ଓଡ଼ାପଡ଼ା,୨୩।୯ (ରଞ୍ଜିତ୍ ନାୟକ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାରଠାରୁ ଜିଏସ୍‌ଟି ହ୍ରାସ କରାଯାଇଥିବା ବେଳେ ଏହାକୁ ନେଇ ଓଡ଼ାପଡ଼ା ଭାଜପା କର୍ମୀ ଖୁସିବ୍ୟକ୍ତ କରିବା ସହ ପରସ୍ପରକୁ ମିଠା ଖୁଆଇଥିବା ଗୁଡ଼ିଆକାଟେଣି ଛକଠାରେ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପରେ ଦରଦାମ୍ ହ୍ରାସ ପାଇବା ସହ ଜନସାଧାରଣ ବହୁ ଉପକୃତ ହେବେ। କାର୍ଯ୍ୟକ୍ରମରେ ମଞ୍ଜୁଲତା ସାହୁ, ତପନ କୁମାର ମହାପାତ୍ର, ସୁଲେଖ ସ୍ୱାଇଁ, ସ୍ମିତା ପଟ୍ଟନାୟକ, ଦେବାନନ୍ଦ ବେହେରା ଓ ସୁଜାତା ସାମଲଙ୍କ ସହ ଅନ୍ୟାନ୍ୟ କର୍ମୀ ଯୋଗଦେଇଥିଲେ।


**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**
At/PO/Dist - Balangir, PIN - 767002 (Odisha)
E-mail : gmchospitalbalangir1@gmail.com
Letter No. IX-F-67/2025/6156/Estt.(BBMC&H)/25 Date:22.09.2025
**Corrigendum Notice**
No.E-401 : With reference to tender advertisement No.IX-F-67/2025/6082/(BBMC&H) dtd.18.09.2025, issued by this office on dt.18.09.2025, all bidders are hereby informed that they shall download their tender document for the tender for **"Supply of Printed Articles"** from the new college website : www.bbmchbalngir.odisha.gov.in, instead of https://bbmchbalangir.nic.in.
Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0050/2526

**THE ODISHA AGRO INDUSTRIES CORPORATION LIMITED**
(A Government of Odisha Undertaking)
95, SATYA NAGAR, BHUBANESWAR-751 007
**TENDER NOTICE**
Bid Identification No-MD/OAIC-59 (Tech.)/ 2025-26
No.CAD-1843: Online Tender in conformity with technical specification, terms & condition are invited from manufacturers for "Procurement of 53641 nos. of storage bins of 110 Kg capacity for supply to individual farmers under NFSNM 2025-26". For details please visit website https://tendersodisha.gov.in/ https://odishaagro.nic.in/ from dt.23.09.2025 to dt.18.10.2025.
Sd./- Managing Director
OAIC Ltd.
OIPR-01047/11/0057/2526

**OFFICE OF THE KASTURABA GANDHI BALIKA VIDYALAYA, HATIBARI, SUKINDA, JAJPUR**
(Running under Hatibari Govt. High School, Hatibari)
Phone No.8249955648, E-mail:kgbhatibari@gmail.com
**TENDER CALL NOTICE**
No.103/ Date 20.09.2025
No.n-163: Tender Call Notice for supply of different consumables and non-consumable items to Kasturaba Gandhi Balika Vidyalaya (KGBV), Hatibari type-III running under Hatibari Govt. High School, Sukinda block of Jajpur District, having 200 girl students is published in the website. Interested Suppliers are requested to refer Jajpur district website i.e. Jajpur.odisha.gov.in and OSEPA website i.e. osepa.odisha.gov.in. for tender documents i.e. category-wise items, specification, terms and conditions.
Sd./- Headmistress
Hatibari Govt. HS, Hatibari, Sukinda, Jajpur
OIPR-27158/11/0002/2526

**GOVERNMENT OF ODISHA** No.C-1147
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BALANGIR**
Email ID - eephbgr@yahoo.co.in , Ph. No. - (06652-234647)
NOTICE INVITING TENDERS
NATIONAL COMPETITIVE BIDDING THROUGH
e-Procurement
Bid Identification No. ACEPH BGR 07/2025-26 Dt. 20.09.2025

| | | |
|---|---|---|
| 01 | Number of the Works | : 01 Nos. |
| 02 | Estimated Cost | : Rs.548.36 Lakhs |
| 03 | Period of Completion | : 02 (Two) Calendar Months |
| 04 | Date & Time of availability of bid document in the portal | : From 11.00 A.M. of dt. 25.09.2025 to 5.00 P.M. of dt. 13.10.2025 |
| 05 | Last date / time of receipt of bids in the portal | : 5 P.M. of dt. 13.10.2025 |
| 06 | Date & Time of opening of Bids | : At 11.30 A.M. of dt. 14.10.2025 |
| 07 | Name and Address of the Officer Inviting Bid | : The Addl. Chief Engineer, Office of the Additional Chief Engineer, Public Health Division, Balangir, At-Tulasinagar, PO/Dist-Balangir, Pin-767001, Odisha, Phone : 06652-234647, E-mail : eephbgr@yahoo.co.in |

Further details can be seen from the website http://tenders.ori.nic.in or www.tendersorissa.gov.in
Sd./- Addl. Chief Engineer
P.H. Division, Balangir
OIPR-13005/11/0040/2526

**OFFICE OF THE NOTIFIED AREA COUNCIL, BINKA**
e-mail : binikan.hud@nic.in, Ph : 06654-241113
DTCN No. 2168 Dt. 22.09.2025
No.C-1160 Tender ID - 2025_ORULB_118358
Bid Identification No. BINKA-NAC-03/2025-26
1. Name of the work for which tender invited - **"Providing Manpower for Sanitation work at Notified Area Council, Binka for the ward No. - 1 to 12"**
2. Estimated cost of work - **Rs.8,26,689/- per month**
3. Eligible class of bidder - Intending firms/Service Provider/N.G.Os/Contractors/Man Power Outsourcing agencies those are experienced in similar nature of work for at least three years and other criteria given in the D.T.C.N
4. The Bid documents will be available online from **dt.23.09.2025 11.00 A.M. to dt.08.10.2025 up to 5.00 P.M.**
5. Last date & Time of receipt of Bid through online : **dt.08.10.2025 up to 5.00 P.M.**
6. Opening of Bid documents - Dated **09.10.2025 at 11.00 A.M.**
7. The DTCN may also be downloaded from the website - **www.tendersodisha.gov.in**
8. The bidders have to participate in tender process in online mode only.
Sd./- Executive Officer
Notified Area Council, Binka
OIPR-13198/11/0015/2526

**GOVT. OF ODISHA**
**OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, CUTTACK**
At/PO: Nayabazar, District: Cuttack-753004, Phone No.(0671)- 2952638, E-mail Id:eeagril.cuttack@gmail.com
**e-Procurement Notice: Dated 20.09.2025**
Bid Identification No. EE(AGRIL) Cuttack Division-06/2025-26
**No.L-72:** The Executive Engineer (Agril.), Agril Engg. Division, Cuttack, Odisha on behalf of the Governor of Odisha invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/construction of buildings in the district of Cuttack and Jagatsinghpur as detailed below.

| Sl. No. | Name of the Work | Approximate Estimated cost put to Tender (Excluding G.S.T.) (Rs. in lakhs) | Cost of Bid Documents (in Rs.) | EMD (1%) in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total 14 Nos. (Forteen) Building works/ Civil Construction works/PH Sanitary & Electrical works/Furnishing works of buildings | Vary from 4.12 Lakhs to 25.39 Lakhs | Refer DTCN 06/2025-26 | 1% of the Amount Put to Tender | "C" & "D" Class/ "B" & "C" Class (Refer DTCN) | Vary from 60 Days to 150 Days |

1. Date & Time of availability of bid document in the portal: 24.09.2025 at 10.00 AM to 13.10.2025, 5.30 PM. 2. Last date/ time for receipt of bids in the portal: 13.10.2025 upto 5.30 P.M. 3. Date of submission of original bid documents in Tender Box: 24.09.2025, 10.00 AM to 14.10.2025 upto 5.30 P.M. 4. Date & Time of opening of original documents & verification: 15.10.2025 at 11.00 AM. 5. Date & Time of opening of Online bids: 15.10.2025 at 2.00 PM onwards.
The Bidders have to participate in ONLINE bidding only in the e-Procurement website: https://tendersodisha.gov.in with matching class DSC. Any addendum/ corrigendum/ cancellation of tender / other details of the DTCN can also be seen in the said website. Authority reserve the right to reject / accept any or all of the tenders, increase/ decrease the quantities of works without assigning any reasons thereof.
OIPR-01447/11/0022/2526
Sd./- Executive Engineer (Agril.) Agril. Engg. Division, Cuttack

No.H-29
Our farmers see the world through the eyes of our famed RMC
**Regulated Market Committee**
Gunupur, Dist. - Rayagada (Odisha)
e-procurement notice
BID IDENTIFICATION NO. 01/RMC/2024-25
No.298/2025 dated. 09.2025
1. The Sub-Collector Gunupur-cum-Chairman, RMC Gunupur invites percentage rate bids in **Double Cover system in online mode** for the works in the table below from the eligible contractors registered with Govt. of Odisha / Govt. of India / C.P.W.D. / central undertaking / Railway / M.E.S. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

| Sr. No. | Item | Details |
|---|---|---|
| 1. | The Sub Collector Gunupur-Cum-Chairman RMC Gunupur invites percentage rate bids in Double/Single cover system in **ONLINE MODE** only for work as detailed below : | |
| 2. | Nature of the work | Construction of building works and Agricultural Marketing |
| 3 | No of work | 15 No of works |
| 4 | Bid Cost | Rs.600.00 to Rs.10,000.00 online transfer |
| 5 | Value of Tender | Rs.1.06 Lakhs & Rs.50.00 Lakhs |
| 6 | Class of Contractor | D, C to A Class |
| 7 | Availability of BID Documents in the website | **Dt.22.09.2025 to 13.10.2025** |
| 8 | Last date/time of Receipt of bids in the portal | **Dt 13.10.2025 up to 5.00 P.M.** |
| 9 | Date of opening of bid | **Dt 14.10.2025 at 11.00 A.M.** |
| 10 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/Corrigendum/Cancellation of the Tender etc. can also be seen in the Website : https://tendersorissa.gov.in | |

Sd./- Sub Collector-cum-Chiarman,
Regulated Market Committee, Gunupur
OIPR-07073/11/0002/2526

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଭେଟେରାନ୍ ମାଲୟାଲମ ଅଭିନେତା ମୋହନଲାଲଙ୍କୁ ଦାଦାସାହେବ ଫାଲ୍କେ ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ଫଟୋ-ଚମନ ଗୌତମ)

# ହନୁମାନଙ୍କୁ ମିଛ ହିନ୍ଦୁ ଦେବତା କହି ବିବାଦରେ ଆମେରିକା ନେତା

ହ୍ୟୁଷ୍ଟନ୍,୨୩।୯(ପି.ଟି.)



ଆଲେକ୍‌ଜାଣ୍ଡାର ଡୁନ୍‌କାନ୍

ଆମେରିକାର ଜଣେ ରିପବ୍ଲିକାନ୍ ନେତା ଭଗବାନ ହନୁମାନଙ୍କୁ ହିନ୍ଦୁମାନଙ୍କ ମିଛ ଦେବତା ବୋଲି କହି ବିବାଦ ସୃଷ୍ଟି କରିଛନ୍ତି। ଏଥିସହିତ ଆମେରିକା ଏକ ଖ୍ରୀଷ୍ଟିଆନ୍ ରାଷ୍ଟ୍ର ବୋଲି ସେ ଘୋଷଣା କରିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ସମ୍ପ୍ରଦାୟ ଏବଂ ଇଣ୍ଟରନେଟ୍ ୟୁଜରମାନେ କଡ଼ା ସମାଲୋଚନା କରିଛନ୍ତି। ରିପବ୍ଲିକାନ୍ ନେତା ଆଲେକ୍‌ଜାଣ୍ଡାର ଡୁନ୍‌କାନ୍ ଟେକ୍ସାସରେ ଥିବା ହନୁମାନଙ୍କ ୯୦ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତିର ଭିଡିଓକୁ ଗତ ସପ୍ତାହରେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସେ ଲେଖିଥିଲେ, ଟେକ୍ସାସରେ ଆମେ ଏକ ମିଛ ହିନ୍ଦୁ ଦେବତାଙ୍କ ମିଛ ପ୍ରତିମୂର୍ତ୍ତିକୁ ଅନୁମତି ଦେଉଛେ କାହିଁକି? ତାଙ୍କର ଏଭଳି ମନ୍ତବ୍ୟର ଦୃଢ଼ ଜବାବ ଦେଇଛି ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ (ଏଚ୍ଏଏଫ୍)। ଟେକ୍ସାସ୍‌ର ରିପବ୍ଲିକାନ୍ ସିନେଟ୍ ପ୍ରାର୍ଥୀ ହିନ୍ଦୁ ବିରୋଧୀ ଘୃଣା ପ୍ରସାର କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଚ୍ଏଏଫ୍ ଦାବି କରିଛି। ଦଳୀୟ ଗାଇଡ୍‌ଲାଇନର ଉଲ୍ଲଂଘନ କରିଥିବା ନେତାଙ୍କୁ ଶୃଙ୍ଖଳିତ କରିବାକୁ ହିନ୍ଦୁ ସଂଗଠନ ରିପବ୍ଲିକାନ୍ ପାର୍ଟିକୁ କହିଛି।

ଷ୍ଟାଚ୍ୟୁ ଅଫ୍ ୟୁନିୟନ ଭାବେ ଜଣାଶୁଣା ହନୁମାନ ପ୍ରତିମୂର୍ତ୍ତି ସୁଗାର ଲ୍ୟାଣ୍ଡସ୍ଥିତ ଶ୍ରୀଅଷ୍ଟଲକ୍ଷ୍ମୀ ମନ୍ଦିରରେ ଅବସ୍ଥିତ। ଏହା ଉତ୍ତର ଆମେରିକାର ସର୍ବୋଚ୍ଚ ହନୁମାନ ପ୍ରତିମୂର୍ତ୍ତି। ଇଣ୍ଟରନେଟ୍ ୟୁଜର ଡୁନ୍‌କାନ୍‌ଙ୍କ ମନ୍ତବ୍ୟକୁ ସମାଲୋଚନା କରି ଲେଖିଛନ୍ତି, ଆପଣ ହିନ୍ଦୁ ନୁହନ୍ତି ଅର୍ଥ ନୁହେଁ ଏହାକୁ ମିଛ ବୋଲି କହିବେ। ପୃଥିବୀକୁ ଯିଶୁ ଆସିବାର ୨୦୦୦ ବର୍ଷ ପୂର୍ବରୁ ବେଦ ଲେଖାଯାଇଥିଲା। ତେଣୁ ପୂର୍ବରୁ ଲୋକଙ୍କୁ ପ୍ରଭାବିତ କରିଥିବା ଧର୍ମର ସମ୍ମାନ କରାଯିବା ଆବଶ୍ୟକ। ହନୁମାନ ପ୍ରତିମୂର୍ତ୍ତି କାହାକୁ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ କରୁନାହିଁ ବୋଲି ଅନ୍ୟ ଜଣେ ଲେଖିଛନ୍ତି। ଆମେରିକା ଖ୍ରୀଷ୍ଟିଆନ୍‌ବହୁଳ ହୋଇପାରେ, କିନ୍ତୁ ଅନ୍ୟ ଧର୍ମକୁ ଅନୁମତି ନ ଦେବାକୁ କହିବା ଧର୍ମତନ୍ତ୍ରକୁ ସମର୍ଥନ, ଯାହା ଆମେରିକା ମୂଲ୍ୟବୋଧର ବିରୋଧୀ ବୋଲି ଅନ୍ୟଜଣେ ଲେଖିଛନ୍ତି।

# ମୋଲ୍‌ଡୋଭା ଦଖଲ ପାଇଁ ପ୍ରସ୍ତୁତ ହେଉଛି ନାଟୋ ସେନା

### ରୁଷିଆର ସୂଚନା

ମସ୍କୋ,୨୩।୯

କ୍ଷୁଦ୍ର ଦେଶ ମୋଲଡୋଭାକୁ ଦଖଲ କରିବା ପାଇଁ ୟୁରୋପ ପ୍ରସ୍ତୁତ ହେଉଛି। ନାଟୋ ସେନାର ପ୍ରଥମ ଗ୍ରୁପ୍ ୟୁକ୍ରେନ୍‌ର ଓଡେଶାରେ ପହଞ୍ଚିଥିବା ରୁଷିଆ ବିଦେଶୀ ଗୋଇନ୍ଦା ସେବା (ଏସ୍‌ଭିଆର୍)ର ସୂଚନା ଆଧାରରେ ସ୍ଥାନୀୟ ନ୍ୟୁଜ୍ ଏଜେନ୍ସି ସ୍ପୁଟ୍‌ନିକ୍ ମଙ୍ଗଳବାର ଖବର ପ୍ରକାଶ କରିଛି। ପୂର୍ବତନ ସୋଭିଏଟ୍ ୟୁରୋପୀୟ ରାଷ୍ଟ୍ର ମୋଲଡୋଭାରେ ମସ୍କୋ ଜନବିଦ୍ରୋହ କରାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ମୋଲଡୋଭା କର୍ତ୍ତୃପକ୍ଷ ୭୪ ଜଣଙ୍କୁ ଗିରଫ କରିଛନ୍ତି। ୨୮ରେ ମୋଲଡୋଭାରେ ନିର୍ବାଚନ ହେବାକୁ ଥିବାବେଳେ, ରୁଷିଆ ସମର୍ଥିତ ଦଳ ଓ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭୋଟକୁ ହାଇଜାକ୍ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି।

# ପ୍ରବଳ ବର୍ଷାରୁ କୋଲକାତାରେ ଅଚଳାବସ୍ଥା

### ୧୦ ମୃତ, ୧୦୦ ବିମାନ ଉଡ଼ାଣ ପ୍ରଭାବିତ

କୋଲକାତା,୨୩।୯(ପି.ଟି.)



ଦୁର୍ଗାପୂଜା ପୂର୍ବରୁ କୋଲକାତାରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ମହାନଗରର ସ୍ୱାଭାବିକ ଜୀବନଯାତ୍ରା ଅଚଳ ହୋଇପଡ଼ିଛି। ରାତି ତମାମ ବର୍ଷା ଲାଗିରହିବା ଫଳରେ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ବର୍ଷାଜନିତ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷା ଲାଗିରହିବା ସହ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାରୁ ଗାଡ଼ିମୋଟର, ରେଳ ଚଳାଚଳ ପ୍ରଭାବିତ ହୋଇଛି। ଶତାଧିକ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ୬୨ଟି ବିମାନ ବାତିଲ ହୋଇଥିବାବେଳେ ୪୨ଟିର ଉଡ଼ାଣ ବିଳମ୍ବିତ ହୋଇଛି।

୪ ଦଶନ୍ଧି ମଧ୍ୟରେ ଏହା ସବୁଠାରୁ ଅଧିକ ବର୍ଷା ବୋଲି କୁହାଯାଉଛି। ୨୪ ଘଣ୍ଟା ମଧ୍ୟରେ କୋଲକାତାରେ ୨୫୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ୧୯୮୬ ପରେ ସର୍ବାଧିକ। ଗୋଟିଏ ଦିନରେ ଏତେ ପରିମାଣରେ ବର୍ଷା ହେବା ଗତ ୧୩୭ ବର୍ଷ ମଧ୍ୟରେ ଷଷ୍ଠ ଘଟଣା। ଏହା ପୂର୍ବରୁ ୧୯୭୮ରେ ଦିନକରେ ୩୬୯.୬ ମିଲିମିଟର ବର୍ଷା ହୋଇଥିବାବେଳେ ୧୮୮୮ରେ ୨୫୩ ମି.ମି. ଏବଂ ୧୯୮୬ରେ ୨୫୯.୫ ମି.ମି. ବର୍ଷା ହୋଇଥିଲା। ବର୍ଷା ଯୋଗୁ ବେନିଆପୁକୁର, କାଲିକାପୁର, ନେତାଜୀ ନଗର, ଗରିଆହାଟ, ଏକବଲପୁର, ବେହଲା ଏବଂ ହରିଦେବପୁରରେ ବିଦ୍ୟୁତ୍ ଆଘାତରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା କୋଲକାତା ପୋଲିସ କହିଛି। ବର୍ଷା ଯୋଗୁ ଦକ୍ଷିଣ କୋଲକାତାର ଗାରିଆ ଏବଂ ଯୋଧପୁର ପାର୍କ ଜଳାର୍ଣ୍ଣବ ହୋଇଛି। ଲୋକଙ୍କ ଘରେ ଆଣ୍ଠୁଏରୁ ଅଣ୍ଟାଏ ଉଚ୍ଚତାର ପାଣି ପଶିଛି। ଲୋକମାନେ ସେମାନଙ୍କ ଆସବାବପତ୍ର ଉପର ମହଲାକୁ ଉଠାଇ ନେଇଥିବାବେଳେ ଗରିଆହାଟ, କଲେଜ ଷ୍ଟ୍ରିଟ୍‌ରେ ବହି ଦୋକାନ, ଲୁଗା ଦୋକାନ ଓ ଇଲେକ୍ଟ୍ରୋନିକ୍ ଦୋକାନର ସାମଗ୍ରୀଗୁଡ଼ିକ ପାଣିରେ ନଷ୍ଟ ହୋଇଯାଇଛି। କାର, ମୋଟରସାଇକେଲ ପାଣିରେ ବୁଡ଼ିରହିଥିବାବେଳେ ଅନେକ ବସ୍ ରାସ୍ତା ମଝିରେ ଅଚଳ ହୋଇଯାଇଛି। ବଙ୍ଗୋପସାଗରରେ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହୋଇଥିବାବେଳେ ଆଗକୁ ମଧ୍ୟ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦୁର୍ଗାପୂଜା ମାତ୍ର ୫ ଦିନ ବାକିଥିବାବେଳେ ପୂଜା ମଣ୍ଡପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। କୋଲକାତାର ପୂଜା ପେଣ୍ଡାଲଗୁଡ଼ିକ ଦେଶ ବିଦେଶରୁ ବହୁ ଲୋକଙ୍କୁ ଆକର୍ଷିତ କରିଥାଏ। ମାସାଧିକ କାଳ ଧରି କାରିଗରମାନେ ପୂଜା ପେଣ୍ଡାଲ ପ୍ରସ୍ତୁତ କରିଥିବାବେଳେ ଶେଷ ପର୍ଯ୍ୟାୟରେ ପ୍ରବଳ ବର୍ଷା ଯୋଗୁ ସେଗୁଡ଼ିକ ପ୍ରଭାବିତ ହୋଇଛି।

ବର୍ଷାବିପ୍ରାତକୁ ନେଇ ସୋସିଆଲ ମିଡିଆରେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଭଳି ବର୍ଷାକୁ ଅଭୂତପୂର୍ବ କହିବା ସହ ସହରରେ ବନ୍ୟା ସ୍ଥିତି ପାଇଁ ଫରକ୍କା ବ୍ୟାରେଜର ନିମ୍ନମାନର ଜଳ ନିଷ୍କାସନ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ସେହିପରି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣାରେ ସେ ଘରୋଇ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସିଇଏସ୍‌ସିକୁ ଦୋଷ ଦେଇଛନ୍ତି। ଏଥିସହିତ ଲୋକମାନଙ୍କୁ ଘରେ ରହିବାକୁ ମମତା ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ ଭାଜପା ରାଜ୍ୟ ସରକାର ଓ କୋଲକାତା ପୌର ନିଗମଙ୍କୁ ଟାର୍ଗେଟ କରିଛି। ବିରୋଧୀ ଦଳ ପକ୍ଷରୁ ସୋସିଆଲ ମିଡିଆରେ କୋଲକାତାର ଜଳାର୍ଣ୍ଣବ ରାସ୍ତାଗୁଡ଼ିକର ଫଟୋ ଓ ଭିଡିଓ ପୋଷ୍ଟ କରାଯାଇଛି। ଟିଏମ୍‌ସି ନିୟନ୍ତ୍ରଣରେ ଥିବା ପୌର ନିଗମ ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ଲୋକଙ୍କ ପାଇଁ ଦୁର୍ଦ୍ଦଶା ଡାକି ଆଣିଥିବା ଭାଜପା କହିଛି। ଅନ୍ୟପକ୍ଷରେ ଭାଜପା ଘୃଣା ପ୍ରସାର କରାଇବାକୁ ଲୋକଙ୍କ ଯନ୍ତ୍ରଣାକୁ ଅସ୍ତ୍ର କରୁଥିବା ଟିଏମ୍‌ସି ଅଭିଯୋଗ କରିଛି।

# ଭୋଟ ଚୋରି ବଢ଼ାଇଛି ବେକାରି ସମସ୍ୟା: ରାହୁଲ

ନୂଆଦିଲ୍ଲୀ, ୨୩।୯

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ମୋଦି ନିଜ ଜନ୍ମଦିନର ଭବ୍ୟ ଆୟୋଜନରେ ବ୍ୟସ୍ତ ଥିବା କହି ସେ ବର୍ଷିଛନ୍ତି। ରାହୁଲ ବେକାରିକୁ ଭୋଟ ଚୋରି ସହ ଯୋଡ଼ି କହିଛନ୍ତି। ସ୍ୱାଧୀନ ଭାରତର ଇତିହାସରେ ଭୋଟ ଚୋରି ସବୁଠାରୁ ବଡ଼ ସଙ୍କଟ। ବେକାରି ସବୁଠାରୁ ବଡ଼ ସମସ୍ୟା ହୋଇଥିବାବେଳେ ଭୋଟ ଚୋରି ସହ ଏହାର ସିଧାସଳଖ ସମ୍ପର୍କ ରହିଛି। ଜନତାଙ୍କ ବିଶ୍ୱାସ ଜିତି ନୁହେଁ ଭୋଟ ଚୋରିକରି ଆସିଥିବା ସରକାର ଯୁବପିଢ଼ିଙ୍କୁ ନିଯୁକ୍ତି ଯୋଗାଇବା କିମ୍ବା ସେମାନଙ୍କ ସ୍ୱପ୍ନକୁ ସୁରକ୍ଷା ଦେବା ଉପରେ ପ୍ରାଥମିକତା ଦେଇ ନ ଥାଏ। ଗତ ୪୫ ବର୍ଷ ମଧ୍ୟରେ ବେକାରି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ନିଯୁକ୍ତି ପରୀକ୍ଷାରେ ଭ୍ରଷ୍ଟାଚାର ହେଉଥିବା ରାହୁଲ କହିଛନ୍ତି।

# 'ଭାରତ-ପାକ୍ ଯୁଦ୍ଧ ବନ୍ଦ କରାଇଛି'

### ଜାତିସଂଘରେ କହିଲେ ଟ୍ରମ୍ପ୍

ଜାତିସଂଘ,୨୩।୯(ପି.ଟି.)


ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ପୁଣିଥରେ ଦାବି ଦୋହରାଇଛନ୍ତି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ବିଶ୍ୱନେତାମାନଙ୍କୁ ଉଦ୍‌ବୋଧନ ଦେଇ ଟ୍ରମ୍ପ୍ କହିଛନ୍ତି, ଭାରତ-ପାକିସ୍ତାନ ଯୁଦ୍ଧ ସମେତ ୭ଟି ଯୁଦ୍ଧକୁ ବନ୍ଦ କରାଇଲିଣି। ୨ଟି ଯୁଦ୍ଧ ୩୧ ବର୍ଷ ହେଲା ଚାଲିଥିଲାବେଳେ ଗୋଟିଏ ୩୬ ବର୍ଷ ଓ ଗୋଟିଏ ୨୮ ବର୍ଷ ହେଲା ଲାଗିରହିଥିଲା। ସେହି ଯୁଦ୍ଧ କାମ୍ବୋଡ଼ିଆ-ଥାଇଲାଣ୍ଡ, କୋସୋଭୋ-ସର୍ବିୟା, କଙ୍ଗୋ-ରୁଆଣ୍ଡା ମଧ୍ୟରେ ଚାଲିଥିଲା। ଏଥିସହିତ ଭାରତ-ପାକିସ୍ତାନ, ଇସ୍ରାଏଲ୍-ଇରାନ, ଇଜିପ୍ଟ-ଇଥିଓପିଆ ଏବଂ ଆର୍ମେନିଆ-ଆଜରବୈଜାନ ଯୁଦ୍ଧକୁ ଅଟକାଇଥିବା ଟ୍ରମ୍ପ୍ ଦାବି କରିଛନ୍ତି। ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷ ପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ମେ' ୧୦ରେ ଟ୍ରମ୍ପ୍ ଘୋଷଣା କରିଥିଲେ। ୱାଶିଂଟନ ମଧ୍ୟସ୍ଥତାରେ ଦୀର୍ଘ ରାତି ଆଲୋଚନା ହୋଇଥିଲା। ଏହି ଯୁଦ୍ଧ ବନ୍ଦ କରିଥିବା ନେଇ ଟ୍ରମ୍ପ୍ ପାଖାପାଖି ୫୦ ଥର ଦାବି କଲେଣି।

ଚାଇନା ଓ ଭାରତ ମସ୍କୋରୁ ତୈଳ କିଣା ଜାରି ରଖି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇ ଦେଉଥିବା ଟ୍ରମ୍ପ୍ କହିଛନ୍ତି। ରୁଷିଆରୁ ତୈଳ କିଣୁଥିବାରୁ ନୂଆଦିଲ୍ଲୀ ଉପରେ ଟ୍ରମ୍ପ୍ ପ୍ରଶାସନ ଦଣ୍ଡସ୍ୱରୂପ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇଛି। ଫଳରେ ଭାରତରୁ ଆମେରିକା ଆମଦାନୀ କରୁଥିବା ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୫୦ ପ୍ରତିଶତ ହୋଇଛି।

# ଟ୍ରମ୍ପଙ୍କ କାର୍‌କୁ ବାଟ ଛାଡ଼ିଦେବା ପାଇଁ ମାକ୍ରଁଙ୍କୁ ଅଟକାଇଲା ନ୍ୟୁୟର୍କ ପୋଲିସ

### ଚାଲି କରି ଗଲେ

ନ୍ୟୁୟର୍କ,୨୩।୯



ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ସୋମବାର ରାତିରେ ଜାତିସଂଘ ସାଧାରଣ ସଭାରେ ଏକ ଲମ୍ବା ଭାଷଣ ଦେବା ପରେ ଦୂତାବାସକୁ ଫେରୁଥିବାବେଳେ ନ୍ୟୁୟର୍କ ପୋଲିସ ତାଙ୍କୁ ଅଟକାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଗାଡ଼ି ସମୂହ ସେହି ରାସ୍ତା ଦେଇ ଅତିକ୍ରମ କରିବାକୁ ଥିବାରୁ ମାକ୍ରଁଙ୍କ ଗାଡ଼ିକୁ ଅଟକାଯାଇଥିଲା। ଟ୍ରମ୍ପ୍‌ଙ୍କ ପାଇଁ ସବୁ ରାସ୍ତା ବନ୍ଦ କରାଯାଇଥିବାରୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ରାସ୍ତାରେ ଦୀର୍ଘ ସମୟ ଅଟକି ରହିବାକୁ ପଡ଼ିଥିଲା। ଏଥିରେ ବିଚଳିତ ହୋଇ ସେ କାର୍ ବାହାରକୁ ଆସି ରାସ୍ତା ଅବରୋଧର କାରଣ ସମ୍ପର୍କରେ ପୋଲିସକୁ ପଚାରିଥିଲେ। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ ପୋଲିସ ଅଧିକାରୀ କହିଥିଲେ, ମୁଁ ଦୁଃଖିତ ମିଷ୍ଟର ପ୍ରେସିଡେଣ୍ଟ। ଏବେ ସବୁ ରାସ୍ତା ବନ୍ଦ ରହିଛି। କାରଣ ଟ୍ରମ୍ପ୍‌ଙ୍କ ମୋଟରକେଡ୍ ଏବେ ଅତିକ୍ରମ କରିବାର ଅଛି। ପରେ ମାକ୍ରଁ ରାସ୍ତାରେ ଛିଡ଼ା ହୋଇ ଟ୍ରମ୍ପ୍‌ଙ୍କୁ ଫୋନ୍ କରି ରାସ୍ତା ଖୋଲିଦେବାକୁ କହିଥିଲେ। ସବୁ ବନ୍ଦ ଥିବାରୁ ସେ ରାସ୍ତାରେ ଛିଡ଼ାହୋଇଥିବା ମାକ୍ରଁ ଟ୍ରମ୍ପ୍‌ଙ୍କୁ କହୁଥିବା ଶୁଣାଯାଇଥିଲା। ଏହି ସମୟରେ ଟ୍ରମ୍ପ୍‌ଙ୍କ ଗାଡ଼ି ସମୂହ ଅତିକ୍ରମ କରିଥିଲା ଓ ରାସ୍ତାକୁ କେବଳ ପଥଚାରୀଙ୍କ ପାଇଁ ଖୋଲିଦିଆଯାଇଥିଲା। ଫଳରେ ମାକ୍ରଁ କାରକୁ ନ ଯାଇ ଚାଲିଚାଲି ଯାଇଥିଲେ ଯାହା ନ୍ୟୁୟର୍କ ଲୋକମାନଙ୍କ ପାଇଁ ଏକ ବିରଳ ଦୃଶ୍ୟ ଥିଲା। ବାଟରେ ଲୋକମାନେ ତାଙ୍କ ସହ ସେଲ୍‌ଫି ଓ ଫଟୋ ନେଇଥିଲେ। ଏପରିକି ଜଣେ ବ୍ୟକ୍ତି ମାକ୍ରଁଙ୍କ କପାଳରେ ଚୁମ୍ବନ ଦେଇଥିଲେ।

# ତଳମୁହାଁ ଟଙ୍କା, ସାମଗ୍ରୀ ମହଙ୍ଗା



**ଆ**ମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପକ୍ଷରୁ ଏଚ୍-୧ବି ଭିଜା ଶୁଳ୍କରେ ୧ ଲକ୍ଷ ଡଲାର ବୃଦ୍ଧି ମଧ୍ୟରେ ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବକାଳୀନ ସ୍ତରକୁ ହ୍ରାସ ପାଇଛି। ଟଙ୍କା ୪୭ ପଇସା ହ୍ରାସ ପାଇଁ ୧ ଡଲାର ତୁଳନାରେ ୮୮ ଟଙ୍କା ୭୫ ପଇସାରେ ପହଞ୍ଚିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଏଚ୍ -୧ ବି ଭିଜା ଶୁଳ୍କରେ ବୃଦ୍ଧି ଯୋଗୁ ଭାରତୀୟ ଆଇଟି କ୍ଷେତ୍ରରୁ ପଠାଯାଉଥିବା ଟଙ୍କା ଓ ସମ୍ଭାବ୍ୟ ଇକ୍ୟୁଟି ବିକ୍ରୟକୁ ନେଇ ଚିନ୍ତା ବଢ଼ିଛି। ଚଳିତବର୍ଷ ବିଦେଶୀ ନିବେଶ ଦୁର୍ବଳ ଥିବା ବେଳେ ଏଚ୍-୧ବି ଭିଜା ଶୁଳ୍କରେ ବୃଦ୍ଧି ଭାରତୀୟ ମୁଦ୍ରାକୁ ଦ୍ୱିଗୁଣିତ ଭାବେ ଆଘାତ ଦେଇଥିବା ବିଶେଷଜ୍ଞମାନେ କହିଛନ୍ତି। ସେହିପରି ଟ୍ରମ୍ପ୍‌ଙ୍କ ବିଭିନ୍ନ ନୂତନ ନୀତି ଟଙ୍କା ଉପରେ ଭାରି ପଡୁଥିବା ନେଇ ମୁଦ୍ରା ବିଶେଷଜ୍ଞମାନେ କହିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ଭାରତୀୟ ମୁଦ୍ରା ବଜାର ଏବଂ ପୁଞ୍ଜି ବଜାର ପାଇଁ ଅନିଶ୍ଚିତତା ବଢ଼ାଇଛି। ଏପରି ପଦକ୍ଷେପ ଭାରତୀୟ ରପ୍ତାନୀ ସାମଗ୍ରୀର ମୂଲ୍ୟକୁ ହ୍ରାସ କରିବା ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟକୁ କମାଉଛି। ଚଳିତ ବର୍ଷର ପ୍ରାରମ୍ଭରୁ ବର୍ତ୍ତମାନ ସୁଦ୍ଧା ଟଙ୍କା ୩.୫%ରୁ ଅଧିକ ଦୁର୍ବଳ ହୋଇଛି। ଗତ ଜାନୁଆରୀ ୧ରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୫.୭୦ ରହିଥିବାବେଳେ ଏବେ ଏହା ସର୍ବକାଳୀନ ୮୮.୭୫ ସ୍ତରରେ ପହଞ୍ଚିଛି।

# ମୁଦ୍ରା ଦୁର୍ବଳତାରୁ ବଜାର ଅସ୍ଥିର



**ବି**ଶେଷଜ୍ଞମାନଙ୍କ ମତରେ, ଟଙ୍କାର ମୂଲ୍ୟ ହ୍ରାସ ଦ୍ୱାରା ଭାରତ ଆମଦାନୀ କରୁଥିବା ବିଭିନ୍ନ ସାମଗ୍ରୀ ମହଙ୍ଗା ହେଉଛି। ଡଲାର ତୁଳନାରେ ଟଙ୍କା ଖସିବା ଦ୍ୱାରା ବିଦେଶରେ ପଢ଼ିବା ଏବଂ ଭ୍ରମଣ କରିବା ମଧ୍ୟ ମହଙ୍ଗା ହେଉଛି। ବିଦେଶରେ ରହିବା, ଖାଇବା ସମେତ ଅନ୍ୟାନ୍ୟ ଜିନିଷ ମହଙ୍ଗା ହୋଇଛି। ଭାରତ ଅଶୋଧିତ ତୈଳ ଭଳି ପ୍ରମୁଖ ସାମଗ୍ରୀ ଆମଦାନୀ କରୁଥିବାରୁ ଦୁର୍ବଳ ଟଙ୍କା ଯୋଗୁ ଏହାର ଦାମ ବଢ଼ିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଫଳରେ ପରିବହନ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଖର୍ଚ୍ଚ ବଢ଼ିବ। ସେହିପରି ଦୁର୍ବଳ ଟଙ୍କା ବଜାର ପାଇଁ କ୍ଷତିକାରକ। ଏହା କର୍ପୋରେଟ ଲାଭ ପରିମାଣକୁ ସଙ୍କୁଚିତ କରିବା ସହ ଗ୍ରାହକଙ୍କ କ୍ରୟ ଶକ୍ତିକୁ ହ୍ରାସ କରିଥାଏ। ବିଦେଶୀ ମୁଦ୍ରାରେ ଋଣ ନେଇଥିବା ଭାରତୀୟ କମ୍ପାନୀଗୁଡ଼ିକୁ ଋଣ ପରିଶୋଧ ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ଥାଏ, ଯାହା ସେମାନଙ୍କର ଷ୍ଟକ୍ ମୂଲ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। ସେହିପରି ଦୁର୍ବଳ ଟଙ୍କା ବିଦେଶୀ ନିବେଶକୁ କମାଇଥାଏ। ସେହିପରି ଏହାର ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବା ସହ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ଉପରେ ବିପଦ ଆସିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ଆନ୍ତଃରାଜ୍ୟ ଗ୍ୟାଙ୍ଗର ୬ ଜଣଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

## ପୋଲିସ ପରିଚୟ ଦେଇ ଡକାୟତି ମାମଲା

ଭୁବନେଶ୍ୱର,୨୩।୯(ସତ୍ୟଜିତ୍ ରାଉତ)

ପୋଲିସ ପରିଚୟ ଦେଇ ଭୁବନେଶ୍ୱରରେ ଡକାୟତି ମାମଲାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗର ୬ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ବନ୍ଦନା କର କ୍ୟାପିଟାଲ ଥାନାର ଏକ ମାମଲାରେ ମଙ୍ଗଳବାର ଶୁଣାଣି କରି ଅଭିଯୁକ୍ତମାନଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ଦେଇଛନ୍ତି। ସେମାନେ ହେଲେ ମଧ୍ୟପ୍ରଦେଶ ଓ ଛତିଶଗଡ଼ର ସାଦିକ୍ ହୁସେନ(୫୬), ସବୀର ଅଲି(୩୬), ଫଜଲ ଅଲି(୨୨), ଆବୁଜାର୍ ଅଲି(୨୩) ଓ ରାଜେନ୍ଦ୍ର କୁମାର କୁଶୱାହା(୩୨)। ସମସ୍ତେ ଆଇପିସି ଦଫା ୩୯୫(ଡକାୟତି) ଅନୁଯାୟୀ ଦଣ୍ଡିତ ହୋଇଥିବାବେଳେ ୫୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟ ଜଣେ ଅଭିଯୁକ୍ତ ଜାହିର ଅଲି(୩୪)ଙ୍କ ବିଚାରାଧୀନ ଅବସ୍ଥାରେ ଜେଲରେ ମୃତ୍ୟୁ ଘଟିଥିଲା। ତେବେ ଭୁବନେଶ୍ୱରର ବିଭିନ୍ନ ଥାନାରେ ସମସ୍ତଙ୍କ ନାମରେ ଥିବା ଆଉ ୧୧ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ଏହି ଡକାୟତ ଗ୍ୟାଙ୍ଗ ଗତବର୍ଷ ଭୁବନେଶ୍ୱରରେ ଆତଙ୍କ ଖେଳାଇଥିଲେ। ପୋଲିସ ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା, ସୁନା ଆଦି ଲୁଟପାଟ କରୁଥିଲେ। ପ୍ରାୟତଃ ରାସ୍ତାରେ ଏକାକୀ ଯାଉଥିବା ବ୍ୟକ୍ତି ତଥା ମହିଳାଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ୨୦୨୪ ଫେବୃଆରୀ ୯ ସକାଳେ ସ୍କୁଲ ଭ୍ୟାନ୍ ଚାଳକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଡ୍ୟୁଟିକୁ ଯାଉଥିବାବେଳେ ୟୁନିଟ-୧ରେ ଅଭିଯୁକ୍ତମାନେ ବାଇକରେ ପିଛା କରି ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ପୋଲିସ ପରିଚୟ ଦେଇ ଆଗ ରାସ୍ତାରେ ଲୁଟ୍‌କୁ ନେଇ ଏକ ହତ୍ୟା ହୋଇଥିବା କହିଥିଲେ। ସେ ପିନ୍ଧିଥିବା ସୁନାକୁ ଦେଇଦେବାକୁ କହିଥିଲେ। ଗୋବିନ୍ଦ ବିଶ୍ୱାସ କରି ସୁନା ସାମଗ୍ରୀ କାଢୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ ସହ ଅଳଙ୍କାର ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଗୋବିନ୍ଦଙ୍କ ଏତଲାକ୍ରମେ କ୍ୟାପିଟାଲ ଥାନାରେ ଏକ ମାମଲା(ନଂ.୫୭/୨୦୨୪) ରୁଜୁ ହୋଇଥିଲା। ସେହିପରି ବନମାଳୀପୁରରେ ସୁନା ଦୋକାନୀ ବ୍ରଜ କିଶୋର ସାହୁ ଗତବର୍ଷ ଏପ୍ରିଲ ୧୯ରେ ସୁନା ଅଳଙ୍କାର କିଣିବାକୁ ୨ଲକ୍ଷ ଟଙ୍କା ଧରି ରାଜମହଲ ଛକ ପାଖକୁ ଆସିଥିଲେ। ତାଙ୍କୁ ଅଭିଯୁକ୍ତମାନେ ପୋଲିସ ପରିଚୟ ଦେଇ ବ୍ୟାଗରେ ଗଞ୍ଜେଇ ଥିବା କହି ଯାଞ୍ଚ କରିଥିଲେ। ଏହାପରେ ନାନା ଧମକ ଦେଇ ୨ ଲକ୍ଷ ଟଙ୍କା ନେଇ ବାଇକ୍ ଓ କାର୍‌ରେ ଫେରାର ହୋଇଯାଇଥିଲେ। ବ୍ରଜଙ୍କ ଏତଲାକ୍ରମେ କ୍ୟାପିଟାଲ ପୋଲିସ ମାମଲା(ନଂ.୨୨୬/୨୦୨୪) ରୁଜୁ କରିଥିଲା। ମାମଲାଦ୍ୱୟର ତଦନ୍ତ ଚାଲିଥିବାବେଳେ ଗତ ଏପ୍ରିଲ ୨୩ ତାରିଖରେ ୭ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ମାମଲା(ନଂ.୫୭/୨୪)ରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ଏହି ମାମଲାକୁ ଅତିରିକ୍ତ ପିପି ସାଇରଞ୍ଜନ ମହାନ୍ତି ଓ ବିଶ୍ୱରଞ୍ଜନ ମହାନ୍ତି ପରିଚାଳନା କରୁଥିଲେ।

# ମାଲକାନଗିରି ଜଙ୍ଗଲରେ ମାଓବାଦୀ ଡମ୍ପ ଠାବ

ମାଲାକନଗିରି,୨୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ କୁର୍ମାନୁର ପଞ୍ଚାୟତ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ ଡମ୍ପ ଠାବ କରାଯାଇଛି। ମାଟି ତଳେ ଥିବା ଏହି ଡମ୍ପରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୧୪୨ ବିଏସ୍ଏଫ୍ ଓ ଡିଭିଏଫ୍ ଯବାନମାନେ ମଙ୍ଗଳବାର ସକାଳେ କୋମ୍ବିଂ ଅପରେଶନ କରିବା ସମୟରେ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲର ଏକ୍କାନୁର, ଦୟାଲତଙ୍ଗ ଗ୍ରାମ ନିକଟ ଜଙ୍ଗଲର ଗୋଟିଏ ସ୍ଥାନରେ ମାଟି ତଳେ ମାଓବାଦୀ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ଯବାନମାନେ ସେଠାରେ ମାଟି ଖୋଳି ଉକ୍ତ ଡମ୍ପକୁ ବାହାର କରିଥିଲେ। ଏହି ଡମ୍ପରେ ଦୁଇଟି ଟିଫିନ୍ ବୋମା, ଗୋଟିଏ ଗ୍ରେନେଡ୍, ୨୪ଟି ଜିଲେଟିନ ଷ୍ଟିକ୍, ୪୦ ମିଟର କୋଡେକ୍ସ ତାର, ଗୋଟିଏ ୩୬ ନମ୍ବର ଗ୍ରେନେଡ୍, ୨୨ଟି ଡିଟୋନେଟର, ୨ଟି ରିମୋଟ୍, ଗୋଟିଏ ମୋଟର, ୩ଟି ଗ୍ୟାସ୍ ସିଲିଣ୍ଡର, ୧୫ଟି ଲୁହା ପ୍ଲେଟ୍, ୫୦ଟି ଅଫୁଟା ଗୁଳି ଜବତ କରିଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳ ମାଓବାଦୀଙ୍କ ଆଡ୍ଡାସ୍ଥଳ ଭାବେ ପରିଚିତ ଥିବାବେଳେ କୌଣସି ଅଘଟଣ ଘଟାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହାକୁ ଲୁଚାଇ ରଖିଥିବା ଯବାନମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜଣାପଡ଼ିଛି।



ଜବତ ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ।

# ୩ ଦିନରେ ଦେଢ଼ କୋଟି ଟଙ୍କାର ବାଣ ଜବତ

## ଜିଲାର ବିଭିନ୍ନ ସ୍ଥାନରୁ ୧୩ ଗିରଫ

### ଅନୁଗୋଳ ପୋଲିସର ଅପରେଶନ 'ଅଗ୍ନି'

ଅନୁଗୋଳ,୨୩।୯(ଦିବ୍ୟଶାନ୍ତନୁ ନାଥ)

ରାଜ୍ୟ ସରକାର ତଥା ପୋଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଅପରେଶନ 'ଅଗ୍ନି' ଜାରି ରହିଛି। ଅନୁଗୋଳ ଜିଲାରେ ଗତ ୫ଦିନ ହେବ ପୋଲିସ ପକ୍ଷରୁ ଅପରେଶନ 'ଅଗ୍ନି' ଆରମ୍ଭ କରାଯାଇଥିବା ବେଳେ ୩ ଦିନରେ ୫,୭୦୦ କେଜିରୁ ଅଧିକ ପରିମାଣର ବେଆଇନ ବାଣ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼କୋଟି ଟଙ୍କା ହେବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଜିଲାର ବିଭିନ୍ନ ଥାନା ଓ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ୫ଦିନ ହେବ ଅପରେଶନ 'ଅଗ୍ନି'ରେ ଚଢ଼ାଉ ଚାଲିଛି। ବେଆଇନ ଭାବେ ବାଣ ନର୍ମାଣ ଓ ବିକ୍ରିବଟା ଉପରେ ରୋକ ଲଗାଇବା ପାଇଁ ଏହି ଅପରେଶନ ଆରମ୍ଭ ହୋଇଛି। ୩ ଦିନ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରୁ ୧୫ଟି ମାମଲା ରୁଜୁ ହୋଇଛି। ତାଳଚେର ଥାନାରେ ୬ଟି, ଛେଣ୍ଡିପଦାରେ ୨, ବାଗେଡ଼ିଆରେ ୧, ଏନ୍‌ଟିପିସି ୧, ଅନୁଗୋଳ ଟାଉନ ଥାନାରେ ୩, ସଦର ଥାନାରେ ୨ଟି ମାମଲା ରୁଜୁ ହୋଇଛି। ବାଣ ସହ ଦେଶୀ ବେଆଇନ ବାଣ ତିଆରି କାରଖାନା ଜବତ କରାଯାଇଛି। ମୋଟ ୧୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୨ଜଣଙ୍କୁ ନୋଟିସ କରାଯାଇଛି। ଜଣେ ଲାଇସେନ୍ସଧାରୀ ନୀତିନିୟମ ଉଲ୍ଲଂଘନ କରିବା କାରଣରୁ ମାମଲା ରୁଜୁ ସହ ତାଙ୍କ ଲାଇସେନ୍ସ ରଦ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜବତ ବାଣଗୁଡ଼ିକୁ ବୈଜ୍ଞାନିକ ଉପାୟରେ ନଷ୍ଟ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

### ୫ ଲକ୍ଷ ଟଙ୍କାର ବାଣ ଜବତ

ତାଳଚେର,୨୩।୯ (ମନୋଜ ନନ୍ଦ)

ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶରେ ତାଳଚେର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣ ଲୋକଙ୍କଠାରୁ ପ୍ରାୟ ୫ ଲକ୍ଷ ଟଙ୍କାର ଗଚ୍ଛିତ ବାଣ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନମ୍ବର ୧୦୩୨, ୧୦୩୩, ୧୦୩୪, ୧୦୩୫, ୧୦୩୬ ଓ ୧୦୩୭/୨୦୨୫ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ହେଲେ ତାଳଚେର ଥାନା ସନ୍ଥପଡ଼ା ଗ୍ରାମର ଜଗବନ୍ଧୁ ଦାସ(୬୦), ବଳହର ଗ୍ରାମର ସରୋଜ କୁମାର ସିଆ(୨୯), ବଉଳ ଛକର ପ୍ରକାଶ ସାହୁ(୩୮), ସନ୍ଥପଡାର ଦିଲୀପ ଦାସ(୩୧), କୋଲିୟରୀ ଥାନା ପବିତ୍ରପୁର ଗ୍ରାମର ରୋଜିତ କୁମାର ପ୍ରଧାନ(୩୨) ଏବଂ ତାଳଚେର ଥାନା ରାଧାରମଣପୁର ଗ୍ରାମର ଶୁଭମ କୁମାର ବେହେରା (୨୮)। ଏହି ଚଢାଉରେ ଏସ୍‌ଆଇ ତୁଷାରକାନ୍ତ ମହାନ୍ତି, ଏସ୍‌ଆଇ ସତ୍ୟବ୍ରତ ରାଉତ, ଏସ୍‌ଆଇ ଦେବବ୍ରତ ନାୟକ, ଏଏସ୍‌ଆଇ ହରେଶ ଚନ୍ଦ୍ର ଦଳେଇ, ହାବିଲଦାର ବିମଳ ଗୋଚ୍ଛାୟତ, କନଷ୍ଟେବଲ ମିତ୍ରଭାନୁ ଭୋଇ ଓ ନିର୍ମଳ ଚନ୍ଦ୍ର ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-HIRING-VEHICLE- KUR-496, ତା.16.09.2025ରିଖ

**କାର୍ଯ୍ୟର ନାମ:** 33 (ତେତିଶି)ମାସ ସମୟାବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(ସିଗ୍ନାଲ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସିଗ୍ନାଲ)/ବ୍ରହ୍ମପୁର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock)ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଭଳି ଦୁଇ ଗୋଟି ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 38,94,000/-, EMD (ଟଙ୍କାରେ): 77,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/- । ବିଡ୍ ଆରମ୍ଭ ହେବା ତାରିଖ: ତା.24.09.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.10.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-623/Q/25-26



**कार्यालय, कार्यपालन अभियंता**
**खारंग जल संसाधन संभाग, बिलासपुर (छ.ग.)**
**निविदा निरस्तीकरण आदेश**

आदेश क्रमांक /व.ले.लि/ बिलासपुर, दिनांक ................

निविदा सूचना क्र. 07/व.ले.लि/2025-26 दिनांक 12.08.2025 निविदा सिस्टम क्र. 173541 (प्रथम आमंत्रण) खारंग जलाशय योजना के दांयी तट नहर के खैरखुण्डी माईनर आर.डी. 0 मी. 720 मी. के बीच, सरवन देवरी माईनर आर.डी. 0 मी. से 1300 मी. के बीच, लखराम माईनर आर.डी. 0 मी. से 1780 मी. के बीच, लखराम सब माईनर आर.डी. 0 मी. से 1240 मी. के बीच, सघिरी सब माईनर आर.डी. 0 मी. से 440 मी. के बीच परसदा डिस्ट्रब्यूटरी आर.डी. 0 मी. से 5710 मी. के बीच सी.सी. लाईनिंग मरम्मत/सुधार राशि रूपये 214.37 लाख को एकल निविदा होने के कारण निविदा निरस्त किया जाता है।

स्वा:/- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)

विज्ञापन क्र. जी-252602796/ दिनांक 15.04.2025
G-252603649/4


# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଯୁବକଙ୍କୁ ମାଡ଼

## ଗାଈ ସହ ଅପ୍ରାକୃତ ଯୌନକ୍ରିୟା ଅଭିଯୋଗ

ବାଲେଶ୍ୱର,୨୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଅମାନବୀୟ ଘଟଣା ଘଟିଛି। ନିଜର ହିତାହିତ ଜ୍ଞାନ ଭୁଲି ଜଣେ ଯୁବକ ଏକ ଗାଈ ସହ ଅପ୍ରାକୃତିକ ଯୌନକ୍ରିୟା କରିବା ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି।

ପ୍ରକାଶ ଯେ, ସଦର ଥାନା ଅଧୀନ ମେଘଡମ୍ବରୁ ଅଞ୍ଚଳରେ ଏକ ନିର୍ମାଣାଧୀନ ଏକ ଆପାର୍ଟମେଣ୍ଟରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ୪୦ରୁ ୫୦ ଜଣ ରାଜମିସ୍ତ୍ରି ଓ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଶ୍ରମିକମାନେ ସେଠାରେ ରହିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଏକ ଗାଈ ସହ ଅପ୍ରାକୃତିକ ଯୌନ କ୍ରିୟା କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକେ ରୁଣ୍ଡ ହୋଇ ଯୁବକ ଜଣକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ବିଭିନ୍ନ ସମୟରେ ଏହି ଶ୍ରମିକ ଓ ମିସ୍ତ୍ରିମାନେ ସ୍ଥାନୀୟ ଅଞ୍ଚଳରୁ ଚୋରି, ଛିନ୍‌ତାଇ ଓ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ କରି ସରପଞ୍ଚଙ୍କ ସମେତ ଜନସାଧାରଣ ମେଘଡମ୍ବରୁ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ତଦନ୍ତ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକ।

# ସମବାୟ ସମିତିର ୧୩ ଲକ୍ଷ ହଡ଼ପ

## ପୂର୍ବତନ ସମ୍ପାଦକଙ୍କୁ ଗିରଫକଲା ଭିଜିଲାନ୍ସ

ତିହିଡ଼ି,୨୩।୯(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମବାୟ ସମିତିର ୧୩ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ପୂର୍ବତନ ସମ୍ପାଦକ ସୁଦର୍ଶନ ଖଟୁଆଙ୍କୁ ମଙ୍ଗଳବାର କଟକ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ସୁଦର୍ଶନ ୨୦୧୭ ନଭେମ୍ବର ୩ରୁ ୨୦୨୨ ଅଗଷ୍ଟ ୩ ପର୍ଯ୍ୟନ୍ତ ଏହି ସମିତିରେ ସମ୍ପାଦକ ଦାୟିତ୍ୱରେ ଥିଲେ। ଏହି ସମୟ ମଧ୍ୟରେ ସେ ସମିତିର ବ୍ୟାପକ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ସମିତି ସଭାପତି ରାଜେନ୍ଦ୍ର ଦାସ ଓ ପରିଚାଳନା କମିଟିର ସଦସ୍ୟମାନେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପରେ ସମ୍ପାଦକ ଖଟୁଆଙ୍କୁ ୨୦୨୨ରେ ସମିତି ବୋର୍ଡ ପକ୍ଷରୁ ନିଲମ୍ବନ କରାଯାଇଥିଲା। ତେବେ ଭିଜିଲାନ୍ସ ପକ୍ଷରୁ ବିଭିନ୍ନ ସମୟରେ ସମିତିର ରେକର୍ଡପତ୍ର ଯାଞ୍ଚ ଜାରି ରହିଥିଲା। ସୁଦର୍ଶନ ଯାଜପୁରରେ ଥିବା ଖବର ପାଇ ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଛି।


**OFFICE OF DISTRICT COLLECTOR, MALKANGIRI**
**(EXCISE SECTION)**
**NOTICE INVITING APPLICATIONS FOR SETTLEMENT OF UNSETTLED O.S. SHOP OF MALKANGIRI DISTRICT**

**No. 1585/2025** **Date: 23.09.2025**

Applications are invited for settlement of 1 Number of O.S. Shops of Malkangiri district for the year 2025-26 by way of Lottery.

The persons interested to participate may apply online in 'Form-B' through the portal **"http://stateexcise.odisha.gov.in"** from 24.09.2025 to 07.10.2025 (5.00 P.M.). Lottery will be held on 14.10.2025 at Zillaparishad (DRDA) Conference Hall, Malkangiri from 4.00 P.M. onwards.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office, Malkangiri and Collectorate, Malkangiri.

**Sd./- Collector, Malkangiri**



**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**
**Advertisement No-301/UB/KRAR/NPD** **Date: 22.09.2025**

**ADVERTISEMENT**

Applications are invited from the perspective candidates for the different posts through the proforma application form which will be made available on the district website (https://nuapada.odisha.gov.in) The online submission of application shall be available on **(E- Mail utkalbalashramkhariar@gmail.com)** from 24.9.2025(10.00AM) to 30.09.2025 (5.00 PM). The recruitment of different posts of Child Care Institution & Specialized Adoption Agency, (SAA) Utkal Balashram, Dist-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post/ Registered post only addressed to Office of the Secretary Utkal Balashram, At-/ Po-Khariar, Ps-Khariar, Dist- Nuapada-766107, latest by 5.00 PM on Dt. 05 10.2025. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (https://nuapada.odisha.gov.in).

**Sd./- CDPO Khariar-Cum-Secretary**
**Utkal Balashram Khariar**



**GOVT. OF ODISHA** No. O-810
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-10/2025-26, Date: 17.09.2025
**NOTICE INVITING TENDERS FOR ROAD AND BRIDGE WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road and Bridge works under MMSY-Improvement to Existing RD Roads, MMSY-TRIP, MMSY-CUVDA and MMSY CMRL Schemes in the district Kalahandi and Nuapada.
2. No. of Works : 18 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 25.09.2025 11.00 A.M. | 15.10.2025 5.00 P.M. | 14.10.2025 | 16.10.2025 at 11.00 A.M. |

Further details can be seen from the website "**www.tendersorissa.gov.in**".
**Sd./- Chief Construction Engineer**
**Rural Works Circle, Bhawanipatna**
OIPR-25102/11/0028/2526



**GOVERNMENT OF ODISHA** No.O-779
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-mail : sencrwangul@yahoo.co.in, Ph. : 06764-236404
**NOTICE INVITING TENDER FOR ROAD & BRIDGE WORKS IN ODISHA**
**Bid Identification No. Road Online AGL-15/2025-26**

**No. 2704//** **Dt. 12.09.2025//**

1. Name of the work : Road works, 2. Total No. of work : 30 Nos., 3. Estimated cost : Rs.142.23 to Rs.1412.87 Lakhs (Approx), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online - AGL-15/2025-26 | 25.09.25 at 10.00 A.M. | 20.10.25 up to 5.00 P.M. | 18.10.25 up to 1.00 P.M. | 22.10.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
**Sd./- Chief Construction Engineer,**
**Rural Works Circle, Angul**
OIPR-25180/11/0076/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR**
Phone No.: 06671-224074, e-mail: eerwkhariar@gmail.com
**e-Procurement Notice**
**BID IDENTIFICATION No.: RWKHR-01/2025-26 (Online)**

No. O-817: Bid documents consisting of Work, Estimated Cost, EMD, Cost of tender paper, class of contractor, time of completion and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the Work : Roads & Building Works
2. Total No. of Works : 16 Nos.
3. Estimated Cost : 1.68 to 6.72 lakhs
4. Period of Completion : 1 (One) Calendar Months
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Khariar | RWKHR-01/2025-26 (Online) | 25.09.2025 at 10.00 A.M. | 10.10.2025 Upto 5.00 P.M. | 09.10.2025 Upto 11.00 A.M. | 13.10.2025 At 11.00 A.M. |

Further details can be seen from the website **www.tendersodisha.gov.in**.
OIPR-25152/11/0007/2526 **Sd./- Superintending Engineer, Rural Works Division, Khariar**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, cebuildings@rediffmail.com,
Tel. - (0674)-2391523
No.B-539
**INVITATIONS FOR BIDS (IFB)**
File No.-B-II-P.A.-04/2025 Lr. No. 36387 / Bhubaneswar, the 17th Sept., 2025
**Invitation for Bids**
**Bid Identification No. C.E.(B) - 26/2025-26**

| | | | |
|---|---|---|---|
| 1 | The Chief Engineer (Buildings-I), Odisha on behalf of Governor of Odisha invites bids from reputed Indian firms/Contractor registered with the State Government and bidders of equivalent Grade / Class registered with Central Government / MES / Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2 | Nature of Work | : | Construction of 96 Nos. E-type Flat Quarters in 4 Blocks (E1, E2, E3, E4) and 48 Nos. F-type Flat Quarters in 2 Blocks (F1, F2) in the Residential Colony of Raj Bhavan, Bhubabeswar (Stilt + 6) for 2025-26 on Turnkey Basis. |
| 3 | No. of Work | : | 01 No. |
| 4 | Bid Cost | : | ₹ 10,000/- |
| 5 | Class of Contractor | : | Super Class |
| 6 | Availability of Bid Documents in the Website | : | From dt.25.09.2025 to 05.30 P.M. of dt.16.10.2025 |
| 7 | Pre-bid meeting | : | Dt.08.10.2025 at 11.30 A.M. |
| 8 | Last date of online submission of bid | : | Dt.16.10.2025 up to 5:30 P.M. |
| 9 | Last dt. of submission of hardcopy (Cover-III) | : | Dt.23.10.2025 up to 5:30 P.M. |
| 10 | Date of Opening of Bid | : | Dt.24.10.2025 at 11:30 A.M. |
| 11 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./- Chief Engineer, Buildings-I,**
**Odisha, Bhubaneswar**
OIPR-34117/11/0140/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**
Phone - 0674-2540742, Email : se_ccrw@yahoo.co.in
**No.4256/Date.19.09.2025**
**No.O-826**
**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | **Road works under Annual Maintenance Plan for 5 years Completed PMGSY Road (POST DLP) for the year 2025-26** |
| 2. | Total No. of Packages | : | 5 Nos. of Packages |
| 3. | Estimated Cost of the Package | : | **Varies from Rs.111.78 lakhs to Rs.165.50 lakhs** |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | **B Class** (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | : | **A Class** (of Odisha PWD) or relevant class of other licensing authorities |
| 5. | Period of completion | : | **As mentioned in Column-8 of Annexure** |
| 6. | Offered rates by bidder | : | **The offered rate by the contractor shall be excluding GST** |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Central Rural Works Circle, Bhubaneswar** | **Tender-Online-C.C.21 of 2025** | **25.09.2025 at 11.00 A.M.** | **08.10.2025 up to 5.00 P.M.** | **06.10.2025 Up to 5.00 P.M.** | **09.10.2025 at 11.00 A.M.** | **To be intimated later on** |

Further details can be seen from the website www.tendersodisha.gov.in
**Sd./- Chief Construction Engineer**
**Central Rural Works Circle, Bhubaneswar**
OIPR-25082/11/0015/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**
**No.4248/Date.19.09.2025**
**No.O-827**
**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road works under SDMF |
| 2. | Total No. of works | : | 12 Nos. of Road works for the year 2024-25 |
| 3. | Estimated Cost of the work | : | Varies from Rs.83.20 lakh to Rs.1121.28 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.20 of 2025 | 25.09.2025 at 11.00 A.M. | 08.10.2025 up to 5.00 P.M. | 09.10.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
**Sd./- Chief Construction Engineer**
**Central Rural Works Circle, Bhubaneswar**
OIPR-25082/11/0013/2526

# ଜିଏସ୍‌ଟି ସଂସ୍କାର: ଅଟୋ ଶିଳ୍ପରେ ଅଭିବୃଦ୍ଧି ଆଶା


**ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ସଂସ୍କାର ଦେଶରେ ଗାଡ଼ି ଚାହିଦା ବୃଦ୍ଧି ସହ ଅଟୋ ଶିଳ୍ପକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏପରି କି ଅଟୋ ଶିଳ୍ପ ସହ ଜଡ଼ିତ ଟାୟାର, ବ୍ୟାଟେରି, ଗ୍ଲାସ୍, ଷ୍ଟିଲ୍, ପ୍ଲାଷ୍ଟିକ ଓ ଇଲେକ୍ଟ୍ରୋନିକ୍ସ ଭଳି ସାମଗ୍ରୀର ଶିଳ୍ପଗୁଡ଼ିକ ମଧ ଲାଭାନ୍ୱିତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ନୂଆ ବ୍ୟବସ୍ଥାରେ ବାଇକ (୩୫୦ ସିସି ପର୍ଯ୍ୟନ୍ତ), କାର୍ (୧୫୦୦ ସିସି ପର୍ଯ୍ୟନ୍ତ), ଟ୍ରାକ୍ଟର (୧୮୦୦ ସିସି ପର୍ଯ୍ୟନ୍ତ) ଏବଂ ଅଟୋ ପାର୍ଟସ ଉପରେ ଟିକସ ୨୮%ରୁ ୧୮%କୁ ହ୍ରାସ କରାଯାଇଛି। ଗାଡ଼ି ଚାହିଦା ବୃଦ୍ଧି ହେଲେ ଡିଲରଶିପ, ପରିବହନ, ଲଜିଷ୍ଟିକ୍ସ ଓ କମ୍ପୋନେଣ୍ଟ ଏମ୍‌ଏସ୍‌ଏମ୍‌ଇରେ ନୂଆ ନିଯୁକ୍ତି ସୃଷ୍ଟି ହେବ। ଡ୍ରାଇଭର, ମେକାନିକ ଓ ଛୋଟ ସର୍ଭିସ ଗ୍ୟାରେଜ ଭଳି ଅଣସଂଗଠିତ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିଙ୍କ ରୋଜଗାର ବୃଦ୍ଧି ପାଇବ। ବାଇକ୍ ମୂଲ୍ୟ ହ୍ରାସ ହେବା ଦ୍ୱାରା ଏହା ଯୁବକ, ପେସାଦାର ଓ ନିମ୍ନ-ମଧମ ବର୍ଗର ଲୋକଙ୍କୁ ସୁହାଇବ। ପାର୍ବଣ ସମୟରେ ଜିଏସ୍‌ଟିରେ ସଂସ୍କାର ଅଣାଯାଇଥିବାରୁ ଓଡ଼ିଶାରେ ଗାଡ଼ି ବଜାରର କ'ଣ ସ୍ଥିତି ରହିଛି ସେନେଇ ପ୍ରମୁଖ କମ୍ପାନୀର ମାଲିକ, ଅଧିକୃତ ବିକ୍ରେତା ଏବଂ ବିଶେଷଜ୍ଞମାନଙ୍କ ମତକୁ ନେଇ ଧରିତ୍ରୀ ସ୍ୱତନ୍ତ୍ର ଉପସ୍ଥାପନା...**





ନୂଆ ଜିଏସ୍‌ଟି ହ୍ରାସ ଘୋଷଣା ପରେ ୧୦୦-୧୨୫ ସିସି କମ୍ୟୁଟର ଟୁ-ହୁଇଲର ଓ ଛୋଟ ହ୍ୟାଚବ୍ୟାକ କାରର ଚାହିଦା ଓ ବିକ୍ରି ବଢ଼ିବ। ଏଗୁଡ଼ିକ ମଧମ ବର୍ଗ ପାଇଁ ଅଧିକ ସୁଲଭ ହେବ। ୩୫୦ ସିସିରୁ ଅଧିକ ମୋଟରସାଇକେଲ ଓ ୧୫୦୦ ସିସିରୁ ଅଧିକ ଏସୟୁଭିରେ ମଧ ଜିଏସ୍‌ଟି ହ୍ରାସ ହେତୁ ଚାହିଦା ବଢ଼ିବ। ନୂଆ ଜିଏସଟି ହାର ଲାଗୁ ହେବା ଆଗର ପୁରୁଣା ଷ୍ଟକ ଅଧିକ ଟିକସ ହାରରେ କିଣା ଯାଇଥିବା ହେତୁ ଯଦି ଓଇଏମ (କମ୍ପାନୀ) କ୍ରେଡିଟ ନୋଟ କିମ୍ବା ରିହାତି ନ ଦିଅନ୍ତି ଡିଲରମାନେ କ୍ଷତିରେ ପଡ଼ିବା ସମ୍ଭାବନା ରହିଛି। ଚଳିତ ବର୍ଷ ପାର୍ବଣ ସମୟ ପାଇଁ ବୁକିଂ ୨୦-୨୫% ବୃଦ୍ଧି ପାଇଛି। ଜିଏସ୍‌ଟି ହ୍ରାସ ଗ୍ରାହକଙ୍କୁ ନିଶ୍ଚିତ ଭାବେ ଲାଭ ଦେବ। ଏଣ୍ଟ୍ରି-ଲେଭେଲ ଟୁ-ହୁଇଲରରେ ୨,୦୦୦-୫,୦୦୦ ଟଙ୍କା ଓ ଏସୟୁଭି କିମ୍ବା ପ୍ରିମିୟମ ମୋଟରସାଇକେଲରେ ୨୦,୦୦୦-୫୦,୦୦୦ ଟଙ୍କା କିମ୍ବା ଅଧିକ ଲାଭ ହୋଇପାରେ।

**- ପ୍ରଦୀପ ଅଗ୍ରୱାଲ, କୋଷାଧକ୍ଷ, ଫାଡା(ଇଣ୍ଡିଆ)**



ଜିଏସ୍‌ଟି କମିବା ପରେ ହ୍ୟାଚବ୍ୟାକ ଓ କମ୍ପାକ୍ଟ ଏସୟୁଭି ସହ ସାଧାରଣ କାରର ଚାହିଦା ବଢ଼ିବ। ମିଡ-ସାଇଜ ସେଡାନ ଓ ଏସ୍‌ୟୁଭି ମଧ କମ୍ ମୂଲ୍ୟ ଯୋଗୁ ଅଧିକ ବିକ୍ରି ହେବ। ଜିଏସ୍‌ଟି କମିବା ଦ୍ୱାରା ଗାଡ଼ିର ମୂଲ୍ୟ କମୁଥିବାରୁ ଏହା ସବୁ ଶ୍ରେଣୀର ଗାଡ଼ିକୁ ଆକର୍ଷିତ କରୁଛି। ନୂଆ ଜିଏସ୍‌ଟି ହାର ଏବେଠାରୁ ଲାଗୁ ହେବ। ଯଦି କମ୍ପାନୀମାନେ ସାହାଯ୍ୟ ନ କରନ୍ତି ତେବେ ପୁରୁଣା ଷ୍ଟକ୍ ଥିବା ଡିଲରମାନେ ଅଧିକ ଟିକସ ଦେଇ କିଣିଥିବା ଗାଡ଼ି ବିକ୍ରି କରିବାରେ କିଛି କ୍ଷତି ସହିପାରନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପାର୍ବଣ ସମୟରେ ବୁକିଂ ବଢ଼ିଛି। ଏସ୍‌ୟୁଭି ଓ ଇଲେକ୍ଟ୍ରିକ ଗାଡ଼ିରେ ଏହି ଚାହିଦା ଦେଖାଯାଉଛି। ସାଧାରଣ ଗାଡ଼ି କ୍ଷେତ୍ରରେ କମ୍ ମୂଲ୍ୟରେ କିଣିବା ଓ ଲୋନ ପାଇବା ଗ୍ରାହକଙ୍କ ପାଇଁ ସହଜ ହେବ। ବଡ଼ ଗାଡ଼ିରେ ଗ୍ରାହକଙ୍କ ଅଧିକ ସଞ୍ଚୟ ହେବ।

**- ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଗ୍ରୁପ**



ଜିଏସ୍‌ଟି ହ୍ରାସ ଟୁ-ହୁଇଲର ଶିଳ୍ପ ପାଇଁ ଏକ ବରଦାନ। ଜାସ୍ ହୋଣ୍ଡା ଡିଲରଶିପରେ ଏହା ଉତ୍ସାହ ବଢ଼ାଇଛି। ହୋଣ୍ଡା ଗାଡ଼ିରେ ୫,୮୩୭ରୁ ୧୩,୯୭୮ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛି। ୧୫୦-୨୫୦ ସିସିର ଯୁବ-ଆକର୍ଷିତ ମୋଟରସାଇକେଲ ଓ ପ୍ରିମିୟମ ବାଇକରେ ମଧ ଚାହିଦା ବଢ଼ିବ। ନୂଆ ଜିଏସଟି ଲାଗୁ ହେବା ପରେ ପୁରୁଣା ଷ୍ଟକ୍‌ରେ ଉଚ୍ଚ ଟ୍ୟାକ୍ସ ଇନ୍‌ପୁଟ କ୍ରେଡିଟ ମାଧମରେ ସମନ୍ୱୟ ହେବ, ତେଣୁ ଡିଲରମାନେ କ୍ଷତିରେ ପଡ଼ିବେ ନାହିଁ। ଏଚ୍‌ଏମ୍‌ଏସଆଇ ଡିଲରଙ୍କୁ ସମର୍ଥନ କରି ଏହି ପରିବର୍ତ୍ତନକୁ ସହଜ କରିଛି। ନବରାତ୍ର-ଦୀପାବଳିରେ ଗତ ବର୍ଷ ତୁଳନାରେ ୧୫% ଅଧିକ ବିକ୍ରି ହେବ। ଗ୍ରାହକମାନେ ୫,୮୩୭ରୁ ୧୩,୯୭୮ ଟଙ୍କା ପର୍ଯ୍ୟନ୍ତ କମ୍ ଅନ୍-ରୋଡ ମୂଲ୍ୟରେ ଲାଭାନ୍ୱିତ ହେବେ। ଏହା ଗ୍ରାମାଞ୍ଚଳ ଓ ଛୋଟ ସହରର ପ୍ରଥମ ଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜାସ ହୋଣ୍ଡା ଏହି ଫେଷ୍ଟିଭ ସିଜନରେ ସିକ୍କ ଉପହାର, ସ୍କ୍ରାଚ କାର୍ଡ ଓ ଲକି ଡ୍ର ମାଧମରେ ଅତିରିକ୍ତ ପୁରସ୍କାର ଦେଉଛି।

**- ସମଶେର ସିଂ ହୁରା, ସିଇଓ, ଜାସ୍ ହୋଣ୍ଡା, ସମ୍ବଲପୁର ତଥା ଭାଇସ୍ ଚେୟାର ପର୍ସନ୍, ଟୁ ହ୍ୱିଲର୍ ଭର୍ଟିକାଲ୍ ଫାଡ଼ା(ଇଣ୍ଡିଆ)**



ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିବା ଜିଏସଟି ୨.୦ ଭାରତରେ ଅଟୋମୋବାଇଲ ଉପରେ କର ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ଏହା ଦାମ ଉପରେ ପ୍ରଭାବ ପକାଇଛି ଓ ଗ୍ରାହକଙ୍କ ଚାହିଦା ବଢ଼ାଇଛି। ଅନେକ ଲୋକପ୍ରିୟ ମଡେଲଗୁଡ଼ିକୁ ଆହୁରି ଶସ୍ତା କରିଛି। ମାତ୍ର ୩୫୦ ସିସି ଓ ତା'ଠାରୁ ଅଧିକ ମଡେଲର ଦାମ ବଢ଼ିଛି। ଭାରତୀୟ ବଜାରରେ ଅଧିକାଂଶ ଦୁଇ ଚକିଆ ଗାଡ଼ି ୩୫୦ ସିସିରୁ କମ ହୋଇଥାଏ, ତେଣୁ ସାଧାରଣ ଲୋକଙ୍କ ପାଇଁ ଏହି ଜିଏସଟି ହ୍ରାସ ବହୁତ ଲାଭଦାୟକ। ସରକାରୀ ନିର୍ଦ୍ଦେଶ ଅନୁସାରେ ଜିଏସଟି ୨.୦ ସୁଚାରୁ ରୂପେ ଲାଗୁ ହୋଇଛି ଓ ଗ୍ରାହକମାନେ ଦାମ ହ୍ରାସର ଫାଇଦା ଉଠାଉଛନ୍ତି। ନବରାତ୍ରୀରେ ଗ୍ରାହକମାନେ ସାଧାରଣତଃ ବ୍ରାଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଅଫର ଅପେକ୍ଷା କରନ୍ତି, ଏଥର ସେମାନଙ୍କ ପାଇଁ ସବୁଠାରୁ ବଡ଼ ଅଫର ହେଉଛି ଦାମ ହ୍ରାସ। ଏହି ଜିଏସଟି ହ୍ରାସ ଭାରତୀୟ ଅର୍ଥନୀତିକୁ ସୁଧାରିବ ଓ ଅଟୋମୋବାଇଲ କ୍ଷେତ୍ରକୁ ଆଗେଇ ନେବ। ଡିଲରସିପରେ ଥିବା ପୁରୁଣା ଷ୍ଟକ, ଯାହା ଉଚ୍ଚ ଜିଏସଟିରେ କିଣା ହୋଇଥିଲା, ତାହାର ଇନପୁଟ ଆଗାମୀ ମାସରେ ସମନ୍ୱୟ କରାଯିବ, ତେଣୁ ଡିଲରମାନଙ୍କୁ ବଡ଼ କ୍ଷତି ହେବ ନାହିଁ। ଏହି ସଂସ୍କାର ପାଇଁ ମୁଁ ଭାରତ ସରକାରଙ୍କୁ ଧନ୍ୟବାଦ ଦେଉଛି, ଯାହା ଭାରତକୁ ଆଗାମୀ ସ୍ତରକୁ ନେବ।

**- ପ୍ରମୋଦ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ଥ୍ରୀ ଏସ୍ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍**



ଦୁଇ ଚକିଆ ଗାଡ଼ି ବର୍ଗରେ ଇକୋନୋମିକ ଓ ଏକ୍ଜିକ୍ୟୁଟିଭ ରେଞ୍ଜର ଚାହିଦା ବହୁତ ବଢ଼ୁଛି। ଜିଏସ୍‌ଟି ହ୍ରାସ ହେଲେ ଗାଡ଼ି ବିକ୍ରି ଉପରେ ବହୁତ ଭଲ ପ୍ରଭାବ ପଡ଼ିବ, ଲୋକେ ଅଧିକ କିଣିବେ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଲାଭ ଗ୍ରାହକଙ୍କୁ ମିଳିବା ଦରକାର। ମାତ୍ର ଜିଏସ୍‌ଟିର ଇନ୍‌ପୁଟ ଓ ଆଉଟପୁଟ ହିସାବ କରିବାକୁ ଡିଲରମାନଙ୍କୁ ବେଶି ସମୟ ଲାଗିବ। ଏବେ ଗ୍ରାହକଙ୍କ ଗାଡି ମଡେଲ, ଦାମ ରିହାତି ବିଷୟରେ ଅଧିକ ପଚରାଉଚୁରା କରୁଛନ୍ତି। ଏଥିରୁ ଜଣାପଡୁଛି ଗାଡ଼ି ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ନିଶ୍ଚିତ ଭାବେ ଯାନ କିଣୁଥିବା ଗ୍ରାହକମାନେ ଏହି ଜିଏସଟି ହ୍ରାସରୁ ବହୁତ ଲାଭ ପାଇବେ।

**- ଅଶୋକ ମନ୍ଦୋଥିଆ, ପରିଚାଳନା ନିର୍ଦ୍ଦେଶକ, ପାର୍ବତୀ ମୋଟର୍ସ, ଅନୁଗୋଳ**



ଜିଏସ୍‌ଟି ହ୍ରାସ ଅଟୋମୋବାଇଲ ସେକ୍ଟରରେ ବଡ଼ ଲାଭ ଦେବ, ବିଶେଷତଃ ଛୋଟ ଓ ମଧମ ଆକାରର ଗାଡ଼ି ଯେପରି ହ୍ୟାଚବ୍ୟାକ, ଏଣ୍ଟ୍ରି-ଲେଭେଲ ସେଡାନ ଓ କମ୍ପାକ୍ଟ ଏସୟୁଭିରେ ଚାହିଦା ବୃଦ୍ଧି ପାଇବ। ବଡ଼ ଏସୟୁଭି ଓ ଲଗ୍‌ଜୁରି ଗାଡ଼ିରେ ମଧ ଲାଭ ମିଳିବ, କିନ୍ତୁ ମାସ୍ ମାର୍କେଟରେ ମୂଲ୍ୟ ହ୍ରାସ ଅଧିକ ପ୍ରଭାବଶାଳୀ ହେବ। ନୂଆ ଜିଏସ୍‌ଟି ନିର୍ଦ୍ଦିଷ୍ଟ ତାରିଖ ପରେ ଇନ୍‌ଭଏସ୍‌ରେ ଲାଗୁ ହେବ। ପୁରୁଣା ଷ୍ଟକ୍ ଥିବା ଗାଡ଼ିରେ ଡିଲରମାନେ ଗ୍ରାହକଙ୍କ କମ୍ ମୂଲ୍ୟ ଦାବିରେ କ୍ଷତି ଭୋଗିପାରନ୍ତି। ତେବେ ଓଇଏମ ସମର୍ଥନ ଓ ପ୍ରମୋଶନାଲ ଯୋଜନା ଏହାର ମୁକାବିଲା କରିବାରେ ସହାୟକ ହେବ। ନବରାତ୍ର-ଦୀପାବଳି ୨୦୨୫ରେ କମ୍ପାକ୍ଟ ଏସୟୁଭି ଓ ହ୍ୟାଚବ୍ୟାକରେ ୨୦୨୪ ତୁଳନାରେ ଦୁଇ ଅଙ୍କରେ ବୃଦ୍ଧି ପାଉଛି।

**- ଆଦିତ୍ୟ ପାତ୍ର, ପରିଚାଳନା ନିର୍ଦ୍ଦେଶକ, ଆଦିତ୍ୟ ଗ୍ରୁପ**



ଜିଏସ୍‌ଟି ହ୍ରାସ ଅଟୋମୋବାଇଲ ସେକ୍ଟର, ବିଶେଷକରି ସୁଜୁକି ଟୁ-ହୁଇଲର ଡିଲରଶିପ (ଭୁବନେଶ୍ୱର) ପାଇଁ ଏକ ବଡ଼ ଉତ୍ସାହ ଦେଇଛି। ଏହା ଯୋଗୁ ଗାଡ଼ି ଚାହିଦା ବଢ଼ିଛି। ଆକ୍ସେସ ୧୨୫ ଓ ବର୍ଗମ୍ୟାନ ଷ୍ଟ୍ରିଟ ପରି କମ୍ୟୁଟର ସ୍କୁଟର ଏବଂ ଗିକ୍ସର ୨୫୦, ଭି-ଷ୍ଟ୍ରମ ଏସଏକ୍ସ ପରି ପ୍ରିମିୟମ ମୋଟରସାଇକେଲର ବିକ୍ରି ବୃଦ୍ଧି ପାଇବ। ୧୦୦ସିସି-୧୫୦ସିସି ଗାଡ଼ିରେ ମୂଲ୍ୟ ହ୍ରାସ ସବୁଠୁ ଅଧିକ ଲାଭ ଦେବ। ସରକାରଙ୍କ ନିୟମ ଅନୁଯାୟୀ, ନୂଆ ଜିଏସଟି ନିର୍ଦ୍ଦିଷ୍ଟ ତାରିଖ ପରେ ଇନ୍‌ଭଏସରେ ଲାଗୁ ହେବ, କିନ୍ତୁ ଗ୍ରାହକମାନେ ପୁରୁଣା ଷ୍ଟକରେ ମଧ କମ୍ ଜିଏସ୍‌ଟି ଆଶା କରୁଛନ୍ତି। ଯଦି ନିର୍ମାତାଙ୍କଠାରୁ ସମର୍ଥନ ନ ମିଳେ ଏହା ଡିଲରଙ୍କ ପାଇଁ କ୍ଷତିର ଆଶଙ୍କା ସୃଷ୍ଟି କରୁଛି,। ନବରାତ୍ର-ଦୀପାବଳି ୨୦୨୫ରେ ଗ୍ରାହକଙ୍କ ଆଗମନ ଓ ଚାହିଦା ୨୦୨୪ ତୁଳନାରେ ବୃଦ୍ଧି ପାଇଛି। କମ୍ ଜିଏସଟି ମୂଲ୍ୟ ହ୍ରାସ କରି ମଧମ ବର୍ଗ ଓ ନୂଆ ଗ୍ରାହକଙ୍କ ପାଇଁ ଗାଡ଼ି ଅଧିକ ସୁଲଭ କରୁଛି। ନିର୍ମାତାଙ୍କ ସମର୍ଥନ ମିଳିଲେ ଏହି ଜିଏସ୍‌ଟି ହ୍ରାସ ଗ୍ରାହକ ଓ ଡିଲରଙ୍କ ପାଇଁ ଦୀର୍ଘକାଳୀନ ଲାଭଦାୟକ ହେବ।

**- ଦିବିଜ ବୁଦ୍ଧରାଜ, ନିର୍ଦ୍ଦେଶକ, ନାରାୟଣୀ ମୋଟର୍ସ, ଭୁବନେଶ୍ୱର**



ଜିଏସଟି ୨.୦ ଅଟୋମୋବାଇଲ ଶିଳ୍ପରେ ବ୍ୟବସାୟ ପରିଚାଳନାକୁ ବଦଳାଇ ଦେଇଛି। ଏକ ଦେଶ ଏକ କର ବ୍ୟବସ୍ଥା ସରଳ ଓ ପାରଦର୍ଶୀ ହୋଇଥିବାରୁ, ଛୋଟ କାର୍ ଉପରେ କମ କର ନୂଆ ଗ୍ରାହକଙ୍କୁ ଆକର୍ଷିତ କରୁଛି। ଇନପୁଟ ଟ୍ୟାକ୍ସ କ୍ରେଡିଟ ମାଧମରେ ଉନ୍ନତ ମୂଲ୍ୟ ନିର୍ଦ୍ଧାରଣ ସମ୍ଭବ ହୋଇଛି । ତଥାପି, ଲଗ୍ଜରୀ କାର ଓ ଏସୟୁଭି ଉପରେ ଉଚ୍ଚ କର, ହାର ପରିବର୍ତ୍ତନ ପରେ ଷ୍ଟକ ଲିକ୍ୱିଡେସନରେ ଅସୁବିଧା, ଯନ୍ତ୍ରାଂଶ ଶ୍ରେଣୀକରଣରେ ଦ୍ୱନ୍ଦ୍ୱ ଏବଂ ଷ୍ଟକରେ ଥିବା ସେସ ରିକଭରି ପାଇଁ ସରକାରଙ୍କ ଠାରୁ ସ୍ପଷ୍ଟ ରୋଡମ୍ୟାପର ଅଭାବ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଜିଏସଟି କାର୍‌କୁ ଅଧିକ ସୁଲଭ ଓ ବ୍ୟବସାୟକୁ ସରଳ କରିଛି। ମାତ୍ର ପ୍ରିମିୟମ ସେଗମେଣ୍ଟ ପାଇଁ ନ୍ୟାୟୋଚିତ କର ବ୍ୟବସ୍ଥା ଆହୁରି ବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ। ଡିଲର ଭାବେ ଗ୍ରାହକଙ୍କୁ ସର୍ବୋତ୍ତମ ଲାଭ ଓ ମୂଲ୍ୟ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି।

**- ଇଂ. ମନୋଜ କୁମାର ସାହୁ, ଫାଉଣ୍ଡର ଓ ଡାଇରେକ୍ଟର, ଡିଅନ ଅଟୋମୋଟିଭ**



ଜିଏସ୍‌ଟି ହ୍ରାସ ଯୋଗୁ ସମସ୍ତ ଶ୍ରେଣୀରେ ପ୍ରଭାବ ପଡ଼ିବ, କିନ୍ତୁ ଏଣ୍ଟ୍ରି ସେଗମେଣ୍ଟ ବାହନରେ ଅଧିକ ପ୍ରଭାବ ପଡ଼ିବ, କାରଣ ଏହା ବହୁତ ମହଙ୍ଗା ହୋଇଯାଇଥିଲା। ଜିଏସଟି କମିବା ଦ୍ୱାରା ଏହା ୬,୦୦୦ ରୁ ୭,୦୦୦ ଟଙ୍କା ଶସ୍ତା ହେବ, ଯାହା ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ହେବ। ଆମେ ଏହି ପଦକ୍ଷେପକୁ ସମର୍ଥନ କରୁଛୁ ଏବଂ ଜିଏସ୍‌ଟି ହ୍ରାସର ପୂରା ଲାଭ ଗ୍ରାହକଙ୍କୁ ଦେବୁ। ଡିଲରଶିପ ସ୍ତରରେ କିଛି ଚ୍ୟାଲେଞ୍ଜ ରହିବ, କିନ୍ତୁ ବଡ଼ ଉଦ୍ଦେଶ୍ୟ ପାଇଁ ଆମେ ଏହାକୁ ସାମ୍ନା କରିବୁ। ମୂଲ୍ୟ ହ୍ରାସ ଯୋଗୁ ଭଲ ଚାହିଦା ଦେଖୁଛୁ। ନିଶ୍ଚିତ ଭାବେ, ଉତ୍ପାଦକଙ୍କଠାରୁ ଡିଲର ପର୍ଯ୍ୟନ୍ତ ସମସ୍ତେ ଜିଏସଟି ହ୍ରାସର ୧୦୦% ଲାଭ ଗ୍ରାହକଙ୍କୁ ଦେବାକୁ ପ୍ରସ୍ତୁତ।

**- ଅଜିତ ଜୈନ, ମ୍ୟାନେଜିଙ୍ଗ ପାର୍ଟନର, ଅଜିତ ମୋଟର୍ସ, ରାୟଗଡ଼ା**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ଏଚ୍‌ଏଫ୍ ଡିଲକ୍ସ ଓ ସ୍ପ୍ଲେଣ୍ଡର ପ୍ଲସ୍ ପରି ଏଣ୍ଟ୍ରି-ଲେଭେଲ ଓ କମ୍ୟୁଟର ମୋଟରସାଇକେଲର ଚାହିଦା ଓ ବିକ୍ରି ବୃଦ୍ଧି ପାଇବ। ଏହି ମଡେଲଗୁଡ଼ିକ ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରୀ ବଜାରରେ ଜନପ୍ରିୟ ଏବଂ କମ୍ ମୂଲ୍ୟ ଏହାକୁ ଆହୁରି ଆକର୍ଷଣୀୟ କରିବ। ୩୫୦ ସିସିରୁ କମ୍ ଇଞ୍ଜିନ ଥିବା ଟୁ-ହୁଇଲର (ହିରୋର ଅଧିକାଂଶ ମଡେଲ) ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ ଗ୍ରାହକଙ୍କ ଧରେ ଆଗ୍ରହ ବଢ଼ାଇଛି। ନୂଆ ଜିଏସ୍‌ଟି ତୁରନ୍ତ ଲାଗୁ ହୋଇଥିବାଲେ ପୁରୁଣା ଉଚ୍ଚ ଟ୍ୟାକ୍ସ ହାରରେ କିଣା ଷ୍ଟକ୍ ଥିବା ଗାଡ଼ିରେ ଡିଲରମାନେ ଇନପୁଟ ଟ୍ୟାକ୍ସ ସମନ୍ୱୟ ସମସ୍ୟା ଭୋଗିପାରନ୍ତି, ଯାହା ସମୟ କ୍ରମେ ସମାଧାନ ହେବ। ନବରାତ୍ର-ଦୀପାବଳିରେ ଗ୍ରାହକଙ୍କ ଆଗ୍ରହ ଓ ବୁକିଂ ୨୦୨୪ ତୁଳନାରେ ୧୫-୨୦% ବୃଦ୍ଧି ପାଇବ। ଜିଏସଟି ହ୍ରାସ ଗ୍ରାହକଙ୍କୁ କମ୍ ଅନ୍-ରୋଡ ମୂଲ୍ୟ ମାଧମରେ ଲାଭ ଦେବ।

**- ଅମନ ଖୁରାନା, ମ୍ୟାନେଜିଙ୍ଗ ପାର୍ଟନର, ସୁପ୍ରିମ ସେଲ୍‌ସ, ଜୟପୁର**



ଦୁଇ ଚକିଆ ବାଇକ ବଜାର ଜିଏସ୍‌ଟି ୨.୦ ସଂସ୍କାରରୁ ବହୁତ ଲାଭ ପାଇବ। ୩୫୦ ସିସିରୁ କମ୍ ବାଇକ ଓ ସ୍କୁଟରରେ ଗ୍ରାହକ ପ୍ରାୟ ୮,୦୦୦ ଟଙ୍କା ବଞ୍ଚାଇବେ, ଯାହାକି ୨-୩ ଇଏମଆଇ ସହ ସମାନ। ଏହା ଗ୍ରାମାଞ୍ଚଳ ତଥା ଛୋଟ ସହରରେ ଚାହିଦା ବଢ଼ାଇବ। ୩୫୦ ସିସି ଉପରେ ଜିଏସ୍‌ଟି ୨୮%ରୁ ୪୦% ହେବା ଦ୍ୱାରା ବର୍ତ୍ତମାନ ୧% କିନ୍ତୁ ଦ୍ରୁତ ବଢୁଥିବା ପ୍ରିମିୟମ ବାଇକ ବଜାର ମନ୍ଥର ହୋଇପାରେ। ଏହି ଶ୍ରେଣୀରେ ବଜାଜ-ଟ୍ରାଏମ୍ଫ, ବଜାଜ-କେଟିଏମ ଓ ହିରୋ-ହାର୍ଲି ଆଦିର ବ୍ୟବସାୟ ପ୍ରଭାବିତ କରିପାରେ। ଡିଲରମାନେ ଓଇଏମ ଠାରୁ ୨୮%ରେ ବିଲ କରି ୧୮%ରେ ବିକ୍ରି କରୁଛନ୍ତି, ତେଣୁ ଏ କ୍ଷେତ୍ରରେ ଆଇଟିସି ଅଫସେଟ ସ୍ପଷ୍ଟତା ଆବଶ୍ୟକ। ଚାରି ଚକିଆ ବାହନରେ କମ୍ପେନସେସନ ସେସ୍ ହଟାଇବା ଦ୍ୱାରା ଡିଲରଙ୍କ ଉପରେ ୨,୫୦୦ କୋଟି ଟଙ୍କାର ପ୍ରଭାବ ପଡ଼ିପାରେ।

**- ନେମାନି ଚୈତନ୍ୟ, ଆଇଭିଏ ମୋଟର୍ସ, ଜୟପୁର**



ଅଟୋମୋବାଇଲ ଶିଳ୍ପରେ ବିକ୍ରି ମନ୍ଥର ହେଉଥିବା ସମୟରେ ସଂଶୋଧିତ ଜିଏସ୍‌ଟି ହାର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଗଷ୍ଟରେ ଗାଡ଼ି ବିକ୍ରି ଭଲ ହୋଇନଥିଲା। ପାନ୍-ଇଣ୍ଡିଆ ରେଜିଷ୍ଟ୍ରେଶନ ୧% ଓ ଓଡ଼ିଶାରେ ୬% ବୃଦ୍ଧି ପାଇଛି। ଛୋଟ ଗାଡ଼ି (୧୫୦୦ ସିସିରୁ କମ୍ ଓ ୪ ମିଟରରୁ କମ୍) ଜିଏସ୍‌ଟି ହ୍ରାସରୁ ସବୁଠୁ ଅଧିକ ଲାଭ ପାଇବ। ଲଗଜୁରି ଗାଡ଼ି (୧୫୦୦ ସିସି ଓ ୪ ମିଟର ଉପରେ) ଜିଏସ୍‌ଟି ୨୮%ରୁ ୪୦% ହେଲେ ମଧ ସେସ୍ (୨୦%) ହଟାଇବା ଦ୍ୱାରା ଗ୍ରାହକ ୮% ଲାଭ ପାଇବେ। ମାତ୍ର ସେସ୍ ହଟାଇବା ଦ୍ୱାରା ଡିଲରମାନେ ବଡ଼ କ୍ଷତିରେ ପଡ଼ିବେ, କାରଣ ସରକାର ସେସ୍ କ୍ଷତି ପୂରଣ କରିବାକୁ ମନା କରିଛନ୍ତି। ଫାଡା ଅର୍ଥ ମନ୍ତ୍ରଣାଳୟ ନିକଟରେ ଅନୁରୋଧ କରିଥିଲେ ମଧ ସକାରାତ୍ମକ ପ୍ରତିକ୍ରିୟା ମିଳିନାହିଁ। ଜିଏସ୍‌ଟି ୨.୦ ଯୋଗୁ ବଜାର ୧୫-୨୦% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

**- ତେଜିନ୍ଦର ସିଂହ ଭୁମ୍ବର, ନିର୍ଦ୍ଦେଶକ, ପରାମାଉଣ୍ଟ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ଼, ଜୟପୁର**



ଛୋଟ କାର ଶିଳ୍ପ ଏବେ ବହୁତ ଆଗକୁ ବଢ଼ିବାକୁ ଯାଉଛି। ନୂଆ ନିୟମ ଆଧାରରେ ଛୋଟ କାରର ଆରମ୍ଭ ମୂଲ୍ୟ ୩.୫ ଲକ୍ଷ ଟଙ୍କାକୁ କମିଛି। ଇଞ୍ଜିନ କ୍ଷମତା ଓ ଗାଡ଼ିର ଲମ୍ବ ଆଧାରରେ ନୂଆ ଜିଏସ୍‌ଟି ନିୟମ ଲୋକଙ୍କୁ ନିଜ ଆବଶ୍ୟକତା ଅନୁସାରେ ଗାଡ଼ି ବାଛିବାକୁ ସାହାଯ୍ୟ କରିବ। ପୂର୍ବେ ଅଳ୍ପ ମୂଲ୍ୟ ପାର୍ଥକ୍ୟ ହେତୁ ଅନେକେ ବଡ଼ ଇଞ୍ଜିନ ବିଶିଷ୍ଟ ଗାଡ଼ି କିଣୁଥିଲେ। ଏବେ ମୂଲ୍ୟ ଓ ବ୍ୟବହାର ମଧରେ ସ୍ପଷ୍ଟତା ଥିବାରୁ ଲୋକେ ନିଜ ଦରକାର ଅନୁଯାୟୀ ଗାଡ଼ି କିଣିବେ। ପୂର୍ବରୁ ଅଧିକ ଟିକସ କ୍ରେଡିଟ ଥିବା ଡିଲରମାନେ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଜିଏସଟି କମିବା ସହିତ, ଗାଡ଼ି ନିର୍ମାଣ କମ୍ପାନୀମାନେ ମୂଲ୍ୟ କମାଇଛନ୍ତି ଓ ଆକର୍ଷଣୀୟ ଅଫର ଜାରି ରଖିଛନ୍ତି। ଏହି ନୀତି ଓ ବଜାରର ସମନ୍ୱୟ ଭଲ ରହିଛି। ଆଶା କରାଯାଉଛି ଯେ ଜିଏସଟି ପରେ ବିକ୍ରି ଆହୁରି ବଢ଼ିବ।

**- ଆଦର୍ଶ ଅଗ୍ରୱାଲ, ନିର୍ଦ୍ଦେଶକ, ଲିଜେଣ୍ଡ କାର୍‌ସ ପ୍ରାଇଭେଟ ଲିମିଟେଡ଼, ଜୟପୁର**



ଜିଏସ୍‌ଟି ହ୍ରାସ ପରେ ମାରୁତି ସୁଜୁକିରେ ଗ୍ରାହକମାନଙ୍କଠାରୁ ଆମେ ଦୃଢ଼ ସକାରାତ୍ମକ ପ୍ରତିକ୍ରିୟା ଦେଖୁଛୁ। ସଂଶୋଧିତ ଦର ଆମର ଲୋକପ୍ରିୟ ମଡେଲଗୁଡ଼ିକ ଯଥା ସ୍ୱିଫ୍ଟ, ଅଲ୍ଟୋ କେ୧୦, ଏସପ୍ରେସୋ ଏବଂ ୱାଗନଆରକୁ ଅଧିକ ସୁଲଭ କରିଛି। ଏହାର ମୂଲ୍ୟ ୧.୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ଉତ୍ସବ ଋତୁରେ ବୁକିଂ ସଂଖ୍ୟା ଆଖଦୃଶିଆ ଭାବେ ବୃଦ୍ଧି ହୋଇଛି। ଆମେ ବିଶ୍ୱାସ କରୁଛୁ ଯେ ଜିଏସଟି ସଂସ୍କାର ଏକ ସମୟୋପଯୋଗୀ ଏବଂ ପ୍ରଭାବଶାଳୀ ପଦକ୍ଷେପ, ଯାହା ସିଧାସଳଖ କ୍ରେତାମାନଙ୍କୁ ସୁଲଭତା ବୃଦ୍ଧି କରି ଏବଂ ପ୍ରଥମ ଥର ଗାଡ଼ି କିଣୁଥିବା ଗ୍ରାହକଙ୍କୁ ପ୍ରୋତ୍ସାହିତ କରି ଲାଭ ପ୍ରଦାନ କରିବ। ମାରୁତି ସୁଜୁକି ଆମର ଗ୍ରାହକମାନଙ୍କୁ ଏହି ଲାଭ ପ୍ରଦାନ କରିବା ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ବଦ୍ଧ।

**- ପ୍ରୀତି ପଲ୍ଲବୀ ପଟ୍ଟନାୟକ, ମ୍ୟାନେଜିଂ ଡାଇରେକ୍ଟର, ତୁଶି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍**



ଏଣ୍ଟ୍ରି-ଲେଭେଲ ବାଇକ ଏବଂ ଛୋଟ କାରଗୁଡ଼ିକରେ ଚାହିଦା ଏବଂ ବିକ୍ରି ସର୍ବାଧିକ ବୃଦ୍ଧି ପାଇବ। ଏସୟୁଭି ଏବଂ ପ୍ରିମିୟମ ବାଇକଗୁଡ଼ିକ ମଧ ଲାଭାନ୍ୱିତ ହେଲେ ମଧ ଏହି ବର୍ଗରେ ଚାହିଦା ଅପେକ୍ଷାକୃତ କମ୍ ରହିବ। ସେପ୍ଟେମ୍ବର ୨୨ ପୂର୍ବରୁ ଉଚ୍ଚ ଟିକସ ହାରରେ କିଣା ଯାଇଥିବା ପୁରୁଣା ଷ୍ଟକ ସେପରି ଚିନ୍ତାର କାରଣ ନୁହେଁ କାରଣ ଏହା ଭବିଷ୍ୟତ ବିକ୍ରିରେ ସମାହିତ ହୋଇଯିବ। ତେବେ ସେସ୍ ଏକ ବଡ଼ ଚିନ୍ତା। ଯଦି ନିର୍ମାତା କିମ୍ବା ସରକାର ଏହାକୁ ସମର୍ଥନ ନ କରନ୍ତି, ତେବେ ଡିଲରମାନଙ୍କୁ ତିଷ୍ଠି ରହିବା ପାଇଁ କିଛି କ୍ଷତି ସହିବାକୁ ପଡ଼ିବ। ଚଳିତବର୍ଷ ପାର୍ବଣ ଋତୁରେ ଦୁଇ-ଚକିଆ ଗାଡ଼ିରେ ୧୫-୨୦% ଏବଂ କାର୍‌ରେ ପ୍ରାୟ ୧୦% ବୁକିଂ ବୃଦ୍ଧି ସହିତ ବିକ୍ରି ମଧ ବଢ଼ିବ। ଅଟୋ ଇଣ୍ଡଷ୍ଟ୍ରି ଆଗାମୀ କିଛି ମାସ ପାଇଁ ଭଲ ପ୍ରଦର୍ଶନ ଦେଖିବ।

**- ଅଖିଳ ପୋଦ୍ଦାର, ସଭାପତି, ଫାଡା(ଓଡ଼ିଶା)**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ହ୍ୟାଚବ୍ୟାକ ମଡେଲ, ୪,୦୦୦ ମିମିରୁ କମ୍ ଲମ୍ବର କାର୍ ଏବଂ ୧,୨୦୦ ସିସି ପର୍ଯ୍ୟନ୍ତ ଇଞ୍ଜିନ ଥିବା କାରଗୁଡ଼ିକରେ ସର୍ବାଧିକ ଲାଭ ଦେଖାଯାଉଛି, ଅଲଟୋ କେ୧୦, ଏସ-ପ୍ରେସୋ, ସେଲେରିଓ, ୱାଗନଆର, ସ୍ୱିଫ୍ଟ, ବ୍ରିଜା ଏବଂ ଡିଜାୟାରରେ ଉଲ୍ଲେଖନୀୟ ମୂଲ୍ୟ ହ୍ରାସ ହୋଇଛି ଏବଂ ମାରୁତି ସୁଜୁକି ଜିଏସଟି ହ୍ରାସ ଉପରେ ଅତିରିକ୍ତ ମୂଲ୍ୟ ହ୍ରାସ କରି ଏଣ୍ଟ୍ରି-ଲେଭେଲ ଓ କମ୍ପାକ୍ଟ କାରଗୁଡ଼ିକୁ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ବର୍ତ୍ତମାନ ହ୍ରାସ ହୋଇଥିବା ସେସ ସମ୍ପର୍କିତ ନିୟମାବଳୀରେ ସ୍ପଷ୍ଟତାର ଅଭାବ ରହିଛି ଏବଂ ଫାଡା ଅର୍ଥ ମନ୍ତ୍ରଣାଳୟ ସହ ଆଲୋଚନା କରୁଛି। ସମାଧାନ ନ ମିଳିବା ପର୍ଯ୍ୟନ୍ତ ଡିଲର ଓ ରିଟେଲରମାନେ ପୁରୁଣା ଷ୍ଟକରେ ବଡ଼ କ୍ଷତି ସହୁଛନ୍ତି। ତେଣୁ ଅର୍ଥ ମନ୍ତ୍ରଣାଳୟ ଡିଲର-ଅନୁକୂଳ ସମାଧାନ ପରି ଏକ ପଦକ୍ଷେପ ଗ୍ରହଣ କରିବାକୁ ଆମେ ଦାବି କରୁଛୁ। ସ୍କାଏ ଅଟୋମୋବାଇଲ୍ସରେ ଗତ ବର୍ଷ ପାର୍ବଣ ତୁଳନାରେ ୩୫%ରୁ ଅଧିକ ବୁକିଂ ବୃଦ୍ଧି ହୋଇଛି।

**- ଅବିନାଶ ସିଂଘାନିଆ, ମ୍ୟାନେଜିଂ ପାର୍ଟନର, ସ୍କାଏ ଅଟୋମୋବାଇଲ୍ସ**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ଟୟୋଟାର ଉ ଗ୍ଲାଞ୍ଜା ଓ ଟେସର ଭଳି ଛୋଟ କାରରେ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛ। ଫର୍ଚୁନର, ଇନୋଭା କ୍ରିଷ୍ଟା ଓ ଭେଲଫାୟାର ଭଳି ପ୍ରିମିୟମ ମଡେଲରେ ସେସ ହଟାଇବା ଯୋଗୁଁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛ। ଜିଏସଟି ୨.୦ ପୂର୍ବରୁ ବଡ଼ ଓ ଲଗଜୁରି ଗାଡ଼ି ଉପରେ ଉଚ୍ଚ ଟିକସ ଓ କମ୍ପେନସେସନ ସେସ ଲାଗୁ ହେଉଥିଲା, କିନ୍ତୁ ନୂତନ ଟିକସ ନିୟମ ଓ ସେସ ହଟାଇବା ଯୋଗୁ ପୁରୁଣା ଷ୍ଟକରେ ଥିବା ଗାଡ଼ିଗୁଡ଼ିକୁ କମ୍ ଟିକସ ହାରରେ ବିକ୍ରି କଲେ ଡିଲରମାନେ କ୍ଷତି ସହିବେ, କାରଣ ପୂର୍ବରୁ ପ୍ରଦାନ କରାଯାଇଥିବା ଉଚ୍ଚ ଟିକସ ଓ ସେସ ଫେରସ୍ତ ବା ସମନ୍ୱୟ ପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇନାହାନ୍ତି। ୨୦୨୫ ପାର୍ବଣ ଋତୁରେ ବିକ୍ରି ଗତ ବର୍ଷ ତୁଳନାରେ ଅଧିକ ହେବ। ଜିଏସଟି ହ୍ରାସ ଗାଡ଼ି ମାଲିକାନାକୁ ଅଧିକ ସୁଲଭ କରିବ।

**- ମନୀଷ ସରୋଗୀ, ଡିଲର ପ୍ରିନ୍ସିପାଲ, ନିଲମ ଅଟୋହ୍ୱିଲ୍‌ସ ଏଲ୍‌ଏଲ୍‌ପି, ବାଲେଶ୍ୱର**

ଭାରତର ଅଟୋମୋବାଇଲ ଶିଳ୍ପରେ ଜିଏସ୍‌ଟି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର, ଯାହା ମୂଲ୍ୟ, ଚାହିଦା ଓ ଡିଲର କାର୍ଯ୍ୟକୁ ପ୍ରଭାବିତ କରିଛି। ମାରୁତି ସୁଜୁକି ସ୍ୱିଫ୍ଟ, ହୁଣ୍ଡାଇ ଆଇ୨୦, ଟାଟା ଆଲଟ୍ରୋଜ ପରି ଛୋଟ ଗାଡ଼ିଁ ଅଧିକ ଚାହିଦା ରହିଛି। ହୋଣ୍ଡା ସିଟି, ହୁଣ୍ଡାଇ କ୍ରେଟା, କିଆ ସେଲଟୋସ ପରି ମଧମ ଗାଡ଼ିର ମୂଲ୍ୟ କମିଛି, ଚାହିଦା ବଢ଼ିଛି। ଟୟୋଟା ଫର୍ଚୁନର, ବିଏମ୍‌ଡବ୍ଲ୍ୟୁ ଏକ୍ସ୧ ପରି ଲଗଜୁରି ଗାଡ଼ିରେ ୧୫-୨୨% ସେସ୍ ହେତୁ ସୀମିତ ଲାଭ ମିଳିଛି। ସରକାରୀ ନିୟମ ଅନୁଯାୟୀ, ୧ ଜୁଲାଇ ୨୦୧୭ରୁ ଜିଏସ୍‌ଟି ଲାଗୁ, କିନ୍ତୁ ପୁରୁଣା ଷ୍ଟକ ଥିବା ଗାଡ଼ିରେ ଡିଲରମାନେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ସତ୍ତ୍ୱେ କିଛି କ୍ଷତି ଭୋଗିଛନ୍ତି। ନବରାତ୍ର-ଦୀପାବଳି ୨୦୨୫ରେ ଜିଏସ୍‌ଟି ହ୍ରାସ ଓ ଫେଷ୍ଟିଭ ଅଫର ଯୋଗୁ ହ୍ୟାଚବ୍ୟାକ ଓ କମ୍ପାକ୍ଟ ଏସ୍‌ୟୁଭିର ବୁକିଂ ବୃଦ୍ଧି ପାଇବ। ଛୋଟ ଓ ମଧମ ଗାଡ଼ିର ଗ୍ରାହକ କମ୍ ମୂଲ୍ୟ ଓ ସ୍ପଷ୍ଟ ଟ୍ୟାକ୍ସ ଗଠନରୁ ଲାଭ ପାଇବେ, କିନ୍ତୁ ଲଗ୍‌ଜୁରି ଗାଡ଼ିରେ ସେସ୍ ହେତୁ ଲାଭ କମ୍। ଏହା ଶିଳ୍ପ ଓ ଗ୍ରାହକଙ୍କ ପାଇଁ ସୁଲଭତା ବଢ଼ାଇବ।

**- ଡି. ସନ୍ତୋଷ କୁମାର, ପରିଚାଳନା ନିର୍ଦ୍ଦେଶକ, ଲକ୍ଷ୍ମୀ ଟୟୋଟା, ବ୍ରହ୍ମପୁର**



ଜିଏସଟି ହ୍ରାସ ଏକ ଐତିହାସିକ ପଦକ୍ଷେପ। ୩୫୦ ସିସି ପର୍ଯ୍ୟନ୍ତ ଗାଡ଼ି ବିଶେଷ କରି ରୟାଲ ଏନଫିଲ୍ଡ ବାଇକ (୩୫୦ ସିସି ପର୍ଯ୍ୟନ୍ତ) ମଡେଲ ଅନୁସାରେ ପ୍ରତି ବାଇକରେ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିବ। ୩୫୦ ସିସିରୁ ଅଧିକ ମଡେଲର ଗ୍ରାହକମାନେ କିଛି ଅଧିକ ଦାମ ଦେବାକୁ ପଡ଼ିବ। ପୂର୍ବରୁ ଥିବା ଷ୍ଟକରେ କୌଣସି କ୍ଷତି ହେବ ନାହିଁ, କାରଣ ଇନପୁଟ ଜିଏସଟି ୩-୪ ମାସ ମଧରେ ସମନ୍ୱୟ ହେବ। ସେସ ବାତିଲ ହୋଇଥିବାରୁ ଅଧିକ ସିସି ବାଇକ ପାଇଁ ଲାଗୁ ସେସ କ୍ରେଡିଟ ସମନ୍ୱୟ କରାଯାଇ ପାରିବ ନାହିଁ। ଏହି ଜିଏସଟି ହ୍ରାସର ଉପହାର ସହିତ ଶିଳ୍ପ ଜଗତ ପାର୍ବଣ ସମୟରେ ୨୫ରୁ ୩୦% ବିକ୍ରି ବୃଦ୍ଧି ଆଶା କରୁଛି। ବୁଲେଟ ଯାହା ଅନେକଙ୍କ ପାଇଁ ଏକ ସ୍ୱପ୍ନର ବାଇକ ଥିଲା, ଏବେ ସେମାନଙ୍କ ପାଇଁ ସୁଲଭ ହୋଇପାରିଛି।

**- ମାଧବ ଲୋଧା, ରିଜିଓନାଲ ଡାଇରେକ୍ଟର(ଆର୍‌ଇ), ଫାଡ଼ା(ଓଡ଼ିଶା) ତଥା ଓନର, ଜୟବାବା**

## ଜାଣିରଖନ୍ତୁ



ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ । ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁରପାଣି କୁଆଁ ସବୁ କାଟିଦିଅନ୍ତୁ। ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।

## ପନିପରିବା ଚାଷ



ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ।

# ରାଶି ଚାଷ: କେତୋଟି ଜାଣିବା କଥା



ଡ. ପରେଶ କୁମାର ପଣ୍ଡା

ଆମ ରାଜ୍ୟରେ ରାଶି ଏପରି ଏକ ଫସଲ, ଯାହା ଯେକୌଣସି ଚାଷ ପରେ ଓ ଯେକୌଣସି ମୃତ୍ତିକାରେ ଚାଷ କରାଯାଇପାରେ। ଏହା ଖୁବ୍ କମ୍ ଜଳରେ ଚାଷ ହୋଇପାରୁଥିବା ଫସଲ। ରାଶି ହେଉଛି ଚିନାବାଦାମ ପରେ ଚାଷ ହେଉଥିବା ଦ୍ୱିତୀୟ ମୁଖ୍ୟ ତୈଳବୀଜ। ରାଶିରେ ଶତକଡ଼ା ୪୫–୫୩ ଭାଗ ତେଲ ଓ ୧୮–୨୦ ଭାଗ ପୁଷ୍ଟିସାର ରହିଛି। ଏହାର ତେଲକୁ ଉଭୟ ଲଗାଇବା ଏବଂ ଖାଇବାରେ ବ୍ୟବହାର କରାଯାଏ।

ଓଡ଼ିଶାରେ ରାଶିର ଅମଳ ହେକ୍ଟର ପ୍ରତି ହାରାହାରି ପ୍ରାୟ ୫୦୦ କି.ଗ୍ରା. ରହିଛି। ଏତେ କମ୍ ଆୟର କାରଣ ହେଲା–(୧) ଅତି ନିମ୍ନମାନର ଜମିରେ ଚାଷ, (୨) ବିନା ଖତ, ସାର ପ୍ରୟୋଗରେ ଚାଷ, (୩) ଅଧିକ ଅମଳକ୍ଷମ କିସମ ବ୍ୟବହାର ନ କରିବା ଏବଂ (୪) ଯଥାବିଧି ଚାଷ ପ୍ରଣାଳୀ ଅବଲମ୍ବନ ନ କରିବା ଇତ୍ୟାଦି। ତେଣୁ ଅଧିକ ଅମଳ ପାଇବା ପାଇଁ ପ୍ରମାଣିତ ବିହନ ବ୍ୟବହାରକରି ଉପଯୁକ୍ତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ଆବଶ୍ୟକ।

**କିସମ,ମୃତ୍ତିକା ଓ ଜଳବାୟୁ**

ନିଗିଡ଼ା ଡିପ ବା ମଝିଆଳୀ ବାଲିଆ ଦୋରସା ଓ ହାଲୁକା ମାଟି ରାଶି ଚାଷ ପାଇଁ ଉପଯୁକ୍ତ। ଲୁଣି, କ୍ଷାରୀ ଅମ୍ଳୀୟ ଓ ଅତି ମଟାଳ ବା ପାଣି ଜମି ରହୁଥିବା ମାଟିରେ ରାଶି ଭଲ ଚାଷ ହୋଇ ନ ଥାଏ। ଏହି ଫସଲ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଭୂମିଠାରୁ ପାହାଡ଼ିଆ ଅତି ଉଚ୍ଚ ଜମିରେ ମଧ ଚାଷ କରାଯାଇଥାଏ। ଅତିକମ୍ ବୃଷ୍ଟିପାତ ଅଞ୍ଚଳରେ ଏହି ଚାଷ କରାଯାଇପାରେ। ସବୁବେଳେ ଜଳୀୟାଂଶ ରହୁଥିବା ବାଲିଆ ଦୋରସା ମାଟିରେ ରାଶି ଚାଷ ଭଲ ହୁଏ।

ବର୍ଷାଦିନେ ଉଚ୍ଚ ଜମିରେ ଓ ଖରାଦିନେ ଜଳସେଚିତ ଜମିରେ ରାଶି ଚାଷ କରାଯାଏ। ବର୍ଷାଋତୁରେ ଜୁନ୍ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ, ଶୀତ ଋତୁରେ ସେପ୍ଟେମ୍ବରଠାରୁ ଅକ୍ଟୋବର ଏବଂ ଗ୍ରୀଷ୍ମଋତୁରେ ଫେବୃଆରୀରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧରେ ରାଶି ବୁଣାଯାଏ। ରାଶିକୁ ପ୍ରାକ୍ ରବି ବା ରବି ଫସଲ ହିସାବରେ ନିପାଣିଆ ଚାଷ ମଧ କରାଯାଏ। ଏଥିପାଇଁ ବର୍ଷାଋତୁ ପ୍ରାରମ୍ଭରୁ ଖରାଟିଆ ବର୍ଷାର ସୁଯୋଗ ନେଇ ଜମିକୁ ୨–୩ ଓଡ଼ ଭଲ ଭାବେ ଚାଷକରି ମାଟିକୁ ଗୁଣ୍ଡକରି ଦିଆଯାଏ। ଗୁଣ୍ଡଚାଷ ଜମିରେ ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ୨୦ କୁଇଣ୍ଟାଲ ଖତ ପ୍ରୟୋଗ କରାଯାଏ। ଜମିକୁ ସମତଳ ରଖିବା ନିହାତି ଦରକାର।

ବିଜ୍ଞପିତ ହୋଇଥିବା ଅଧିକ ଅମଳକ୍ଷମ, ଉନ୍ନତ କିସମ ମଧ୍ୟରେ ଉମା, ପ୍ରାଚୀ, ଶୁଭ୍ରା, ସମରକ (୭୫ ଦିନିଆ), କଳିକା, କନକ, ଉଷା, ଜି.ଟି.–୧, ନିର୍ମଳା, ଅମ୍ରିତ (୮୦–୮୫ ଦିନିଆ), ବିନାୟକ, କ୍ରିଷ୍ଣା, ଜି.ଟି.–୧୦, ପ୍ରଗତି, ସ୍ମାରକ (୯୦ ଦିନିଆ), ଗୌରୀ ଓ ପ୍ରତାପ (୧୦୦ ଦିନିଆ)। ସବୁ କିସମ ବର୍ଷାଦିନେ ଚାଷ ହୋଇଥାଏ। ବିନାୟକ, କଳିକା, କନକ, ଉମା (ଖରାଟିଆ ଚାଷ ପାଇଁ ଉପଯୁକ୍ତ), କ୍ରିଷ୍ଣା ଓ ଅନ୍ୟ କିସମଗୁଡ଼ିକ ଶୀତଦିନେ ଚାଷ ହୋଇଥାଏ। କ୍ରିଷ୍ଣା, ପ୍ରାଚୀ, ଅମ୍ରିତ, ସ୍ମାରକ ଓ ଜି.ଟି.–୧୦ କିସମ ମଞ୍ଜି କଳା, ପ୍ରତାପ, ନିର୍ମଳା, ଶୁଭ୍ରା, ଜି.ଟି.–୧ ଓ ଜି.ଟି.–୨ କିସମ ମଞ୍ଜି ଧଳା କିମ୍ବା ଧୂସରିଆ ରଙ୍ଗର।

> "ରାଶି ଫସଲ ବଢ଼ିବା ସମୟରେ ଉଷ୍ମ ଜଳବାୟୁ ରାଶି ଉତ୍ପାଦନ ପାଇଁ ଭଲ। ଗଛର ବୃଦ୍ଧି ଓ ଫଳ ଭଲ ହୁଏ। ଉତ୍ତାପ କମ୍ ରହିଲେ ଫୁଲ ଝରିପଡ଼େ, ନଚେତ୍ ଫୁଲ ବନ୍ଧ୍ୟା ହୋଇଯାଏ। ଜମିରେ ପାଣି ଜମି ରହିଲେ ବା କ୍ରମାଗତ ପାଗ ଓଦାଳିଆ ରହିଲେ କିମ୍ବା କୁହୁଡ଼ି ହେଲେ ଫସଲ ଭଲ ହୋଇ ନ ଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଏ ସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଆଳୁ ପରେ ସେହି ଜମିରେ ବିନା ଖତସାରରେ ରାଶି ଚାଷ କରାଯାଇପାରେ ଓ ସେଥିରୁ ଭଲ ଅମଳ ମଧ ହୋଇଥାଏ।"



**ବିହନ ବୁଣା ଓ ଖତସାର**

ଧାଡ଼ିବୁଣା ପାଇଁ ଖରିଫ ଋତୁରେ ଏକର ପ୍ରତି ୩ କି.ଗ୍ରା. ଏବଂ ରବି ତଥା ଗ୍ରୀଷ୍ମଋତୁରେ ୨ କି.ଗ୍ରା. ବିହନ ଦରକାର ପଡ଼ିଥାଏ। କାରଣ ଏହି ମଞ୍ଜିର ଗଜାହେବା ଶକ୍ତି ମଝି ଓ ଉପର ଅଂଶରେ ଥିବା ମଞ୍ଜି ଅପେକ୍ଷା ଅଧିକ ରହିଥାଏ। ପ୍ରତି କିଲୋଗ୍ରାମ ବିହନ ପାଇଁ ୨.୫ ଗ୍ରାମ ମାନ୍‌କୋଜେବ୍ ୭୫ ପ୍ରତିଶତ ଡବ୍ଲ୍ୟୁପି/ଟେବୁକୋନାଜୋଲ ୨ ପ୍ରତିଶିତ ଡିଏସ୍‌କୁ ଗୋଳାଇ ବିହନ ବିଶୋଧନ କରିବା ଆବଶ୍ୟକ।

ରାଶି ଫସଲ ବଢ଼ିବା ସମୟରେ ଉଷ୍ମ ଜଳବାୟୁ ରାଶି ଉତ୍ପାଦନ ପାଇଁ ଭଲ। ଗଛର ବୃଦ୍ଧି ଓ ଫଳ ଭଲ ହୁଏ। ଉତ୍ତାପ କମ୍ ରହିଲେ ଫୁଲ ଝରିପଡ଼େ, ନଚେତ୍ ଫୁଲ ବନ୍ଧ୍ୟାହୋଇଯାଏ। ଜମିରେ ପାଣି ଜମି ରହିଲେ ବା କ୍ରମାଗତ ପାଗ ଓଦାଳିଆ ରହିଲେ କିମ୍ବା କୁହୁଡ଼ି ହେଲେ ଫସଲ ଭଲ ହୋଇ ନ ଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଆଳୁ ପରେ ସେହି ଜମିରେ ବିନା ଖତସାରରେ ରାଶି ଚାଷ କରାଯାଇପାରେ ଓ ସେଥିରୁ ଭଲ ଅମଳ ମଧ ହୋଇଥାଏ। ମଞ୍ଜିଗୁଡ଼ିକ ଛୋଟ ଛୋଟ ଓ ହାଲୁକା ହୋଇଥିବାରୁ ଏହାକୁ ସମ ପରିମାଣରେ ଶୁଖିଲା ବାଲିରେ ମିଶାଇ ଧାଡ଼ିରେ ୨–୩ ସେ.ମି. ଗଭୀରରେ ବୁଣିବା ଦରକାର। ଧାଡ଼ି ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନ ରଖାଯାଏ। ଗଛ ପତଳା ରହିଲେ ଶାଖା ଅଧିକ ଆସିଥାଏ। ଧାଡ଼ି ବୁଣା, ଅନ୍ତଃଚାଷ ଓ ଅନାବନା ଘାସ ଦମନ ସହଜ ହୋଇଥାଏ। ଜମିରେ ବତର ଥିଲେ ଭଲ ଗଜା ହୁଏ। ତେଣୁ ଖରାଟିଆ ରାଶି ବୁଣିବା ପୂର୍ବରୁ ସାଧାରଣ ଭାବେ ପାଣି ମଡ଼ାଇ ଜମିର ବତର ଅଣାଯାଏ। ରାଶି ଫସଲ ଅଧିକ ଖାଦ୍ୟସାର ଦରକାର କରେ। ତେଣୁ ଏକର ପ୍ରତି ୨୦ କୁଇଣ୍ଟାଲ ଖତ ସହ ରାସାୟନିକ ସାର ପ୍ରୟୋଗ କରିବା ନିତାନ୍ତ ଜରୁରୀ। ରାଶି ଫସଲ ଏକର ପ୍ରତି ୧୨ କି.ଗ୍ରା. ଯବକ୍ଷାରଜାନ, ୮ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ (ଅର୍ଥାତ୍ ଡି.ଏ.ପି. ୧୮ କି.ଗ୍ରା., ୟୁରିଆ ୨୦ କି.ଗ୍ରା. ଓ ପଟାସ ୧୩ କି.ଗ୍ରା.) ସାର ଦରକାର କରେ। ଅଧା ଯବକ୍ଷାରଜାନ (୬ କି.ଗ୍ରା. ସହ ସମସ୍ତ ୮ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ବିହନ ବୁଣିବା ପୂର୍ବରୁ ଜମିରେ ପ୍ରୟୋଗ କରିବା ଉଚିତ। ଏଥିସହ ମୂଳ ସାର ଭାବେ ଜିଙ୍କ୍ ସଲ୍‌ଫେଟ୍ (୨୧ ପ୍ରତିଶତ ଦସ୍ତା)ର ୫ କି.ଗ୍ରା. ଏକର ପ୍ରତି ପ୍ରୟୋଗ କଲେ ଭଲ। ସାରକୁ ସିଆର୍‌ରେ ପ୍ରୟୋଗକରି ଭଲ ଭାବରେ ମାଟିରେ ମିଶାଇ ଦେଇ ଧାଡ଼ିରେ ବିହନ ବୁଣିବା ଦ୍ୱାରା ସାରର ଭଲ ବିନିଯୋଗ ହୋଇଥାଏ। ଅବଶିଷ୍ଟ ଅଧା ଯବକ୍ଷାରଜାନ (୬ କି.ଗ୍ରା.) ଅର୍ଥାତ୍ ୟୁରିଆ ୧୩ କି.ଗ୍ରା.କୁ ଗଛ ୩ ସପ୍ତାହର ହୋଇଗଲେ କୋଡ଼ାଖୁସାକରି ପ୍ରୟୋଗ କରାଯାଏ। (କ୍ରମଶଃ...)

–ଜିଲା କୃଷି ଅଧିକାରୀ, ସାକ୍ଷୀଗୋପାଳ
ମୋ :୯୪୩୭୧୧୨୭୦୪

## ଅଳ୍ପରେ...



➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



## ଧାନଚାଷରେ ରୋଗପୋକ ଦମନ

ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩% ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟା କରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍‌ଡା–ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ କୀଟନାଶକ ପକାଇ ବିଷ ବଳୟ ତିଆରି କରନ୍ତୁ।



# ଗୋବନ୍ଧ୍ୟା ନିରାକରଣ

(ଶେଷ ଭାଗ)

**ବୈଜ୍ଞାନିକ ପ୍ରଣାଳୀରେ ବନ୍ଧ୍ୟାଦୋଷ ନିରାକରଣ :** ଗୋବନ୍ଧ୍ୟା ନିରାକରଣ ପାଇଁ ପ୍ରଥମେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଗାଈମାନଙ୍କର ଶରୀର ଓ ଜନନେନ୍ଦ୍ରିୟ ପ୍ରଣାଳୀର ପ୍ରତ୍ୟେକ ଅଂଶ ପରୀକ୍ଷା କରି ବନ୍ଧ୍ୟାଦୋଷର ଠିକ୍ କାରଣ ନିର୍ଣ୍ଣୟ କରିବା ଉଚିତ । ଏହାର କାରଣ ନିର୍ଣ୍ଣୟ କଲା ପରେ ନିମ୍ନଲିଖିତ ପଦକ୍ଷେପ ନିଆଯିବା ଆବଶ୍ୟକ ।

**ସୁଷମ ଗୋଖାଦ୍ୟ :** ସାଧାରଣତଃ ମାଈ ବାଛୁରୀଟି ଜନ୍ମହେବା ୨/୩ମାସ ପରଠାରୁ ତା'ର ଶରୀର ଗଠନ ପାଇଁ ଉତ୍ତମ ସୁଷମ ଗୋଖାଦ୍ୟ ଯୋଗାଇଦେବା ଉଚିତ । ଏହି ସୁଷମ ଗୋଖାଦ୍ୟରେ ଉପଯୁକ୍ତ ପରିମାଣର ଖାଦ୍ୟପ୍ରାଣ ବା ଭିଟାମିନ୍ 'କ', 'ଖ', 'ଘ', 'ଙ' ଓ ଧାତବ ଲବଣ (କ୍ୟାଲ୍‌ସିୟମ, ଫସ୍‌ଫରସ୍, କୋବାଲ୍‌ଟ, କପର, ଆଇରନ , ମାଙ୍ଗାନିଜ) ଇତ୍ୟାଦି ରହିବା ଦରକାର । ଏଥି ସଙ୍ଗେ ସଙ୍ଗେ ସବୁଜ ଘାସ ଦିନକୁ ଅନ୍ୟୂନଃ ୫ କେ.ଜି. ଦେବା ଆବଶ୍ୟକ। ସବୁଜ ଘାସରେ ଶ୍ୱେତସାର ବା ଶସ୍ୟଜାତୀୟ ଏବଂ ପୁଷ୍ଟିସାର ବା ଛୁଇଁଜାତୀୟ ଘାସର ମିଶ୍ରିତ ଆନୁପାତିକ ହାର ୩ :୧ ହେବା ଦରକାର । ସୁଷମ ଖାଦ୍ୟର ଉପାଦାନଗୁଡ଼ିକ ହେଲା – ମକା/କୋଳଥ:୫୦%,ବାଦାମ ପିଡ଼ିଆ :୨୫%, କୁଣ୍ଡା ବା ଚୋକଡ଼ : ୨୩%, ଧାତବଲବଣ : ୧%, ଲୁଣ: ୧% (ମୋଟ: ୧୦୦%)

**ଖାଦ୍ୟର ପରିମାଣ**

➤ଗାଈର ବଞ୍ଚିବା ପାଇଁ ଦାନାର ପରିମାଣ = ୫୦୦ ଗ୍ରାମ୍ / ପ୍ରତି ୫୦ କେ.ଜି. ଶାରୀରିକ ଓଜନ । ଗାଈ କ୍ଷୀର ଦେବାପାଇଁ ଦାନା = ୪୦୦ ଗ୍ରାମ୍ /ପ୍ରତି ଲିଟର କ୍ଷୀର ପିଛା ।

➤ଗାଈର ଗର୍ଭଧାରଣ ପାଇଁ ଦାନା = ପ୍ରଥମ ୬ମାସ – ୫୦୦ଗ୍ରାମ୍ / ପ୍ରତି ଗାଈ ପିଛା, ୭ମାସରୁ ୯ମାସ = ଏକ କେ.ଜି. ପ୍ରତି ଗାଈ ପିଛା । ନଡ଼ା ବା କୁଟାରେ ସମୁଦାୟ ହଜମ ହେଉଥିବା ଶ୍ୱେତସାର ପରିମାଣ ୩୮–୪୦ ପ୍ରତିଶତ ଥାଏ । ସେହିପରି ନଡ଼ାରେ ସମୁଦାୟ ହଜମ ହେଉଥିବା ପୁଷ୍ଟିସାର ପରିମାଣ ୦.୫ ପ୍ରତିଶତ ଥାଏ। ଗାଈର କେବଳ ପେଟ ଭରିବା ସହ ଶକ୍ତି ପାଇଁ ନଡ଼ା ଖାଇବାକୁ ଦିଆଯାଏ। କିନ୍ତୁ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ଗାଈର ଦେହରେ ଥିବା କ୍ୟାଲ୍‌ସିୟମ୍ ସହ ମିଶି ରାସାୟନିକ ପ୍ରକ୍ରିୟାରେ କ୍ୟାଲ୍‌ସିୟମ ଆକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାହୋଇ ବାହାରି ଆସେ । ଫଳରେ କେବଳ ନଡ଼ା ଗାଈକୁ ଖୁଆଇଲେ ଗାଈ ବା ଛଡ଼ାର ଶରୀର କ୍ୟାଲ୍‌ସିୟମ୍‌ର ଅଭାବ ଯୋଗୁ ଦୁର୍ବଳ ହୋଇପଡ଼େ ଏବଂ ଗରମକୁ ଆସେ ନାହିଁ । ତେଣୁ ନଡ଼ାକୁ ଛୋଟ ଛୋଟ କରି କାଟି ଧୋଇକରି ଗାଈକୁ ଖାଇବାକୁ ଦେଲେ ଗାଈ କ୍ୟାଲ୍‌ସିୟମ୍ ଅଭାବ ରୋଗ କମିଯାଏ ।

**ଉପଯୁକ୍ତ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା :** ପ୍ରତି ୨ମାସ ବ୍ୟବଧାନରେ ଥରେ ଗାଈର ଗୋବର ପରୀକ୍ଷାକରି କୃମିଜନିତ ରୋଗର ଚିକିତ୍ସା କରିବା ନିତାନ୍ତ ଦରକାର । ଜନନେନ୍ଦ୍ରିୟ ପ୍ରଣାଳୀରେ ବିଭିନ୍ନ ଅଂଶ ପରୀକ୍ଷାକରି ଜୀବାଣୁଜନିତ ରୋଗ ଦ୍ୱାରା ଯଦି ବନ୍ଧ୍ୟାଦୋଷ ହୋଇଥାଏ, ତା'ର ଉପଯୁକ୍ତ ଚିକିତ୍ସା କରିବା ନିହାତି ଦରକାର । ବିଭିନ୍ନ ସଂକ୍ରାମକ ରୋଗ ଯଥା–ସାହାଣା, ବଜବଜିଆ, ଫାଟୁଆ, ପ୍ଳିହାରୋଗ, ଗୋବସନ୍ତ ଇତ୍ୟାଦିର ଉପଯୁକ୍ତ ସମୟରେ ପ୍ରତିଷେଧକ ବ୍ୟବସ୍ଥା କରିବା ଆବଶ୍ୟକ ।

**ଗୋବନ୍ଧ୍ୟା ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ**

➤ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଓ ବିଭାଗୀୟ କର୍ମକର୍ତ୍ତାମାନଙ୍କ ଦ୍ୱାରା ଚାଷୀମାନଙ୍କୁ ଗାଈ ବା ଛଡ଼ାର ଖାଦ୍ୟପେୟ, ପ୍ରତିଷେଧକ ବ୍ୟବସ୍ଥା, ଲାଳନପାଳନ, ଘାସଚାଷ ଇତ୍ୟାଦି ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରିବା । ଏହାବ୍ୟତୀତ ସବୁଜ ଘାସ ଚାଷପାଇଁ ଖରିଫ୍ ଓ ରବିଋତୁରେ ବିଭିନ୍ନ ପ୍ରକାର ଘାସମଞ୍ଜି ଯଥା – ବରଗୁଡ଼ି, ଏମ୍‌ପିଚେରି, ବର୍‌ସିମ, ଓଟ୍, ମକା ପ୍ରଭୃତି ଘାସମଞ୍ଜି ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଯୋଗାଇ ଦେବା।

➤କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷିଶ୍ରମିକ ପ୍ରମୁଖଙ୍କ ପାଇଁ ସଙ୍କର ଜାତୀୟ ମାଈ ବାଛୁରୀ ପାଳନ ନିମନ୍ତେ ୪ମାସଠାରୁ ୩୨ ମାସ ପର୍ଯ୍ୟନ୍ତ କିମ୍ବା ବାଛୁରୀ ଜନ୍ମ କଲା ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ସବ୍‌ସିଡି ହାରରେ ସୁଷମ ଗୋଖାଦ୍ୟ ଯୋଗାଇଦେବା । ଅନ୍ୟପକ୍ଷରେ ଉଭୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଓମ୍‌ଫେଡ୍ ତରଫରୁ ବିଭିନ୍ନ ଦୁଗ୍ଧ ସମବାୟ ସମିତି ଓ ପ୍ରାଣୀଧନ ସହାୟକ କେନ୍ଦ୍ର ତଥା ଗ୍ରାମାଞ୍ଚଳରେ ବିଭାଗୀୟ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଭ୍ରାମ୍ୟମାଣ ଚିକିତ୍ସା ସେବା ସହ ଗୋବନ୍ଧ୍ୟା ନିରାକରଣ ପାଇଁ ଶିବିରମାନ ଆୟୋଜନ କରିବା ।

➤ଗରମ ଆସୁଥିବା ଗାଈକୁ କୃତ୍ରିମ ପ୍ରଜନନ ପାଇଁ ସମସ୍ତ ପଦକ୍ଷେପ ପ୍ରାଣି ସମ୍ପଦ ବିଭାଗ ତରଫରୁ ନିଆଯାଇଅଛି ।



**–ଡା. ବୀରକିଶୋର ପରିଡ଼ା,**
ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ହାତୀ ଆକ୍ରମଣରେ ଜଙ୍ଗଲ ଜଗୁଆଳିଙ୍କ ମୃତ୍ୟୁ

ନାକଟିଦେଉଳ, ୨୩।୯(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଟିକିଲିପଡ଼ା ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ଜଙ୍ଗଲ ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିବାକର ପ୍ରଧାନ(୫୫)। ମୃତ ଦିବାକରଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୪ ବିଶ୍ୱବିଦ୍ୟାଳୟ କୁଳପତି ପଦ ପାଇଁ ୩୪୨ ଆବେଦନ କଲେଣି: ମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ମଙ୍ଗଳବାର ଗୃହରେ ପାରିତ ହୋଇଯାଇଛି। ଏହି ବିଲ୍ ଉପରେ ଆଲୋଚନାକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିରୋଧୀ ଦଳର ସଦସ୍ୟମାନଙ୍କୁ ଟାର୍ଗେଟକରି କହିଛନ୍ତି, ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ୩୪୨ ଜଣ ଏଥିଲାଗି ଆବେଦନ କରିଛନ୍ତି। ଏକାଧିକ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଲାଗି ଜଣେ ଲେଖା ଆବେଦନ କରିଛନ୍ତି। ତତ୍କାଳୀନ ବିଜେଡି ସରକାର ତଥା ବର୍ତ୍ତମାନର ବିରୋଧୀ ଦଳ ଏହି ବିଲ୍‌କୁ ଭୁଲ୍ ଭାବେ ବ୍ୟବହାର କରିଥିଲା। ଆଜି ଯେଉଁ ଅଧ୍ୟାଦେଶ ଆସିଛି ସେଥିଲାଗି ବିରୋଧୀ ଦଳ ହିଁ ଦାୟୀ। ଏମାନେ ଶାସନରେ ଥିବାବେଳେ ଶିକ୍ଷା ବ୍ୟବସ୍ଥାକୁ ନିଜ ପକେଟ୍‌ରେ ରଖି ବୁଲିଲେ ବୋଲି ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି। ବିରୋଧୀ ଦଳ ସଦସ୍ୟ କହୁଛନ୍ତି, ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ଯିଏ ଅଛନ୍ତି ସେମାନଙ୍କୁ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ଦିଆଯାଉ। ପାଖ ବିଶ୍ୱବିଦ୍ୟାଳୟରେ କୁଳପତି ଥିଲେ ତ ସେମାନଙ୍କୁ ଆଣି ଆଉଗୋଟେ ଦାୟିତ୍ୱ ଦିଆଯିବ। ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ୨୦୨୪ର ଉଲ୍ଲଂଘନ କରିନାହାନ୍ତି। ସେଥିରେ ନିୟମ ଥିଲା ରାଜ୍ୟପାଳ ଚାହିଁଲେ ନିଜ ବିବେକ ଆଧାରରେ କୁଳପତି ଚୟନ କରିପାରିବେ। ଯେଉଁ ପ୍ରଫେସର ଏକ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ତୁଲାଇପାରିବ ସେମାନଙ୍କୁ କୁଳପତି ଦାୟିତ୍ୱ ପ୍ରଦାନ କରିହେବ। ରାଜ୍ୟପାଳଙ୍କ ପାରଦର୍ଶିତାକୁ ନେଇ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି। ଏହାପରେ ସରକାରୀ ଦଳର ସଦସ୍ୟ ସନ୍ତୋଷ ଖଟୁଆ ଆଲୋଚନାରେ ଭାଗନେଇ ପୂର୍ବ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶେଷରେ ଏହି ବିଲ୍‌କୁ ବାଚସ୍ପତି ଗୃହରେ ପାରିତ କରିଛନ୍ତି।


# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

Handsome Brahmin Boy 1984, 5'10" serving officer Nationalised Bank. "Sunasansar" 9937512659. D-01

### GROOM WANTED

ମା'ଙ୍କ ସହିତ ରହୁଥିବା 28 ବୟସ୍କା ଅବିବାହିତା କରଣ ଜାତିର ଚାକିରିଆ କନ୍ୟାଙ୍କ ପାଇଁ Anycaste ବରପାତ୍ର ଆବଶ୍ୟକ। 7852970280. D-2053




## REAL ESTATE

### SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309. D-2079




Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985




The massage felt totally professional & comfortable at all times-7978109255. D-76495

## LOST

ମୁଁ ବିଷ୍ଣୁପ୍ରିୟା ବେହେରା, W/o- ବ୍ରଜ କିଶୋର ବେହେରା, ସୁବନପୁର, ପୋ- ଆମକୁନି, ଥାନା- ଧମା, ଜିଲ୍ଲା- ସମ୍ବଲପୁର, ଧମା ଥାନାରେ ୨୨।୦୯।୨୫ ତାରିଖରେ ଜିଡି ନଂ.୦୩ ଦାଖଲ କରିଛି। ମୁଁ ୨୦।୦୮।୨୫ ତାରିଖରେ ଦୈନିକ ବଜାର ଧମାରେ ଥିବା ସମୟରେ RSD ନଂ.- ୧୧୬୭୧୫୦୨୨୭୫ ଅନୁଯାୟୀ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ହଜିଯାଇଛି। ବାରମ୍ବାର ଖୋଜାଖୋଜି କରିବା ସତ୍ତ୍ୱେ ଏହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର କରିବା ସମ୍ଭବ ନୁହେଁ। ଧ-୨୦୯୬

ମୁଁ ବ୍ରଜ କିଶୋର ବେହେରା, S/o- ଗୋବିନ୍ଦ ବେହେରା, ସୁବନପୁର, ପୋ- ଆମକୁନି, ଥାନା- ଧମା, ଜିଲ୍ଲା- ସମ୍ବଲପୁର, ଧମା ଥାନାରେ ୨୨।୦୯।୨୫ ତାରିଖରେ ଜିଡି ନଂ.-୦୨ ଦାଖଲ କରିଛି। ମୁଁ ୨୦।୦୮।୨୫ ତାରିଖରେ ଦୈନିକ ବଜାର ଧମାରେ ଥିବା ସମୟରେ RSD ନଂ.- ୧୧୬୭୨୨୦୪୬୯୫ ଅନୁଯାୟୀ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ହଜିଯାଇଛି। ବାରମ୍ବାର ଖୋଜାଖୋଜି କରିବା ସତ୍ତ୍ୱେ ଏହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର କରିବା ସମ୍ଭବ ନୁହେଁ। ଧ-୨୦୯୫

## AFFIDAVIT

I, Sonal Akash Yadu, W/o- Akash Yadu, resident of F-2/6, Highland Residency, Sailashree Vihar, Bhubaneswar, Odisha-751021 declare vide affidavit No. 304 dt.12.08.2025 that now onwards I shall be known as Sonal Yadu. D-2087

I, Akash Shri Shyam Lal Yadu, S/o- Shyam Lal Yadu, resident of F-2/6, Highland Residency, Sailashree Vihar, Bhubaneswar, Odisha- 751021 declare vide affidavit No.- 318 dt.- 12.08.2025 that now onwards I shall be known as Akash Yadu. D-2086

By virtue an affidavit before Executive Magistrate, Dhenkanal, dtd.- 02.05.2025, solemnly declare that, I have changed my name from JIJABAEE NAIK to JIJABAEE KHUNTIA, W/o- Harekrushna Khuntia residing at North Madhuban, Kunjakanta, Dhenkanal- 759001, Odisha for all future purposes. D-2084

By virtue of an affidavit Before Executive Magistrate, Kantabanji 23.09.2025 that in my Aadhaar Card and PAN Card my name and surname is written as Chandramani Sahu S/o- Bali Sahu but in my S.B. Account my name and surname written as Chandramani Sahoo, S/o- Bali Sahoo whereas Chandramani Sahu, S/o- Bali Sahu and Chandramani Sahoo, S/o- Bali Sahoo of Village-Bhuslard P.O.- Dedgaon, P.S.- Sindhekela Dist.-Balangir is same and one person. D-2085

By virtue of an affidavit sworn before the Executive Magistrate, Boudh, No.- 1105 date- 2.08.25, I, Rajesh Gaigouria, R/o- Village- Kumarsinga, P.O.- Charada, P.S./ Dist.- Boudh, Odisha, PIN- 762014 declare that I have changed my daughter's name from Rista Gaigouria to Risma Gaigouria. Henceforth she shall be known as Risma Gaigouria for all purposes.
Rajesh Gaigouria D-2093

By virtue of an affidavit sworn before the Notary Public, Bhubaneswar on 17th September 2025, I, Rama Chandra Das, age 71 years, Son of Late Mohini Mohan Das, resident of AT:468, P. Panda Lane, Chunavati, Gopalgaon, P.O.- Balasore, P.S- Town Police Station, Balasore, Dist.- Balasore, Odisha, PIN-756001, declare that my name was wrongly mentioned as Ram Chandra Das in my son Satya Swarup Das's birth certificate, Matriculation certificate and consequently the same incorrect name has been reflected in his Passport. That, I do hereby declare that "Rama Chandra Das" and "Ram Chandra Das" refer to one and the same person, i.e., myself.
Rama Chandra Das D-2092

I, Sri Srikanta Nayak declared that as per affidavit No.- 89 Dtd.- 23/9/2025 before the Executive Magistrate, Nandapur that my old name Srikant Nayak has been changed to Srikanta Nayak. Henceforth I will be known as Srikanta Nayak, son of Bhimsen Nayak, At- P.O.- P.S.- Podwa Block Nandapur, Dist.- korapt for all purposes. D-2088

I, Smt. Urmila Sahoo aged about 53years, W/o- Ramesh Sahoo, Resident of Vill-AT/ P.O.- Kandagoda, P.S.- Brahmagiri, Dist.- Puri, Odisha do hereby solemnly affirm and declare as under my Aadhaar Card vide No.-2283 in which my name has been wrongly mentioned as Urmila Sahu instead of Urmila Sahoo. That Urmila Sahoo and Urmila Sahu denotes to one and same person i.e. Myself.
URMILA SAHOO D-2091

By virtue of an affidavit sworn before Executive Magistrate, Nimapada on dtd.- 23.09.2025, I, Amarendra Senapati Address: At- Guhalapada, P.O.- Nimapada, Puri, PIN- 752106 declare that I have changed the name of my son from Omm Bijayananda Senapati to Omm Sri Bijayananda Senapati. Henceforth, he shall be known as Omm Sri Bijayananda Senapati for all purposes.
Amarendra Senapati D-2089

By virtue of an Affidavit sworn before Notary Public, Bhubaneswar, dted- 18.09.2025. I, Ajaya Kumar Sahoo, AdressKunjia Patana, Lingaraj, Old town declare that I have changed my name from Ajay Kumar Sahoo to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2090

By virtue of an affidavit sworn before the Executive Magistrate, Boudh, No.- 1343 date 20.09.25, I Santanu Bagh, R/o- Village- Jaloi, P.O.-Balakira, P.S.- Baunsuni, Dist.- Boudh, Odisha, PIN- 762015 declare that I have changed my son's name from Kamal Bagha to Sachin Chandra Bagha. Henceforth he shall be known as Sachin Chandra Bagha for all purposes.
Santanu Bagh D-2094

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

Letter No.- 1736
dtd.- 11.09.2025

ମାନ୍ୟବର, ଅତିରିକ୍ତ କମିସନର, ରିଭିଜନ କୋର୍ଟ ନଂ୪ମ୍ବର ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।

ଓ.ଏସ୍.ଏସ୍. କେସ୍ ନଂ୯୫୧/୨୦୨୪ମ୍ବର

ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ- ୧୯୫୮ ମୁତାବକ

ଶ୍ରୀମତୀ ନିରଜ ନଳିନୀ ପୃଷ୍ଟି .....ବାଦୀ

ବନାମ

ଲକ୍ଷ୍ମୀଧର ଦାସ ଏବଂ ଓଗେର .....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ୫ମ୍ବର, ନିୟମ- ୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ: ପ୍ରତିବାଦୀ ନଂ୨ମ୍ବର: ଗଣ୍ଡେଇ ଦାସ, ସ୍ୱାମୀ: ଦିଜବର ଦାସ, ପ୍ରତିବାଦୀ ନଂ୩ମ୍ବର: ଯୋଗେନ୍ଦ୍ର ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୪ମ୍ବର: ବୈଷ୍ଣବ ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୫ମ୍ବର: ଭଗବାନ ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୬ମ୍ବର:ସାଧବୀ ଦାସ, ସ୍ୱାମୀ: ତ୍ରିଲୋଚନ ଦାସ

ଉପରୋକ୍ତ ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ରଙ୍ଗମାଟିଆ, ପୋ:ଅ: ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (ଓଡ଼ିଶା) ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ ମୌଜା ସାବକ ଖାତା ନଂ୩୮୪ମ୍ବର, ସାବକ ପ୍ଲଟ୍ ନଂ୨୭୭୯ମ୍ବର, ଏରିଆ ଏ୦.୨୬୦ଡି ସ୍ୱଧ ଏରିଆ ଏ୦.୦୭୫.୭୫ଡି ସ୍ୱଧରୁ ରକବା ଏ୦.୦୪୫ଡିସିମିଲ, ଯାହାର ହାଲ ବନ୍ଦୋବସ୍ତ ଖାତା ନଂ୩୬୩୯ମ୍ବର, ପ୍ଲଟ ନଂ୨୧୪୬ମ୍ବର, ଏରିଆ ଏ୦.୧୦୬ଡି ସ୍ୱଧରୁ ରକବା ଏ୦.୦୪୫ଡ଼ିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା.- ୨୪।୧୦।୨୦୨୫ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ:- ଭୁବନେଶ୍ୱର

ତାରିଖ:

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୨୦୮୩

Letter No.- 1737
dtd.- 11.09.2025

ମାନ୍ୟବର, ଅତିରିକ୍ତ କମିସନର, ରିଭିଜନ କୋର୍ଟ ନଂ୪ମ୍ବର ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।

ଓ.ଏସ୍.ଏସ୍. କେସ୍ ନଂ୯୫୨/୨୦୨୪ମ୍ବର

ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ- ୧୯୫୮ ମୁତାବକ

ଶ୍ରୀମତୀ ନିରଜ ନଳିନୀ ପୃଷ୍ଟି .....ବାଦୀ

ବନାମ

ଅକ୍ଷୟ କୁମାର ଚାନ୍ଦ ଏବଂ ଓଗେର .....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ୫ମ୍ବର, ନିୟମ- ୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ: ପ୍ରତିବାଦୀ ନଂ୨ମ୍ବର: କରୁଣାକର ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୩ମ୍ବର: ଦିବାକର ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୪ମ୍ବର: କାର୍ତ୍ତିକ ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୫ମ୍ବର: ପ୍ରଭାକର ମହାରଣା, ପିତା- ଭୀମ ମହାରଣା

ଉପରୋକ୍ତ ନଂ୧ ଲଗାୟତ ୩ମ୍ବର ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ରଙ୍ଗମାଟିଆ, ପୋ:ଅ: ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (ଓଡ଼ିଶା) ଓ ନଂ୪ମ୍ବର ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: କମାପଲ୍ଲୀ, ପୋ:ଅ: କମାପଲ୍ଲୀ, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ (ଓଡ଼ିଶା) ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ ମୌଜା ସାବକ ଖାତା ନଂ୩୮୪ମ୍ବର, ସାବକ ପ୍ଲଟ୍ ନଂ୨୭୭୮ମ୍ବର, ଏରିଆ ଏ୦.୧୧୦ଡି ସ୍ୱଧ ଏରିଆ ଏ୦.୦୩୮ଡି ସ୍ୱଧରୁ ରକବା ଏ୦.୦୨୩.୮୭ଡିସିମିଲ, ଯାହାର ହାଲ ବନ୍ଦୋବସ୍ତ ଖାତା ନଂ୨୪ମ୍ବର, ପ୍ଲଟ୍ ନଂ୨୧୪୫ମ୍ବର, ଏରିଆ ଏ୦.୧୬୪ଡି ସ୍ୱଧରୁ ରକବା ଏ୦.୦୨୩.୮୭ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା.- ୨୪।୧୦।୨୦୨୫ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ:- ଭୁବନେଶ୍ୱର

ତାରିଖ:

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୨୦୮୨


## ବିଧାୟକଙ୍କ ନୂଆ ବାସଭବନ ପାଇଁ କଟାଯାଇଛି ୭୨୧ ଗଛ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ବିଧାୟକଙ୍କ ନୂତନ ବାସଭବନ ନିର୍ମାଣ ପାଇଁ ୭୨୧ ଗଛ କଟାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ମଙ୍ଗଳବାର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଧାୟକଙ୍କ ଲାଗି ନୂଆ ସରକାରୀ ବାସଭବନ ତିଆରି ହେଉଥିବା ସ୍ଥାନର କ୍ଷେତ୍ରଫଳ ୬.୫୪ ହେକ୍ଟର। ସେଠାରୁ କଟାଯାଇଥିବା ୭୨୧ଟି ଗଛର ଭରଣା କରିବା ପାଇଁ ୪ ହଜାର ଗଛ ସୁବୁଦ୍ଧିପୁର ଓ ୨ ହଜାର ଗଛ ଭୁବନେଶ୍ୱରର ଘାଟିକିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷତିପୂରକ ବନୀକରଣ ବାବଦରେ ରୋପଣ କରାଯାଇଛି।

## ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର



ଶିବ ପ୍ରସାଦ ମଲିକ

ମହାକାଳପଡ଼ା/ଡେରାବିଶ, ୨୩।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ/ ବେବର୍ତ୍ତା ଅଜୟ ଦାଶ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲଦାର ଶିବ ପ୍ରସାଦ ମଲିକ ଏକ ଜମି ଉଚ୍ଛେଦ ପାଇଁ ଗୋଜାବନ୍ଧ ଗ୍ରାମର ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ମଙ୍ଗଳବାର ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ତହସିଲ ଅଫିସ ପଛପାଖ ସରକାରୀ କ୍ୱାର୍ଟର୍ସରୁ ତାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ସେହିପରି ଭିଜିଲାନ୍ସର ଅନ୍ୟ ଏକ ଟିମ୍ ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ବାଘିଲୋବାବନପୁର ଗ୍ରାମରେ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ଗୋଜାବନ୍ଧ ଗ୍ରାମର ଅନ୍ତର୍ଯ୍ୟାମୀ ଏକ ଜମିଜମା ଉଚ୍ଛେଦ ପାଇଁ ଦାବି ମୁତାବକ ୨୦ ହଜାର ଟଙ୍କା ଅଫିସ ପଛପାଖ ସରକାରୀ କ୍ୱାର୍ଟର୍ସରେ ତହସିଲଦାର ମଲିକଙ୍କୁ ଦେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ୧୪ ଜଣିଆ କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଥିଲେ। ରାସାୟନିକ ବୋଳା ଟଙ୍କାଗୁଡ଼ିକ ପାଣିରେ ରଙ୍ଗିନ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଭିଜିଲାନ୍ସ ଟିମ୍ ତାଙ୍କୁ ଗାଡ଼ିରେ ନେଇ ଯାଇଥିଲେ। ସେହିପରି ତହସିଲଦାର ମଲିକଙ୍କ ପୈତୃକ ଗ୍ରାମ ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ବାଘିଲୋବାବନପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨.୩୦ରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଅଧିକାରୀମାନେ ତାଙ୍କ ଘର ଖାନତଲାସ୍ କରି ନଗଦ ୯୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସମେତ ୧୨୦ଗ୍ରାମ ସୁନା ଅଳଙ୍କାର, ଏକାଧିକ ବ୍ୟାଙ୍କ ଜମାଖାତା ଓ ଏଟିଏମ୍ ଏବଂ ଜମିଜମା କାଗଜପତ୍ର ଜବତ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଇନ୍ସପେକ୍ଟର ସଞ୍ଜୟ ବାରିକ, ଇନ୍ସପେକ୍ଟର ଉର୍ମିଳା ଲାକ୍ରା ଓ ରୀତାରାଣୀ ପ୍ରଧାନ ଏବଂ ଏଏସ୍ଆଇ ରୁଦ୍ରନାରାୟଣ ମିଶ୍ର ସାମିଲ ରହିଥିଲେ। କେସ୍ ନମ୍ବର ୨୯/୨୫ରେ ଭିଜିଲାନ୍ସ ରୁଜୁ କରିଛି । ଖାନତଲାସ୍ ସମୟରେ ତାଙ୍କଠାରୁ ୧ଲକ୍ଷ ୫୪ ହଜାର ଟଙ୍କା ଜବତ ହୋଇଛି।

ପ୍ରକାଶଯେ, ଏହି ତହସିଲ ଅଧୀନରେ ଅନେକ ସରକାରୀ ଜମି ପଟ୍ଟା ପ୍ରଦାନ କରିବା ଓ ଅନ୍ୟାନ୍ୟ କାଗଜପତ୍ରକୁ ନେଇ ଦୀର୍ଘ ଦିନଧରି ଲୋକମାନଙ୍କଠାରୁ ତହସିଲଦାର ଅର୍ଥ ଦାବି କରୁଥିଲେ ବୋଲି ଅଭିଯୋଗ ହୋଇଥିଲା।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ

**ଏସିଆ କପ୍ କ୍ରିକେଟ ସୁପର-୪**

**ଆବୁ ଧାବି, ୨୩ା୯**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ସୁପର-୪ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ପାକିସ୍ତାନ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ପାକିସ୍ତାନ ଆଗରେ ୧୩୪ ରନର ଟାର୍ଗେଟ ଛିଡ଼ା କରିଛି। ଜବାବରେ ପାକିସ୍ତାନ ୧୨ ଓଭର ଶେଷ ସୁଦ୍ଧା ୫ ଉଇକେଟ ହରାଇ ୮୨ ରନ କରିଛି। ସାହିବଜାଦା ଫର୍ହାନ ୨୪ ଓ ଫଖର ଜମାନ ୧୭ ରନ କରି ଆଉଟ୍ ହୋଇଥିବା ବେଳେ ମହିଶ ଥିକ୍ଷଣା ଓ ୱାନିଣ୍ଡୁ ହସରଙ୍ଗା ୨ଟି ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ରେ ପରାଜିତ ହୋଇଥିବା ଦଳ ଫାଇନାଲ ରେସ୍‌ରୁ ବାଦ୍ ପଡ଼ିବ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଖୁବ ଶସ୍ତାରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। କୁଶାଲ ମେଣ୍ଡିସ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିବା ବେଳେ ଫର୍ମରେ ଥିବା ପଥୁମ ନିଶଙ୍କା ୮ ରନ କରି ଆଉଟ୍ ହୋଇଥିଲେ। ମିଡିଲ ଅର୍ଡରରେ କୁଶାଲ ପେରେରା (୧୫) ଓ ଅଧିନାୟକ ଚରିଥ ଅସଲଙ୍କା (୨୦) ଭଲ ଆରମ୍ଭ ପାଇଥିଲେ। ହେଲେ ସେମାନେ ବଡ଼ ଇନିଂସ ଖେଳିପାରନଥିଲେ। ଏହାପରେ ଦସୁନ ଶନକା ଖାତା ଖୋଲିବା ପୂର୍ବରୁ ଓ ୱାନିନ୍ଦୁ ହସରଙ୍ଗା ୧୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ କାମିଣ୍ଡୁ ମେଣ୍ଡିସ ୪୪ ବଲରେ ୩ ଚୌକା ଓ ୨ ଛକା ସହିତ ୫୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଫଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ କରିଥିଲା। ପାକିସ୍ତାନ ପକ୍ଷରୁ ଶାହିନ ଶାହ ଆଫ୍ରିଦୀ ୩ ଉଇକେଟ ନେଇଥିବା ବେଳେ ହାରିସ ରୌଫ ଓ ହୁସେନ ତାଲତ ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୨୦ ଓଭରରେ ୧୩୩/୮ (କାମିଣ୍ଡୁ ମେଣ୍ଡିସ-୫୦, ଚରିଥ ଅସଲଙ୍କା-୨୦, ଶାହିନ ଶାହ ଆଫ୍ରିଦୀ-୩/୨୮, ହୁସେନ ତାଲତ-୨/୧୮)।

# ତେଲୁଗୁ ଟାଇଟନ୍ସ ବିଜୟୀ

**ଜୟପୁର, ୨୩ା୯**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍) ସିଜନ ୧୨ରେ ମଙ୍ଗଳବାର ଖେଳାଯାଇଥିବା ଦିନର ପ୍ରଥମ ମ୍ୟାଚରେ ତେଲୁଗୁ ଟାଇଟନ୍ସ ୩୦-୨୯ରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ସ୍ଥାନୀୟ ଏସ୍‌ଏମ୍‌ଏସ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଭରତ ହୁଡାଙ୍କ ୯ ପଏଣ୍ଟ, ବିଜୟ ମଲିକଙ୍କ ୭ ପଏଣ୍ଟ ଏବଂ ବିପକ୍ଷ ଦଳର ଷ୍ଟାର ଖେଳାଳି ମହମାଡ୍ରେଜା ଶାଦଲୋଇଙ୍କ ମାନ୍ଦା ପ୍ରଦର୍ଶନ ଯୋଗୁ ଦଳ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ଶାଦଲୋଇଙ୍କର ଏହାଥିଲା ୧୦୦ତମ ପିକେଏଲ୍ ମ୍ୟାଚ। ତେଲୁଗୁ ଟାଇଟନ୍ସ ବିପକ୍ଷରେ ଗୁଜରାଟ ଜାଏଣ୍ଟ୍ସର ବିଜୟ ରେକର୍ଡ ୧୨ଟି ମ୍ୟାଚରୁ ୧୦ ରହି ଥିଲେ ହେଁ ମଙ୍ଗଳବାର ମ୍ୟାଚ ଦେଖିଲା ପରେ ଦଳଣ ଶକ୍ତି ସନ୍ତୁଳନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ବିଜୟ ମଲିକଙ୍କ ନେତୃତ୍ୱରେ ଟାଇଟନ୍ସ ଦଳ ଏହି ସିଜନରେ ରିଦିମ ଖୋଜା ପାଇଥିବା ଭଳି ମନେ ହେଉଛି। ଏଇ କିଛି ବର୍ଷରେ ଦଳର ପ୍ରଦର୍ଶନ ଉପରେ ନଜର ପକାଇଲେ ଏଥର ସ୍ଥିର ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ଫଳାଫଳ ପ୍ରମାଣିତ କରିଛି ଯେ, ସେମାନେ ସେମାନଙ୍କର ଦୀର୍ଘ ସମୟର ଚ୍ୟାଲେଞ୍ଜରକୁ ପରାସ୍ତ କରିପାରିବେ। ଅନ୍ୟପକ୍ଷରେ ଜାଏଣ୍ଟ୍ସ ଦଳର ଷ୍ଟାର ଖେଳାଳି ଇରାନ ଦେଶର ଶାଦଲୋଇଙ୍କ ଠାରୁ ଏଥର ଆଶାନୁରୂପ ପ୍ରଦର୍ଶନ ଦେଖିବାକୁ ମିଳୁନାହିଁ। ଏଥର ଗୁଜରାଟ ପଏଣ୍ଟ ଟେବୁଲର ତଳ ଧାଡ଼ିରେ ସଂଘର୍ଷ ଚଳାଇଛି। ଟୁର୍ନାମେଣ୍ଟରେ ତିଷ୍ଠି ରହିବାକୁ ହେଲେ ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଆଜି ଭାରତ-ବାଂଲାଦେଶ ମ୍ୟାଚ୍

**ଦୁବାଇ, ୨୩ା୯ (ପି.ଟି.)**

ଚଳିତ ଏସିଆ କପ୍‌ର ସୁପର-୪ ପର୍ଯ୍ୟାୟରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବାଂଲାଦେଶକୁ ଭେଟିବ। ଉଭୟ ଦଳ ସୁପର-୪ ପର୍ଯ୍ୟାୟରେ ସେମାନଙ୍କ ପ୍ରଥମ ମ୍ୟାଚ୍ ଜିତିଥିବାରୁ ଏହି ମ୍ୟାଚ୍‌ର ବିଜେତା ଫାଇନାଲରେ ସ୍ଥାନ ପକ୍କା କରିବ। ତେଣୁ ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ରହିଛି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜିତ ରହିଥିବା ବେଳେ ବାଂଲାଦେଶ କେବଳ ତା'ର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ପରାଜିତ ହୋଇଥିଲା। ହେଲେ ଏହାପରଠାରୁ ବାଂଲାଦେଶ ତା'ର ପ୍ରତ୍ୟେକ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। ଏପରିକି ଦଳ ସୁପର-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇ ପ୍ରତିଶୋଧ ନେଇଥିଲା। ଏଥିଯୋଗୁ ଦଳର ଆତ୍ମବିଶ୍ୱାସ ଉପରେ ରହିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ତା'ର ପ୍ରଥମ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନକୁ ଧରାଶାୟୀ କରିଥିଲା। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆକୁ କ୍ୱାଲିଟି ସ୍ପିନ୍ ବୋଲିଂର ସମ୍ମୁଖୀନ ହେବାକୁ ପଡ଼ିବ। ଏପର୍ଯ୍ୟନ୍ତ ଭାରତ ଓ ବାଂଲାଦେଶ ମଧ୍ୟରେ ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଛି। ହେଲେ ବାଂଲାଦେଶ କେବଳ ଥରେମାତ୍ର ବିଜୟୀ ହୋଇଛି। ରେକର୍ଡ ଦୃଷ୍ଟିକୋଣରୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଭାରତ ସର୍ବଦା ପ୍ରଭାବୀ ରହିଛି। ଏଣୁ ବାଂଲାଦେଶ ବିପକ୍ଷରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଦଳକୁ ଆଉ ଏକ ସହଜ ବିଜୟ ମିଳିପାରେ। କିନ୍ତୁ ଫର୍ମାଟ୍‌ର ପ୍ରକୃତି ଓ ଭଲ ସ୍ପିନ୍ ଆଟାକ୍ ଭାରତକୁ ଅସୁବିଧାରେ ପକାଇପାରେ। ମାତ୍ର ଏହି ଦୁଇ ଦଳରେ ଥିବା ବ୍ୟାଟରଙ୍କ ଦକ୍ଷତାରେ ଖୁବ୍ ବ୍ୟବଧାନ ରହିଛି, ଯାହାକି ବୁଧବାର ନିର୍ଣ୍ଣାୟକ ହେବ।

ଭାରତୀୟ ଓପନର ଅଭିଷେକ ଶର୍ମା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ସେ ପାଖାପାଖି ୨୧୦ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳୁଛନ୍ତି। ତାଙ୍କ ଓପନିଂ ପାର୍ଟନର ଶୁବମନ୍ ଗିଲ୍ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୫୮ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳିଥିଲେ। ଏହି ତୁଳନାରେ ବାଂଲାଦେଶର ଦୁଇ ଶ୍ରେଷ୍ଠ ଟି୨୦ ବ୍ୟାଟର ଅଧିନାୟକ ଲିଟନ ଦାସ ୧୨୯ ଓ ତୋହିଦ ହ୍ରିଦୟ ୧୨୪ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳୁଛନ୍ତି।

ବାଂଲାଦେଶ ଜିତିବାକୁ ହେଲେ ଭାରତକୁ ପ୍ରଥମେ ବ୍ୟାଟିଂ ଦେଇ ୧୫୦-୧୬୦ ସ୍କୋର ମଧ୍ୟରେ ସୀମିତ ରଖିବାକୁ ପଡ଼ିବ। ଏଥିଲାଗି ମୁସ୍ତାଫିଜୁର ରହମାନଙ୍କ ସହ ଲେଗ୍ ବ୍ରେକ୍ ରିଶାଦ ହୋସେନ ଓ ଅଫ୍ ସ୍ପିନର ମହେଦି ହାସନଙ୍କୁ ମିଡଲ ଓଭରରେ ଭାରତୀୟ ବ୍ୟାଟରଙ୍କୁ ରୋକିବାକୁ ପଡ଼ିବ। ବାଂଲାଦେଶର ବ୍ୟାଟିଂ ବିଭାଗ ନିକଟରେ ମିଳିତ ଭାବେ ଭାରତୀୟ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବାର ଦକ୍ଷତା ନାହିଁ। କିନ୍ତୁ ଯଦି ବାଂଲାଦେଶ ବୋଲରମାନେ ଭାରତକୁ ୧୫୦-୧୬୦ ମଧ୍ୟରେ ସୀମିତ ରଖନ୍ତି, ତେବେ ବ୍ୟାଟରଙ୍କ ଲାଗି ସ୍କୋରର ପିଛା କରିବା ସମ୍ଭବ ହୋଇପାରିବ।



ବାଂଲାଦେଶ ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ଅଭ୍ୟାସ।

# କେନ୍ଦୁଝରକୁ ହରାଇଲା କଟକ



ବିପ୍ଲବ ସାମନ୍ତରାୟଙ୍କୁ ଅତିଥି ପଙ୍କଜ ଲୋଚନ ମହାନ୍ତି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୩ା୯ (ବିଜୟ ରଣା)**

ଓଡ଼ିଶା ପ୍ରୋ-ଟି୨୦ ଲିଗ୍‌ରେ ବିପ୍ଲବ ସାମନ୍ତରାୟଙ୍କ ଅଲ୍ ରାଉଣ୍ଡ ପ୍ରଦର୍ଶନ ବଳରେ କଟକ ପାନ୍ଥର୍ସ ୫ ଉଇକେଟରେ କେନ୍ଦୁଝର ମାଇନର୍ସକୁ ହରାଇଦେଇଛି। କଟକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ମାଇନର୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୨୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅନିଲ ପରିଡ଼ା ୩୬ ରନ (୩୦ ବଲ୍) କରିଥିବା ବେଳେ ଓମ୍ ଟି. ମୁଣ୍ଡେ ୨୮(୨୫ ବଲ୍) ରନ୍ କରିଥିଲେ। ପାନ୍ଥର୍ସ ଦଳର ସଫଳ ବୋଲର ବିପ୍ଲବ ସାମନ୍ତରାୟ ଚମତ୍କାର ବୋଲିଂକରି ୪ ଓଭରରେ ୧୮ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ପ୍ରଶାନ୍ତ ରଣା ୩୩ ରନ୍ ବିନିମୟରେ ୨ ଉଇକେଟ ସଫଳତା ପାଇଥିଲେ। ଜବାବରେ ପାନ୍ଥର୍ସ ଦଳ ୧୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୨୮ ରନ୍‌କରି ମ୍ୟାଚ ଜିତିନେଇଥିଲା। ଦଳ ତରଫରୁ ସୌରଭ କେ. ଗୌଡ଼ ୫୬(୩୯ ବଲ୍) ରନ୍‌କରି ଅପରାଜିତ ରହିଥିବା ବେଳେ ଅନ୍ୟତମ ସଫଳ ବ୍ୟାଟର ବିପ୍ଲବ ସାମନ୍ତରାୟ ୪୩(୩୪ ବଲ୍) ରନ୍ କରିଥିଲେ। ମାଇନର୍ସ ଦଳ ତରଫରୁ ପପୁ ରୟ ୨୦ ରନ୍ ବିନିମୟରେ ୩ଟି ଏବଂ ସୌମ୍ୟ ଆର୍. ଲେଙ୍କା ୨୩ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ୍ ଶେଷରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ବିପ୍ଲବ ସାମନ୍ତରାୟ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସଭାପତି ପଙ୍କଜଲୋଚନ ମହାନ୍ତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେ ଆହୁରି ମଧ୍ୟ କଟକ ପାନ୍ଥର୍ସ ଦଳର ଅଧିନାୟକ ସ୍ୱସ୍ତିକ୍ ସାମଲଙ୍କୁ ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ। ବର୍ଷା ଯୋଗୁ ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟନ୍ସ ମଧ୍ୟରେ ଖେଳାଯିବାକୁଥିବା ଦିନର ଦ୍ୱିତୀୟ ମ୍ୟାଚକୁ ବାତିଲ କରିଦିଆଯାଇଥିଲା।

# ଅକ୍ଟୋବର ୨୫ରୁ ସୁପର କପ୍

**ନୂଆଦିଲ୍ଲୀ, ୨୩ା୯ (ପି.ଟି.)**

ଘରୋଇ ଫୁଟ୍‌ବଲ ଟୁର୍ନାମେଣ୍ଟ ସୁପର କପ୍ ଆସନ୍ତା ଅକ୍ଟୋବର ୨୫ରୁ ଗୋଆରେ ଖେଳାଯିବ। ଏହି ଟୁର୍ନାମେଣ୍ଟ ସହ ଫୁଟ୍‌ବଲ ସିଜନ ଆରମ୍ଭ ହେବ ବୋଲି ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଓଡ଼ିଶା ଏଫ୍‌ସି ବ୍ୟତୀତ ଇଣ୍ଡିଆନ ସୁପର ଲିଗ୍‌ର ଅନ୍ୟ ସମସ୍ତ କ୍ଲବ୍ ଏଥିରେ ଭାଗନେବାକୁ ରାଜି ହୋଇଛନ୍ତି। ଆଇଏସ୍‌ଏଲ୍ କ୍ଲବ ସହିତ ଆଇ-ଲିଗ୍‌ର ୪ ଦଳ ଯଥା ଇଣ୍ଟର କାଶୀ, ରିୟଲ କଶ୍ମୀର, ଗୋକୁଲମ୍ କେରଳା ଏଫ୍‌ସି ଓ ରାଜସ୍ଥାନ ୟୁନାଇଟେଡ୍ ଟୁର୍ନାମେଣ୍ଟରେ ଭାଗନେବେ। ଆସନ୍ତା ଗୁରୁବାର ଭର୍ଚୁଆଲ ମୋଡ୍‌ରେ ଡ୍ର' ଘୋଷଣା କରାଯିବ। ସାଧାରଣତଃ ସୁପର କପ୍ ଘରୋଇ ଫୁଟ୍‌ବଲ ସିଜନର ଶେଷ ଟୁର୍ନାମେଣ୍ଟ ଭାବେ ଆୟୋଜନ କରାଯାଇଥାଏ। କିନ୍ତୁ ଅସାଧାରଣ ପରିସ୍ଥିତି ଯୋଗୁ ଏହାକୁ ସିଜନ ଆରମ୍ଭରୁ ଆୟୋଜନ କରାଯାଉଛି। ଏହି ଟୁର୍ନାମେଣ୍ଟର ବିଜେତା ଦଳକୁ ୨୦୨୬-୨୭ ସିଜନ ଲାଗି ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ପ୍ଲେ-ଅଫ୍‌ରେ ସ୍ଥାନ ମିଳିବ। ୨୦୨୪-୨୫ ସିଜନର ସୁପର କପ୍ ଚାମ୍ପିୟନ ଏଫ୍‌ସି ଗୋଆ ଏସିଏଲ୍ ପ୍ଲେ-ଅଫ୍ସରେ ଖେଳିବା ସହ ଗ୍ରୁପ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି।

# କିମ୍ବଦନ୍ତୀ ଅମ୍ପାୟର ଡିକି ବାର୍ଡଙ୍କ ପରଲୋକ

**ଲଣ୍ଡନ, ୨୩ା୯ (ପି.ଟି.)**

କିମ୍ବଦନ୍ତୀ କ୍ରିକେଟ୍ ଅମ୍ପାୟର ଡିକି ବାର୍ଡଙ୍କ ୯୨ ବର୍ଷ ବୟସରେ ପରଲୋକ ଘଟିଛି। ୧୯୭୩ରୁ ୧୯୯୬ ପର୍ଯ୍ୟନ୍ତ ତାଙ୍କ ଅମ୍ପାୟରିଂ କ୍ୟାରିୟରରେ ସେ ୬୬ ଟେଷ୍ଟ ଏବଂ ୬୯ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୧୯୯୬ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଲର୍ଡ୍ସ ଟେଷ୍ଟ ବାର୍ଡଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି ଏଥିରେ ସେମାନଙ୍କ ପ୍ରଥମ ଟେଷ୍ଟ ପଦାର୍ପଣ କରିଥିଲେ। ହାରୋଲ୍ଡ ଡେନିସ ଡିକି ବାର୍ଡ କ୍ରିକେଟ୍ ଜଗତରେ ଜଣେ ଲୋକପ୍ରିୟ ଅମ୍ପାୟର ଭାବେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ୟର୍କଶାୟାର କାଉଣ୍ଟି କ୍ରିକେଟ କ୍ଲବ ତରଫରୁ ଘୋଷଣା କରାଯାଇଥିଲା। ୟର୍କଶାୟାର ସହ ଡିକି ବାର୍ଡଙ୍କର ବହୁଦିନ ଧରି ସମ୍ପର୍କ ରହିଥିଲା। ଏହି କ୍ଲବ ତରଫରୁ ସେ ୧୯୫୬ରେ ଜଣେ ଖେଳାଳି ହିସାବରେ ପ୍ରଥମଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ୧୯୬୪ରେ କ୍ୟାରିୟର ଶେଷ ପୂର୍ବରୁ ସେ ୯୩ଟି ମ୍ୟାଚ୍ ଖେଳି ଦୁଇଟି ଶତକ ସହ ୩,୩୧୪ ରନ୍ ସଂଗ୍ରହ କରିଥିଲେ। ଭାରତୀୟ କ୍ରିକେଟ୍ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଡିକି ବାର୍ଡଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଇଂଲିଶ ଅମ୍ପାୟର ଜଣେ ଭିନ୍ନ ଚରିତ୍ରର ବ୍ୟକ୍ତି ଥିଲେ, ଯଏକି ଖେଳାଳିମାନଙ୍କ ଉତ୍ତେଜନା ଓ ଚାପକୁ ଭଲଭାବେ ହୃଦୟଙ୍ଗମ କରିପାରୁଥିଲେ।



# ଆଜି ଏଚ୍‌ଆଇଏଲ୍ ମିନି ଅକ୍ସନ

**ନୂଆଦିଲ୍ଲୀ, ୨୩ା୯ (ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ର ୨୦୨୬ ସିଜନ ଲାଗି ଉଭୟ ପୁରୁଷ ଓ ମହିଳା ବିଭାଗର ମିନି ଅକ୍ସନ ବୁଧବାର ଅନୁଷ୍ଠିତ ହେବ। ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ପାଇଁ ୨ କୋଟି ଟଙ୍କାର ସାଲାରି କ୍ୟାପ୍ ରଖାଯାଇଛି। ପ୍ରତ୍ୟେକ ଦଳରେ ୨ ଗୋଲ୍‌କିପର ଓ ୭ ବିଦେଶୀ ଖେଳାଳିଙ୍କ ସହ ସର୍ବାଧିକ ୨୦ ଖେଳାଳି ରହିପାରିବେ। ପ୍ରତ୍ୟେକ ଦଳକୁ ଅତିକମ୍‌ରେ ୩ ଭାରତୀୟ ଜୁନିୟର ଖେଳାଳିଙ୍କୁ ନେବାକୁ ପଡ଼ିବ, ଯାହାଫଳରେ ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ସୁଯୋଗ ମିଳିପାରିବ। ଅକ୍ସନ ଲାଗି ୨, ୫ ଓ ୧୦ ଲକ୍ଷ ଟଙ୍କାର ୩ଟି ବେସ୍ ପ୍ରାଇସ୍ ଧାର୍ଯ୍ୟ କରାଯାଇଛି। ଯଥେଷ୍ଟ ବଜେଟ ସହ ଦଳରେ ସ୍ଥାନ ଉପଲବ୍ଧ ଥିଲେ ହିଁ ଫ୍ରାଞ୍ଚାଇଜ୍‌କୁ ବିଡ୍ କରିବାକୁ ଅନୁମତି ଦିଆଯିବ।

# ଓଡ଼ିଶା କ୍ରୀଡ଼ାର ଦ୍ୱିତୀୟ ଅର୍ଜୁନ

**ଭୁବନେଶ୍ୱର, ୨୩ା୯ (ତପନ ସ୍ୱାଇଁ)**

ବିଜୟ କୁମାର ଶତପଥୀ ହେଉଛନ୍ତି ଓଡ଼ିଶା କ୍ରୀଡ଼ାର ଦ୍ୱିତୀୟ ଅର୍ଜୁନ ପୁରସ୍କାରପ୍ରାପ୍ତ କିମ୍ବଦନ୍ତୀ କ୍ରୀଡ଼ାବିତ୍। ୧୯୭୮-୭୯ରେ ଓଡ଼ିଶାର ପ୍ରଥମ କ୍ରୀଡ଼ାବିତ୍‌ଭାବେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ମହିଳା ସାଇକ୍ଲିଷ୍ଟ ମିନତି ମହାପାତ୍ର। ପୁରୀରେ ଜନ୍ମ, ରାଉରକେଲାରେ ପାଠପଢ଼ା ସହ ଚାକିରି ଜୀବନ ପରେ ଭୁବନେଶ୍ୱରରେ ଅବସର ସମୟ ବିତାଉଥିବା ମିନତି ୧୯୭୨ରୁ ୧୯୭୯ ଯାଏ ଦେଶର ଦ୍ରୁତତମ ସାଇକେଲ ଚାଳିକା ଭାବେ ବିବେଚିତ ହୋଇଥିଲେ। ଦୀର୍ଘ ୭ ବର୍ଷ ସେ ଜାତୀୟ ଚାମ୍ପିୟନ୍ ରହିଥିଲେ। ତାଙ୍କ ପରେ ୧୯୮୨ରେ ଅର୍ଜୁନ ପୁରସ୍କାର ପାଇ ରାଜ୍ୟକୁ ଗର୍ବିତ କରିଥିଲେ ବିଜୟ ଶତପଥୀ। କ୍ୟାରିୟରରେ ସେ ୫ଥର ଜାତୀୟ ଭାରୋତ୍ତୋଳନ ଚାମ୍ପିୟନ ଥିବାବେଳେ ୧୯୮୧ରେ ଅଷ୍ଟ୍ରେଲିଆର ବ୍ରିସ୍‌ବେନରେ ଆୟୋଜିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ସ୍ୱର୍ଣ୍ଣ, ୧୯୮୨ ବ୍ରିସ୍‌ବେନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ସେ ବାଣ୍ଟମୱେଟ୍ ବର୍ଗରେ ମୋଟ ୨୨୭.୫ କେଜି ଉତ୍ତୋଳନ କରି ଏହି ସଫଳତା ପାଇଥିଲେ। ଏହା ବ୍ୟତୀତ ୧୯୮୧ ନାଗୋୟା ଏବଂ ୧୯୮୩ ଡାମାସ୍‌କସ୍ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତି ସେ ଭାରତକୁ ଗର୍ବିତ କରିଥିଲେ। ସେହିପରି ୧୯୯୦ ଜାପାନ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପାକିସ୍ତାନ ନ୍ୟାଶନାଲ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ ତାଙ୍କ କୃତୀର ଅନ୍ୟ ଗୋଟିଏ ଲେଖାଏ ଇସ୍ତାହାର। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ୍ସ ଆସୋସିଏଶନ ପକ୍ଷରୁ ତାଙ୍କୁ ୨୦୨୪ରେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅସୁସ୍ଥ ଯୋଗୁ ସେ ଭୁବନେଶ୍ୱରରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ ଅନୁପସ୍ଥିତ ରହିବାରୁ ରାଜ୍ୟର ଅନ୍ୟତମ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ କେ. ରବିକୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ।



କେ. ରବିକୁମାରଙ୍କ ସହ ବିଜୟ କୁମାର ଶତପଥୀ (ବାମ)।

# ବିଭିନ୍ନ ମହଲରୁ ଶୋକ

**ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କ ବିୟୋଗରେ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।**

ଭାରତୀୟ ଭାରୋତ୍ତୋଳନ ସଂଘ ଏବଂ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକଟ କରାଯାଇଛି। ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଭର୍ଚୁଆଲି ଆୟୋଜିତ ଶୋକସଭାରେ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, କୋଷାଧ୍ୟକ୍ଷ ଜଙ୍ଗ ନାରାୟଣ ନନ୍ଦ, ସହ ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର, ପରାମର୍ଶଦାତା ବି.ଭି.ଜି. ରାଓ, ସୁଧୀର କୁମାର ପାତ୍ର, ବିନୟ କୁମାର ପାଣ୍ଡେ, ନକୁଳ ସାହୁ, ଅଲିମ୍ପିଆନ କେ. ରବି କୁମାର ଓ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ବିଜୟ ଶତପଥୀ ଗଞ୍ଜାମ ଜିଲାସ୍ଥିତ ବ୍ରହ୍ମପୁର ସହର ବାସଭବନରେ ସୋମବାର ରାତିରେ ୭୧ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି।

“ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ପ୍ରତିଷ୍ଠିତ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ଅମର ଆତ୍ମାର ଶାନ୍ତି ସହିତ ଏପରି ଦୁଃଖଦ ସମୟରେ ଭଗବାନ୍ ତାଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ମୁଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

“ରାଜ୍ୟର ଜଣେ ପ୍ରତିଷ୍ଠିତ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ବିଜୟ ଶତପଥୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଭାରୋତ୍ତୋଳନ କ୍ଷେତ୍ରରେ ତାଙ୍କ ସଫଳତା ପ୍ରତ୍ୟେକଙ୍କୁ ଅନୁପ୍ରେରିତ କରିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି।

**-ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା**

“ବିଜୟ ଶତପଥୀଙ୍କ ବିୟୋଗରେ ଓଡ଼ିଶା କ୍ରୀଡ଼ା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ମୁଁ ପ୍ରାର୍ଥନା କରୁଛି।

**-ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ାମନ୍ତ୍ରୀ**

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୪/୨୦୨୫ Bhubaneswar, Wednesday, September 24/ 2025

# ଡେମ୍ବେଲେ, ବୋନ୍‌ମାଟିଙ୍କୁ ବାଲନ ଡି'ଅର୍ ପୁରସ୍କାର

**ପ୍ୟାରିସ୍, ୨୩।୯(ଏପି)**

ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)କୁ ପ୍ରଥମଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିବାରେ ପ୍ରମୁଖ ଭୂମିକା ପାଇଁ ଓସ୍‌ମାନେ ଡେମ୍ବେଲେ ଏଥର ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ଆଇଟାନା ବୋନ୍‌ମାଟି କ୍ରମାଗତ ତୃତୀୟ ବର୍ଷ ଏହି ପୁରସ୍କାର ଜିତିଛନ୍ତି। ଡେମ୍ବେଲେ ମାଞ୍ଚେଷ୍ଟର ସିଟି ମିଡ୍‌ଫିଲ୍ଡର ରୋଡ୍ରିଙ୍କୁ ପଛରେ ପକାଇ ରେମଣ୍ଡ କୋପା, ମାଇକେଲ ପ୍ଲାଟିନି, ଜିନ୍-ପିଏରେ ପପିନ୍, ଜିନେଡିନ୍ ଜିଡାନ ଓ କରିମ ବେଞ୍ଜେମାଙ୍କ ପଛକୁ ୬ଷ୍ଠ ଖେଳାଳି ଭାବେ ବାଲନ ଡି'ଆର ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ବୋନ୍‌ମାଟି ତାଙ୍କ ସ୍ପେନ୍ ଟିମ୍‌ମେଟ୍ ମାରିଓନା କାଲ୍‌ଡେନ୍‌ଟିଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ଇତିହାସରେ ପ୍ଲାଟିନି(୧୯୮୩-୮୫) ଓ ଲିଓନେଲ ମେସି(୨୦୦୯-୧୨)ଙ୍କ ପରେ ସେ ତୃତୀୟ ଖେଳାଳି ଭାବେ କ୍ରମାଗତ ୩ୟଥର ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ପୁରସ୍କାର ଡେମ୍ବେଲେଙ୍କ ଭାଗ୍ୟଚକ୍ରରେ ବଡ଼ ପରିବର୍ତ୍ତନ ଆଣିଦେବ। ଗତ ସିଜନରେ ଶୃଙ୍ଖଳାଗତ କାରଣରୁ ପିଏସ୍‌ଜି କୋଚ୍ ଲୁଇସ୍ ଏନ୍‌ରିକ୍ ତାଙ୍କ ଉପରେ ଖପ୍ପା ଥିଲେ। ମାତ୍ର ନମ୍ବର-୯କୁ ଫେରିବା ପରେ ଏକ ସ୍କୋରିଂ ମେଶିନ ହୋଇଥିଲେ ଏବଂ ପିଏସ୍‌ଜିର ଐତିହାସିକ ଚାମ୍ପିୟନ୍ସ ଲିଗ୍ ଅଭିଯାନରେ ସେ ପ୍ରେରଣାଦାୟକ ଥିଲେ। ଡେମ୍ବେଲେ ଗତ ସିଜନରେ ୫୩ ଅଫିସିଆଲ ମ୍ୟାଚ୍‌ରେ ୩୫ଟି ଗୋଲ୍ ସ୍କୋର କରିଥିବା ବେଳେ ୧୬ଟିରେ ସହାୟକ ହୋଇଥିଲେ। ଚାମ୍ପିୟନ୍ସ ଲିଗ୍‌ରେ ସେ ୧୫ଟି ମ୍ୟାଚ୍ ଖେଳିଥିବା ବେଳେ ୧୪ଟି ଗୋଲ୍(୮ ଗୋଲ୍, ୬ଟିରେ ସହାୟକ) ସହିତ ସମ୍ପୃକ୍ତ ଥିଲେ। ଡେମ୍ବେଲେ ପୂର୍ବତନ ବାଲନ ଡି'ଅର୍ ପୂର୍ବତନ ବିଜେତା ରୋନାଲ୍‌ଡିନୋଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ଭାଷଣ ସମୟରେ ସେ କାନ୍ଦି ପକାଇଥିଲେ, ଯେଉଁଥିରେ ସେ ନିଜ ମା'ଙ୍କୁ ତାଙ୍କ ସହ ମଞ୍ଚରେ ଯୋଗଦେବାକୁ କହିଥିଲେ। ଡେମ୍ବେଲେ ସ୍ୱଳ୍ପବୟସ୍କ ଷ୍ଟାର୍ ଲାମିନେ ୟାମାଲଙ୍କୁ ପଛରେ ପକାଇ ପୁରସ୍କାର ଜିତିଥିଲେ। ଲାମିନେ ଗତ ଜୁଲାଇରେ ୧୮ ବର୍ଷ ବୟସରେ ପଦାର୍ପଣ କରିଥିଲେ। ଗତ ସିଜନରେ ବାର୍ସିଲୋନାକୁ ଲା' ଲିଗା ଓ କୋପା ଡେଲ୍ ରେ' ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ସେ କ୍ରମାଗତ ଦ୍ୱିତୀୟ ବର୍ଷ ଶ୍ରେଷ୍ଠ ୨୧ ବର୍ଷରୁ କମ୍ ଖେଳାଳି କୋପା ପୁରସ୍କାର ଲାଭ କରିଥିଲେ। ଅନ୍ୟପକ୍ଷରେ ବୋନ୍‌ମାଟିଙ୍କ ଦଳ ଯଦିଓ ମହିଳା ୟୁରୋପିଆନ୍ ଚାମ୍ପିୟନଶିପ୍ ଫାଇନାଲରେ ଏକ ପେନାଲ୍‌ଟିରେ ଇଂଲଣ୍ଡ ନିକଟରୁ ହାରିଯାଇଥିଲା, ତଥାପି ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭାଇରାଲ ମେନିଞ୍ଜିଟିସ୍ ରୋଗରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତିହେବାର କିଛିଦିନ ପରେ ଟୁର୍ନାମେଣ୍ଟରେ ଖେଳିଥିଲେ।



ପୁରସ୍କାର ସହ ଆଇଟାନା ବୋନ୍‌ମାଟି ଓ ଓସ୍‌ମାନେ ଡେମ୍ବେଲେ।

# ସ୍ଲୋ ଓଭର ରେଟ୍ ପାଇଁ ଭାରତୀୟ ମହିଳା ଦଳ ଦଣ୍ଡିତ

**ନୂଆଦିଲ୍ଲୀ, ୨୩।୯ (ପି.ଟି.)**

ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଏକ ସ୍ଲୋ-ଓଭର ରେଟ୍ ପାଇଁ ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସେମାନଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଶନିବାର ସ୍ଥାନୀୟ ଫିରୋଜ ଶାହ କୋଟ୍‌ଲା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୧୨୫ ରନ୍ ସତ୍ତ୍ୱେ ଆୟୋଜକ ଭାରତ ୪୩ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ଭାରତ ଅଷ୍ଟ୍ରେଲିଆଠାରୁ ୧-୨ରେ ସିରିଜ୍ ହାରିଯାଇଥିଲା। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଜି.ଏସ୍. ଲକ୍ଷ୍ମୀ ଏହି ଦଣ୍ଡ ବିଧାନ କରିଛନ୍ତି। ଭାରତୀୟ ମହିଳା ଦଳ ଧାର୍ଯ୍ୟ ସମୟରେ ଟାର୍ଗେଟ୍‌ଠାରୁ ୨ ଓଭର ପଛରେ ରହିଯାଇଥିଲା। ଭାରତ ଅଧିନାୟିକା ହରମନପ୍ରୀତ୍ କୌର ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

# ଯୁବିଙ୍କ ବୟାନ ରେକର୍ଡ

**ନୂଆଦିଲ୍ଲୀ, ୨୩।୯(ପି.ଟି.)**

ଭାରତର ପୂର୍ବତନ ଅଲ୍‌ରାଉଣ୍ଡର ଯୁବରାଜ ସିଂ (ଯୁବି)ଙ୍କର ମଙ୍ଗଳବାର ଅନ୍‌ଲାଇନ୍ ବେଟିଂ ଆପ୍ '୧Xବେଟ୍' ସହ ଜଡ଼ିତ ଟଙ୍କା ହେର୍‌ଫେର୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୟାନ ରେକର୍ଡ କରାଯାଇଛି। ୪୩ ବର୍ଷୀୟ ଯୁବି ଏକ ଧଳାରଙ୍ଗର ଟି-ଶାର୍ଟ ପିନ୍ଧି ମଧ୍ୟାହ୍ନ ୧୨ଟା ବେଳେ ଇଡି କାର୍ଯ୍ୟାଳୟରେ ନିଜ ଆଇନଗତ ଦଳ ସହ ପହଞ୍ଚିଥିଲେ।

STEWART SCHOOL BHUBANESWAR
An Institution under the Management of Diocese of Cuttack, Church of North India
UNIT- VIII, CRP SQUARE, BHUBANESWAR-751012
Affiliated to Council for the Indian School Certificate Examinations, New Delhi
Ph. No.- 8480743569, 8917219065
E-mail: stewartbbsr@gmail.com
Website: www.stewartschoolbbsr.in
ADMISSION OPEN
For Nursery, Junior KG, Senior KG and Std - I to IX for Academic Session 2026-2027
Application Forms may be downloaded from the School website and to be submitted along with a Bank Challan of Rs.500/- at the Office of the Principal

# ସ୍ୱର୍ଣ୍ଣ ପଦକ ଜିତିଲେ ଦୀପ୍ତିମୟୀ

**ବରୀ, ୨୩।୯(ମହେନ୍ଦ୍ର ସ୍ୱାଇଁ)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୩୬ତମ ଇଷ୍ଟ ଜୋନ୍ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୀପ୍ତିମୟୀ ଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ୮୦ ମିଟର ବାଧା ଦୌଡ଼ ଇଭେଣ୍ଟରେ ୧୨.୦୧ ସେକେଣ୍ଡ ଟାଇମିଂ ହାସଲକରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଦୀପ୍ତିମୟୀଙ୍କ ଘର ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମରେ। ତାଙ୍କ ବାପାଙ୍କ ନାମ ସୁକାନ୍ତ ଦାସ ଓ ମା'ଙ୍କ ନାମ ପ୍ରତିମା ଦାସ। ଏହି ଉପଲବ୍ଧି ପଛରେ କୋଚ୍ ରିତା ଗେଣ୍ଡୁଆଙ୍କ ଉଦ୍ୟମ ଏବଂ ବାପା-ମା'ଙ୍କ ଆଶୀର୍ବାଦ ରହିଥିବା ଦୀପ୍ତିମୟୀ କହିଛନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ବେଳେ ଆଗାମୀ ଦିନରେ ଜାତୀୟ ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ପଦକ ହାସଲ କରିବାକୁ ଆଶା ରଖିଛନ୍ତି।



ଦୀପ୍ତିମୟୀ ଦାସ




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ